R.N.I. REGN. No. 65000/96 POSTAL REGN. No. OR/BN-32/12-14

12 October 2025, Sunday

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୦୮
ତିଥି : ପଞ୍ଚମୀ
୧୨ ଅକ୍ଟୋବର ୨୦୨୫, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

### ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା, ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ

# ନୀଳ ବିପ୍ଳବରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହେବ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୧୧ ।୧୦ (ସବ୍ୟୁ) : ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ସବୁ ଯୋଜନା ଗୁଡ଼ିକ କୃଷିକ୍ଷେତ୍ରରେ କୃଷକମାନଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ।

ସୂଚନା ଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶର ୧୦୦ଟି ଜିଲ୍ଲାରେ ଏହି ଯୋଜନା ଆରମ୍ଭ କରାଯାଇଛି। ଏଥିସହିତ ରାଜ୍ୟର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଓ ନୂଆପଡ଼ା ଜିଲ୍ଲାରେ ମଧ୍ୟ ଆଜି ଠାରୁ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା କାର୍ଯ୍ୟକାରୀ କରାଗଲା । ଏହି ଯୋଜନାରେ ସାରା ଦେଶରେ ଆସନ୍ତା ୬ ବର୍ଷ ପାଇଁ ବର୍ଷକୁ ୨୪ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଦେଶର ୧.୭ କୋଟି କୃଷକ ଉପକୃତ ହେବେ ।

- ସମ୍ବଲପୁର, ବସନ୍ତପୁରରେ ୧୦୦ କୋଟିର ଆକ୍ୱା ପାର୍କ
- ପାଣ୍ଡରାରେ ୬୦ କୋଟିର ମାଛ ମାର୍କେଟ
- ୪ ଜିଲ୍ଲାରେ କାର୍ଯ୍ୟକାରୀ ହେବ ଯୋଜନା

ଏହି ଅବସରରେ ଆଜି ପ୍ରଧାନମନ୍ତ୍ରୀ ସମ୍ବଲପୁରର ବସନ୍ତପୁର ଠାରେ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରା ଠାରେ ପ୍ରାୟ ୬୦ କୋଟି ଟଙ୍କାରେ ଅତ୍ୟାଧୁନିକ ମାଛ ମାର୍କେଟ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ କେବଳ ଓଡିଶାର ନୁହେଁ, ସାରା ଦେଶର ପ୍ରମୁଖ ଜୀବିକା । ଆଜି ବି ଓଡିଶାର ୬୦ ପ୍ରତିଶତରୁ ଅଧିକ ଏବଂ ଦେଶର ପ୍ରାୟ ୫୦ ପ୍ରତିଶତ ଲୋକେ ଏହା ମାଧ୍ୟମରେ ଜୀବିକା ନିର୍ବାହ କରିଥାନ୍ତି । ତେଣୁ, ମୋଦୀଜୀଙ୍କ ସରକାର ୨୦୧୪ ମସିହାରୁ କୃଷକଙ୍କ ପାଇଁ ଅଭୂତପୂର୍ବ କଲ୍ୟାଣକାରୀ ଯୋଜନାଗୁଡ଼ିକ ପ୍ରଣୟନ କରିଆସୁଛନ୍ତି, ଯାହା ଫଳରେ ଆଜି କୃଷକ ସମାଜର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିଛି।

ଗତ ୧୧ ବର୍ଷ ଭିତରେ ଆମ ଦେଶ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇ ପାରିଛି । ଦେଶକୁ ପ୍ରମୁଖ ଖାଦ୍ୟ ଶସ୍ୟ ତୈଳବୀଜ ଓ ଡାଲି ଜାତୀୟ ପଦାର୍ଥ ଦିଗରେ ଆତ୍ମନିର୍ଭର କରିବା ଆବଶ୍ୟକ । ଆଜି ବି ଆମ ଦେଶ ଡାଲି ଏବଂ ଖାଇବା ତେଲ ପାଇଁ ବିଦେଶ ଉପରେ ନିର୍ଭରଶୀଳ। ଆମକୁ ଏହି ନିର୍ଭରଶୀଳତାକୁ ହ୍ରାସ କରିବାକୁ ପଡିବ। (୯ ପୃଷ୍ଠାରେ)

# ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ପଶ୍ଚିମବଙ୍ଗରେ ଗଣ ଦୁଷ୍କର୍ମ

କୋଲକାତା, ୧୧ ।୧୦ (ସବ୍ୟୁ) : ପଶ୍ଚିମବଙ୍ଗର ଦୁର୍ଗାପୁର ଅଞ୍ଚଳରେ ଥିବା ଆଇପିୟୁ ସିଟି ମେଡିକାଲ କଲେଜର ଦ୍ୱିତୀୟ ବର୍ଷର ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଛି । ସମ୍ପୃକ୍ତ ଛାତ୍ରୀ ଜଣକ ଓଡିଶାର ଜଳେଶ୍ୱର ( ୯ ପୃଷ୍ଠାରେ)

**ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି**

**କ୍ୟାଣ୍ଟିନରୁ ଖାଇ ଫେରିବାବେଳେ ଗଣଦୁଷ୍କର୍ମର ଶିକାର**

### ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଲାଗି ମୁଖ୍ୟମନ୍ତ୍ରୀଙ୍କ ଦାବି

ଭୁବନେଶ୍ୱର, ୧୧ ।୧୦ (ସବ୍ୟୁ) : ପଶ୍ଚିମବଙ୍ଗ ଦୁର୍ଗାପୁରରେ ଓଡ଼ିଆ ଛାତ୍ରୀଙ୍କ ସହ ଘଟିଥିବା ଦୁର୍ଭାଗ୍ୟଜନକ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ପୀଡାଦାୟକ। ଏହା ମୋତେ ଗଭୀର ଭାବରେ ମର୍ମାହତ କରିଛି। ଏହି ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଦୃଢ଼ ଦାବି ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉଲ୍ଲେଖ କରିଛନ୍ତି। ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୀଡିତାଙ୍କ ଆଶୁ ଆରୋଗ୍ୟ କାମନା କରୁଛି । ପଶ୍ଚିମବଙ୍ଗ ସରକାରଙ୍କୁ ଯୋଗାଯୋଗ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି । ପରିବାର ବର୍ଗଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ପ୍ରଦାନ କରାଯିବ ।

# ୩ ଦିନ ମଧ୍ୟରେ ଓଡ଼ିଶାରୁ ଫେରିବ ମୌସୁମୀ

ଭୁବନେଶ୍ୱର, ୧୧ ।୧୦ (ସବ୍ୟୁ): ଦକ୍ଷିଣ ବାଂଲାଦେଶ ଓ ଏହାର ପାଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ପ୍ରଭାବରେ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। ସେପଟେ ଦେଶର ଅବଶିଷ୍ଟ ଭାଗରୁ ଦକ୍ଷିଣ ପଶ୍ଚିମ-ମୌସୁମୀ ବାୟୁ ପ୍ରତ୍ୟାହାର ପାଇଁ ପାରପାଶ୍ୱର୍କ ପରିସ୍ଥିତି ଅନୁକୂଳ ହୋଇଛି। ଆଗାମୀ ୨ରୁ ୩ଦିନ ମଧ୍ୟରେ ରାଜ୍ୟରୁ ମୌସୁମୀ ବାୟୁର ଲେଉଟାଣି ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି ।

ଦକ୍ଷିଣ ଉପଦ୍ୱୀପୀୟ ଭାରତ, ଦକ୍ଷିଣ ଏବଂ ସଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ପୂର୍ବାଳୀ ଓ ଉତ୍ତରା-ପୂର୍ବାଳୀ ବାୟୁ ପ୍ରବେଶ କରିବ । ସେହି ସମୟରେ ଦକ୍ଷିଣ-ପୂର୍ବ ଉପଦ୍ୱୀପୀୟ ଅଞ୍ଚଳରେ ଉତ୍ତର-ପୂର୍ବ ମୌସୁମୀ ବର୍ଷାର ଆଗମନ ଆରମ୍ଭ ହେବାର ସମ୍ଭାବନା ରହିଛି । ରାଜ୍ୟରୁ ଧୀରେ ଧୀରେ ବାୟୁ ଚଳାଚଳର ଦିଗ ବଦଳିବା ସହିତ ପଶ୍ଚିମ ଓଡ଼ିଶାର କିଛି ସ୍ଥାନରୁ ମୌସୁମୀ ବାୟୁ ବିଦାୟ ନେବା ପାଇଁ ପାଗ ଅନୁକୂଳ ହେବ ।

ଆସନ୍ତାକାଲି (ରବିବାର) କୋରାପୁଟ ଜିଲ୍ଲାକୁ ପ୍ରବଳ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।୧୨ ଓ ୧୩ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲାକାନଗିରି ଓ ରାୟଗଡ଼ା ଜିଲ୍ଲାରେ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ ।

### ଭାଇଭାଇ ମଠରେ ଯୌନ କେଲେଙ୍କାରୀ ପାଇଁ ହୋଇଥିଲା ଗୁଳିକାଣ୍ଡ

# ବାବା ସମେତ ୪ ଗିରଫ







ଭୁବନେଶ୍ୱର, ୧୧ ।୧୦ (ସବ୍ୟୁ) : ରାଜଧାନୀ ଉପକଣ୍ଠ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଦେଉଳିଆପାଟଣା ଗ୍ରାମରେ ଥିବା ଭାଇଭାଇ ମଠରେ ଯୌନ କେଲେଙ୍କାରୀ ପାଇଁ ଗୁଳିକାଣ୍ଡ ହୋଇଥିଲା । ପୋଲିସ ଏହା ଜାଣିବା ପରେ ଦୁଇଟି ମାମଲା ରୁଜୁ କରି ବାବା ଅଜୟ ସାମନ୍ତରାୟ ଓରଫ ଭାଇ (୭୮) ସମେତ ୪ ଜଣଙ୍କୁ ଗିରଫ କରିଛି। ମଠକୁ ପୋଲିସ ସିଲ୍ କରିଥିବା ଶନିବାର ସାମ୍ବାଦିକ ସମ୍ମିଳନୀରେ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି ।

ବାବାଙ୍କ ସମେତ ଗିରଫ ହୋଇଥିବା ଅନ୍ୟ ୩ ଜଣ ହେଲେ ସହଯୋଗୀ ସୁକାନ୍ତ ବିଶ୍ୱାଳ ଓ ଗୁଳି ମାଡ଼ କରିଥିବା ଦୁଇଜଣ ଅଭିଯୁକ୍ତ ହେଲେ ଭଦ୍ରକ ଜିଲ୍ଲାର ମୁକ୍ତିକାନ୍ତ ଦାସ ଓ ସରୋଜ ରାଉତ । ଗୁଳିକାଣ୍ଡ ମାମଲାରେ ଗିରଫ ହୋଇଥିବା ଦୁଇଜଣଙ୍କ ନିକଟରୁ ଗୋଟିଏ ପିସ୍ତଲ, ୪ ଗୁଳି, ମୋବାଇଲ ଓ ବୁଲେଟ ଜବତ ହୋଇଛି । ଗୁଳିମାଡ଼ର କାରଣ ହେଉଛି ୨୦୨୨ ମସିହାରେ ମଠକୁ ମା-ଝିଅ ବୁଲିବାକୁ ଆସିଥିଲେ। ନାବାଳିକା ଝିଅ ସହ ଯୌନ ସମ୍ପର୍କ ରଖିବା ପାଇଁ ବାବା ସୁକାନ୍ତ ମାଧ୍ୟମରେ ବାରମ୍ବାର ଡକାଇଥିଲା। ବ୍ୟଭିଚାରରେ ସୁକାନ୍ତର ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି । ଗୁଳିମାଡ଼ରେ ଅଶୋକ ମହାନ୍ତି ଓ ସୁନୀଲ ବାରିକ ଆହତ ହୋଇଥିଲେ । ଗୁଳିମାଡ଼ କରିଥିବା ଦୁଇ ଅଭିଯୁକ୍ତ ବାବା ଅଜୟ ଓ ସହଯୋଗୀ ସୁକାନ୍ତଙ୍କୁ ଟାର୍ଗେଟ କରି ଆସିଥିବା ବେଳେ ସେମାନଙ୍କୁ ପାଇ ନଥିଲେ। ମଠ ଉପରକୁ ଗୁଳିମାଡ଼ କରିବା ସମୟରେ ଅଶୋକ ଓ ସୁନୀଲ ଦେହରେ ଗୁଳି ବାଜିଥିଲା । ଆହତ ଦୁଇଜଣ ତାଙ୍କ ଟାର୍ଗେଟ୍‌ରେ ନଥିଲେ। ଗୁଳିମାଡ଼ କରିଥିବା ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ପିଡ଼ିତାଙ୍କ ସମ୍ପର୍କୀୟ ବୋଲି ପୋଲିସ କମିଶନର କହିଛନ୍ତି ।

୨୦୨୨ ମସିହାରୁ କ୍ରମାଗତ ଭାବେ ନାବାଳିକାକୁ ମଠକୁ ଡାକି ଦୁଷ୍କର୍ମ କରିଚାଲିଥିଲେ। ଏହା ସମ୍ପର୍କୀୟ ଜାଣିବା ପରେ ବାବା ଓ ସୁକାନ୍ତ ଉପରେ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ । ମେ' ମାସରେ ସୁକାନ୍ତକୁ ଭଦ୍ରକ ଡାକି ଗୁଳିମାଡ଼ କରିଥିବା ( ୯ ପୃଷ୍ଠାରେ)

# ବିଜେପିରେ ଯୋଗଦେଲେ ଜୟ ଢୋଲକିଆ



ଭୁବନେଶ୍ୱର, ୧୧ ।୧୦ (ସବ୍ୟୁ) : ନୂଆପଡା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ କାର୍ଯ୍ୟକଳାପ ସେତିକି ଚଳଚଞ୍ଚଳ ହେଉଛି । ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଆଜି ବିଜେପିରେ ଯୋଗ ଦେଇଛନ୍ତି। ୨୦୨୪ ନିର୍ବାଚନରେ ରାଜେନ୍ଦ୍ର ଢୋଲକିଆ ବିଜେଡିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଦେହାନ୍ତ ପରେ ହେବାକୁ ଥିବା ଉପନିର୍ବାଚନରେ ତାଙ୍କ ପୁଅ ଜୟ ଢୋଲକିଆ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି କିଛିଦିନ ତଳେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ହେଲେ ଆଜି ସେ ବିଜେପିରେ ସାମିଲ ହୋଇଛନ୍ତି । ନୂଆପଡା ଉପନିର୍ବାଚନରେ ସେ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବା ପ୍ରାୟତଃ ଚୂଡାନ୍ତ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି ।

**ନୂଆପଡା ଉପନିର୍ବାଚନରେ ହୋଇପାରନ୍ତି ପ୍ରାର୍ଥୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ଭାରତ ଗଠନ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ବିଜେପିରେ ନୂତନ କାର୍ଯ୍ୟକର୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି। ଦିବଂଗତ ନେତା ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ତାଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ବିଧିବଦ୍ଧ ଭାବେ ସାମଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ( ୯ ପୃଷ୍ଠାରେ)





## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି
# ରାମ ମନୋହର ଲୋହିଆ

ଭାରତକୁ ବ୍ରିଟିଶ ଶାସନମୁକ୍ତ କରିବା ପାଇଁ ଅଗଣିତ ସ୍ୱାଧୀନତା ସଂଗ୍ରାମୀ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ । ସେହି ବରପୁତ୍ରଙ୍କ ମଧ୍ୟରେ ଜଣେ ଥିଲେ ରାମ ମନୋହର ଲୋହିଆ । ସେ ଭାରତମାତାକୁ ଇଂରେଜ ଗୋଲାମୀରୁ ମୁକ୍ତ କରିବାକୁ ନିଜର ସବୁକିଛି ବାଜି ଲଗାଇ ଦେଇଥିଲେ । ସେ ଥିଲେ ଖୁବ୍ ସାହସୀ ଏବଂ ଆଶାବାଦୀ ମଣିଷ । ତାଙ୍କ ଜୀବନଚରିତରୁ ଜଣାପଡ଼େ, ସେ ପ୍ରଗତିଶୀଳ ବିଚାରସମ୍ପନ୍ନ ବ୍ୟକ୍ତି ଥିଲେ । ବର୍ତ୍ତମାନ ସମୟରେ ତାଙ୍କର ଏହି ଅମୂଲ୍ୟ ବିଚାରଧାରା ସାଧାରଣ ଜନତାଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟୀ ହୋଇପାରିଛି । ୧୯୧୦ ମସିହା ମାର୍ଚ୍ଚ ୨୩ ତାରିଖରେ ତାଙ୍କର ଜନ୍ମ ହୋଇଥିଲା । ଲୋହିଆ ଜଣେ ମେଧାବୀ ଛାତ୍ର ଥିଲେ । ସ୍କୁଲ ଶିକ୍ଷା ସମାପ୍ତ ପରେ ସ୍ନାତକ ଶିକ୍ଷା ପାଇଁ ବର୍ଲିନ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ସେ ଜର୍ମାନୀ ଚାଲିଯାଇଥିଲେ । ଭାରତ ଫେରିବା ପରେ ମହାତ୍ମା ଗାନ୍ଧୀ, ଜୟ ପ୍ରକାଶ ନାରାୟଣ, ନେହେରୁ, ସୁଭାଷଚନ୍ଦ୍ର ବୋଷ ଆଦି ସ୍ୱାଧୀନତା ସଂଗ୍ରାମୀଙ୍କ ସଂସ୍ପର୍ଶରେ ଆସିଥିଲେ । ଏହାପରେ ଭାରତ ସ୍ୱାଧୀନତା ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ସେ ଜେଲ ମଧ୍ୟ ଯାଇଥିଲେ । ଜୀବନସାରା ଦେଶର ସେବା କରିଥିବା ଡ.ରାମ ମନୋହର ଲୋହିଆ ୧୯୬୭ ମସିହା ଅକ୍ଟୋବର ୧୧ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

**ଡ଼ଃ.ଅରୁନ୍ଧତୀ ଦେବୀ**
**ମୋ ୯୯୩୭୧୭୨୮୧୦**

# କେଶ ସଂଗ୍ରହାଳୟ

ବିଶ୍ୱରେ ଏଭଳି ଅନେକ ସଂଗ୍ରହାଳୟ ବା ମ୍ୟୁଜିୟମ ରହିଛି ଯେଉଁଥିରେ ଖୁବ ଅଜବ ଅଜବ ସାମଗ୍ରୀକୁ ସଂରକ୍ଷିତ କରି ରଖାଯାଇଥାଏ । ଏହି ତାଲିକାରେ ବିଭିନ୍ନ ପ୍ରକାରର ମ୍ୟୁଜିୟମ ସାମିଲ ଅଛନ୍ତି । ବର୍ତ୍ତମାନ ସେହିଭଳି ଏକ ଅଜବ ମ୍ୟୁଜିୟମ ସୋସିଆଲ ମିଡିଆରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛି । ଆମେରିକାର ମିସୋରୀରେ ରହିଛି ଲିଲା କେଶ ମ୍ୟୁଜିୟମ, ଯାହା ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ମ୍ୟୁଜିୟମରେ ଅନେକ ବରିଷ୍ଠ ଲୋକଙ୍କର କେଶ ସାମିଲ ରହିଛି । ଏଠାରେ ହଲିଉଡ ଲିଜେଣ୍ଡ ମାର୍ଲିନ ମୁନରୋ ଓ ପୂର୍ବ ରାଷ୍ଟ୍ରପତିମାନଙ୍କର କେଶ ରହିଛି । ଏହିଭଳି ଏଠାରେ ୩ ହଜାର ଲୋକଙ୍କର କେଶକୁ ସଂରକ୍ଷିତ କରି ରଖା ଯାଇଛି । ତେବେ ଏହି କେଶରୁ ଆର୍ଟିଷ୍ଟମାନେ ଫାଇନ ଆର୍ଟ ପ୍ରସ୍ତୁତ କରି ଏହାକୁ ସଂଗ୍ରହାଳୟରେ ସ୍ଥାନ ଦେଇଛନ୍ତି । ଏପରିକି ଏହି ମ୍ୟୁଜିୟମରେ ମୃତ ବ୍ୟକ୍ତିମାନଙ୍କର କେଶରୁ ପ୍ରସ୍ତୁତ ହାର, ଘଣ୍ଟା ଭଳି ସାମଗ୍ରୀକୁ ମଧ୍ୟ ସାଇତି ରଖାଯାଇଛି । ଏହି ସମସ୍ତ ସାମଗ୍ରୀର ମୂଲ୍ୟ ପାଖାପାଖି ୮.୩ କୋଟି ହେବ ବୋଲି ଆକଳନ କରାଯାଇଥାଏ । ୧୯୫୬ରେ ଏହି ମ୍ୟୁଜିୟମର ସ୍ଥାପନା ଲୀଲା କହ୍ନୁନ କରିଥିଲେ । ୧୮୮୦ ମସିହାରେ ମହିଳାମାନେ ନିଜ ପ୍ରିୟଜନଙ୍କୁ ମନେ ରଖିବାପାଇଁ ସେମାନଙ୍କ କେଶରୁ ହାର ମାଳ ପ୍ରସ୍ତୁତ କରି ସାଇତି ରଖୁଥିଲେ । ଏହାପରେ ୧୯୪୦ରେ ଲୋକମାନେ ଧୀରେଧୀରେ ପ୍ରିୟଜନଙ୍କର ଫଟୋ ରଖିବା ଆରମ୍ଭ କରିଥିଲେ ଯାହା ହେୟାର ଆର୍ଟକୁ ସମାପ୍ତ କରିଥିଲା ।



### ହାହାଃ..ହାହାଃ..

ଡାକ୍ତର– ଆପଣଙ୍କ ଦାନ୍ତ ଖରାପ ହୋଇ ଯାଇଛି, ଏହାକୁ ଓପାଡିବାକୁ ପଡିବ ।
ରାଜୁ – ହଉ କେତେ ପଇସା ଖର୍ଚ୍ଚ ହେବ ?
ଡାକ୍ତର – ୫୦୦ ଟଙ୍କା ଲାଗିବ ।
ରାଜୁ – ୫୦ ଟଙ୍କା ନିଅ ଖାଲି ଦାନ୍ତଟା ଢିଲା କରି ଦେଇ ଛାଡିଦିଅ , ମୁଁ ନିଜେନିଜେ ଉପାଡି ଦେବି ।



- ୧୯୦୮– ପ୍ରସିଦ୍ଧ ବୈଜ୍ଞାନିକ ଆତ୍ମାରାମଙ୍କ ଜନ୍ମ ।
- ୧୯୧୯– ଲୋକପ୍ରିୟ ଭାଜପା ନେତା ତଥା ଗ୍ୱାଲିଅର୍‌ର ରାଜମାତା ବିଜୟାରାଜେ ସିନ୍ଧିଆଙ୍କ ଜନ୍ମ ।
- ୧୯୬୭– ରାଜନୀତିଜ୍ଞ ତଥା ସ୍ୱତନ୍ତ୍ରତା ସେନାନୀ ଡା. ରାମମନୋହର ଲୋହିଅଙ୍କ ପରଲୋକ ।
- ୧୯୯୯– ସଂଯୁକ୍ତରାଷ୍ଟ୍ରର ଜନସଂଖ୍ୟା ଗଣନା ଅନୁସାରେ ବିଶ୍ୱର ଜନସଂଖ୍ୟା ପ୍ରଥମକରି ୬ ବିଲିଅନ୍ ଛୁଇଁଲା ।
- ୨୦୦୧– ମିଳିତ ଜାତିସଂଘ ଓ ଏହାର ମହାସଚିବ କୋଫି ଆନନ୍‌ଙ୍କୁ ଶତାବ୍ଦୀର ପ୍ରଥମ ନୋବେଲ ଶାନ୍ତି ପୁରସ୍କାର ।
- ୨୦୧୮– ଓଡ଼ିଶାରେ ପ୍ରଳୟଙ୍କରୀ ବାତ୍ୟା ତିତଲୀରେ ୬୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ।



# ଅଜବ ପ୍ରତିଯୋଗିତା

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଅଜବ ଅଜବ ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ, ଯାହା ସୋସିଆଲ ମିଡିଆରେ ଭାଇରାଲ ହୋଇଥାଏ । ସେହିଭଳି ଏକ ପ୍ରତିଯୋଗିତା ନିକଟରେ ଖୁବ ଚର୍ଚ୍ଚା ସାଉଁଟିଛି । ବ୍ରିଟେନରେ ୱାର୍ଲ୍ଡ ୱାର୍ମ ଚାମ୍ପିଅନସିପ ନାମରେ ଏକ ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ । ଏହି ପ୍ରତିଯୋଗିତାରେ ଲୋକମାନେ ବିଭିନ୍ନ ସଙ୍ଗୀତ ବାଦ୍ୟ ବଜାଇ ମାଟିତଳୁ ଜିଆଙ୍କୁ ବାହାର କରନ୍ତି । ଏହି ଚାମ୍ପିଅନସିପରେ ୩୦ ମିନିଟ ଧରି ଲୋକମାନେ ଏକ ସ୍ଥାନରୁ ଜିଆମାନଙ୍କୁ ମାଟିତଳୁ ବାହାର କରନ୍ତି । ଯିଏ ସବୁଠାରୁ ଅଧିକ ଜିଆ ମାଟିତଳୁ କାଢିବ ସିଏ ଏହି ପ୍ରତିଯୋଗିତାର ବିଜେତା ହେବ । ଏହି ସମୟରେ ଲୋକମାନେ ହାରମୋନିୟମ, ଗିଟାର, ଭାଓଲିନ ଆଦି ବଜାଇଥାଆନ୍ତି । ତେବେ ଏହି ବାଦ୍ୟ ବାଜିବା ଫଳରେ ଏକ ତରଙ୍ଗ ସୃଷ୍ଟି ହୋଇଥାଏ, ଯାହାକୁ ଜିଆମାନେ ବର୍ଷା ବୋଲି ଆକଳନ କରନ୍ତି । ତେଣୁ ସେମାନେ ମାଟି ତଳୁ ବାହାରକୁ ଆସିବାକୁ ଲାଗନ୍ତି । ବର୍ତ୍ତମାନ ସୁଦ୍ଧା ପାଖାପାଖି ୪୬ଥର ଏହି ପ୍ରତିଯୋଗିତାର ଆୟୋଜନ କରାଯାଇସାରିଛି । ଏହାର ଆରମ୍ଭ ୮୦ଦଶକରେ କରାଯାଇଥିଲା । ପ୍ରତିବର୍ଷ ଏହାକୁ ଜୁନର ଶେଷ ଶନିବାରରେ ଆୟୋଜନ କରାଯାଇଥାଏ । ସ୍ଥାନୀୟ ଲୋକଙ୍କ ସହିତ ବିଦେଶୀ ପର୍ଯ୍ୟଟକ ମଧ୍ୟ ଏହି ପ୍ରତିଯୋଗିତାରେ ଭାଗ ନେବାର ଦେଖିବାକୁ ମିଳିଥାଏ ।

## ସୋସିଆଲ କୋଟ୍ସ



“ଟୁଏଲ୍‌ଥ ଫେଲ୍ ଫିଲ୍ମଟି ମୋ ପାଇଁ ଖୁବ ସ୍ପେସାଲ । ଏହା ମୋ ନିଜ କାହାଣୀ । ୧୯ ବର୍ଷର ଖୁବ କଠିନ ପରିଶ୍ରମ ପରେ ମୁଁ ଏହି ସ୍ଥାନରେ ପହଞ୍ଚିଛି ।

ବିକ୍ରାନ୍ତ ମେସି, ଅଭିନେତା



“ପୁଣି ପରଦାକୁ ଫେରିଥିବାରୁ ଖୁବ ଖୁସି ଅଛି । ଡେବ୍ୟୁ ଫିଲ୍ମର ସିକୁଏଲ୍‌ରେ ବ୍ୟାକ କରୁଥିବାରୁ ଭଲ ଲାଗୁଛି । ଆଶା କରୁଛି ଫିଲ୍ମଟି ଦର୍ଶକଙ୍କୁ ପସନ୍ଦ ଆସିବ ।

ଇମ୍ରାନ ଖାନ, ଅଭିନେତା



“ମୋ ଲୁକ୍‌କୁ ନେଇ ମୁଁ ଖୁବ ସମାଲୋଚନା ଶୁଣିଛି । ତେଣୁ ମୁଁ ଫିଲ୍ମ ଓ ଚରିତ୍ର ବାଛିଲା ସମୟରେ ଭାବିଚିନ୍ତି ନିଷ୍ପତ୍ତି ନେଇଥାଏ ।

ଭୂମି ପେଡନାକର, ଅଭିନେତ୍ରୀ



# ନୂଆ ଅନ୍ଦାଜରେ କୋଙ୍କଣା

ବର୍ତ୍ତମାନ ଓଟିଟି ପ୍ଲାଟଫର୍ମ ହଟ୍‌ଷ୍ଟାରରେ ପ୍ରସାରିତ ହେଉଛି ୱେବ୍‌ସିରିଜ ସର୍ଚ – ଦି ନୈନା ମଡର କେସ । ଯେଉଁଥିରେ ଲିଡ ରୋଲରେ ନଜର ଆସିଛନ୍ତି ବଲିଉଡ ଅଭିନେତ୍ରୀ କୋଙ୍କଣା ସେନଶର୍ମା । ଏହି ସିରିଜ୍‌ର କାହାଣୀ ଜଣେ ଝିଅର ବଳାତ୍କାର ଓ ତାପରେ ହତ୍ୟାକୁ ନେଇ ଗତିଶୀଳ । ଏଥିରେ କୋଙ୍କଣାଙ୍କୁ ପୋଲିସ ଏସ୍‌ପି ଭୂମିକାରେ ଦେଖିବାକୁ ମିଳୁଛି । କିଭଳି ସେ ଏହି କେସକୁ ବିଭିନ୍ନ ବାଧା ବିଘ୍ନକୁ ଆଡେଇ ସମାଧାନ କରୁଛନ୍ତି, ତାହା ଦେଖିବାକୁ ମିଳୁଛି । ସିରିଜ୍‌ରେ କୋଙ୍କଣାଙ୍କର ଏକ ନିଆରା ଅନ୍ଦାଜ ଦେଖିବାକୁ ମିଳିଛି, ଯାହାକୁ ଦର୍ଶକ ମଧ୍ୟ ଖୁବ ପସନ୍ଦ କରିଛନ୍ତି । ଏହାର ନିର୍ଦ୍ଦେଶନା ରୋହନ ସିପ୍ପି ଦେଇଛନ୍ତି । ସିରିଜର କାହାଣୀରେ ସସ୍ପେନ୍ସ ଭରପୂର ମାତ୍ରାରେ ଅଛି । ଅନ୍ୟକଳାକାର ଭିତରେ କୋଙ୍କଣାଙ୍କ ସହ ସ୍କ୍ରିନ ସେୟାର କରିଛନ୍ତି ସୂରିଆ ଶର୍ମା । ସେ ମଧ ଜଣେ ପୋଲିସ ଭୂମିକାରେ ନଜର ଆସିଛନ୍ତି । ଉଭୟ ମିଶି କିଭଳି ଏହି କେସକୁ ସମାଧାନ କରୁଛନ୍ତି ତାହା ହିଁ ସିରିଜ୍‌ର କାହାଣୀ । ଲୋକମାନେ ଏହାକୁ ଖୁବ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି ।

# ବ୍ୟାୟାମର ନୂଆ ଟ୍ରେଣ୍ଡ



ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଅଜବ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । ସେହିଭଳି ଏକ ଫିଟ୍‌ନେସ ଟ୍ରେଣ୍ଡ୍ ୟୁରୋପରେ ଫେମସ ହେବାରେ ଲାଗିଛି । ଏହି ଟ୍ରେଣ୍ଡରେ ଲୋକମାନେ ହାତ ଓ ପାଦ ସାହାଯ୍ୟରେ ଯେ କୌଣସି ପଶୁ ଭଳି ଚାଲିବାର ଟ୍ରେଣ୍ଡ ଦେଖିବାକୁ ମିଳିଛି । ଏହାକୁ କ୍ୱାଡ୍ରୋବିକ୍ସ ନାମ ଦିଆଯାଇଛି, ଯାହା ଏକ ପ୍ରକାର ବ୍ୟାୟାମ । ଏହା ଏକପ୍ରକାର ଫୁଲବଡି ୱାର୍କଆଉଟ, ଯେଉଁଥିରେ ଲୋକମାନେ ରାସ୍ତାରେ ଦୌଡିବା ସହିତ କୁଦା ମାରୁଥିବାର ଦେଖିବାକୁ ମିଳିଥାଏ । ତେବେ ଯେଉଁମାନେ ଏହାକୁ ଅନୁକରଣ କରୁଛନ୍ତି ସେମାନେ କିଛି ସପ୍ତାହ ଭିତରେ ହିଁ ନିଜ ଓଜନ କମ କରିଥିବା ଦେଖିବାକୁ ମିଳିଛି । ହେଲେ ଏକ୍ସପର୍ଟମାନେ ଏହାକୁନେଇ ଲୋକଙ୍କୁ ଚେତାବନୀ ଦେଇଛନ୍ତି । ଏହି ବ୍ୟାୟାମ କାରଣରୁ କାନ୍ଧ, ହାତ, କଚଟିରେ ଆହତ ଲାଗିବାର ଡର ଖୁବ ଅଧିକ ରହିଛି ।

# ଏଆଇ ହୋଲୋଗ୍ରାମ୍ ସହ ବିବାହ



ଅବିଶ୍ୱସନୀୟ ହେଲେ ବି ସତ । ସ୍ପେନ୍‌ର ଜଣେ ଆର୍ଟିଷ୍ଟ ଏଆଇ ହୋଲୋଗ୍ରାମ୍ ସହିତ ଖୁବ୍‌ଶୀଘ୍ର ବିବାହ କରିବେ ବୋଲି ଜଣାପଡ଼ିଛି । ଇତିହାସରେ ପ୍ରଥମ ଥର ପାଇଁ ଏଭଳି ଏକ ବିରଳ ଘଟଣା ଘଟିବାକୁ ଯାଉଛି । ରିଲ୍ ଲାଇଫ୍‌ରେ ଏଭଳି ଅନେକ କାହାଣୀ ଦେଖିବାକୁ ମିଳୁଥିବାବେଳେ ରିଅଲ୍ ଲାଇଫ୍‌ରେ ବି ଅବିକଳ ଏମିତି ଏକ କାହାଣୀ ନିକଟ ଭବିଷ୍ୟତରେ ଦେଖିବାକୁ ମିଳିବ । ଅଲିସିଆ ଫ୍ରେମିସ୍ ନାମ୍ନୀ ସ୍ପେନ୍‌ର ଜଣେ ପର୍ଫମିଂ ଆର୍ଟିଷ୍ଟ ଏଆଇ ଦ୍ୱାରା ନିର୍ମିତ ଏକ ହୋଲୋଗ୍ରାମ୍ ସହିତ ବିବାହ କରିଛନ୍ତି । ଏହି ହୋଲୋଗ୍ରାମ୍‌କୁ ଏକପ୍ରକାରର ରୋବଟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ କୌଣସି ଏଆଇ ହୋଲୋଗ୍ରାମ୍ ସହିତ ବିବାହ ବନ୍ଧନରେ ବାନ୍ଧିହୋଇଥିବା ପ୍ରଥମ ମହିଳା । ରିପୋର୍ଟ ମୁତାବକ, ଅଲିସିଆ ଏହି ବିବାହ ଅନୁଷ୍ଠିତ ହୋଇଥିଲା। ସେ ତାଙ୍କ ଭର୍ଚୁଆଲ୍ ପାର୍ଟନରଙ୍କ ନାଁ ଦେଇଛନ୍ତି ଆଲେକ୍ସ, ଯାହାକୁ ସେ ନିଜେ ହିଁ ଡିଜାଇନ୍ କରିଛନ୍ତି । ଆଲେକ୍ସ ଯେମିତି ତାଙ୍କର ପ୍ରତିଟି ଇମୋସନାଲ୍ ନିଡ୍‌କୁ ପୂରା କରିବ, ତାହାକୁ ଦୃଷ୍ଟିରେ ରଖି ମହିଳାଜଣକ ଏହାକୁ ଡିଜାଇନ୍ କରିଛନ୍ତି । ଏହି ହୋଲୋଗ୍ରାମ୍‌କୁ ସେ ଜଣେ ମଧ୍ୟବୟସ୍କ ବ୍ୟକ୍ତି ଭଳି ଡିଜାଇନ୍ କରିଛନ୍ତି । ତେବେ ଏହା କୌଣସି ରୋମାଣ୍ଟିକ୍ ମ୍ୟାରେଜ୍ ହେବ ନାହିଁ, ବରଂ ଏହା ଅଲିସିଆଙ୍କ ଏକ ନୂତନ ପ୍ରୋଜକ୍ଟର ଅଂଶ ହେବ । ଯାହାକୁ ସେ ହାଇବ୍ରିଡ୍ କପଲ୍ ନାଁ ଦେଇଛନ୍ତି ବୋଲି ସୂଚନା ଦିଆଯାଇଛି ।





ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଛାତ୍ର ଗୁରୁତର

# ମଦ୍ୟପ ଡ୍ରାଇଭର ଗିରଫ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ଅଧୀନ ବୈଶିଙ୍ଗା ଉପକଣ୍ଠ ରଙ୍ଗାମାଟିଆ ଛକ ନିକଟରେ ହୋଇଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଛାତ୍ର ଜଣକ ଗୁରୁତର ହୋଇଥିବା ବେଳେ ମଦ୍ୟପ ଡ୍ରାଇଭରକୁ ଗିରଫ କଲା ବୈଶିଙ୍ଗା ପୁଲିସ । ପ୍ରାପ୍ତ ସୂଚନା ମୁତାବକ ବୈଶିଙ୍ଗା ଥାନା ଅଧୀନ ସୋରିଷକୋଠା ଗ୍ରାମର ଗଣେଶ୍ୱର ପାଲଙ୍କ ପୁଅ ରୋହିତ କୁମାର ପାଲ ରଙ୍ଗାମାଟିଆସ୍ଥିତ ନିଜର ମାମୁଁ ଘରେ ରହି ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟରେ ପାଠ ପଢୁଛନ୍ତି । ଶନିବାର ଅପରାହ୍ନ ସମୟରେ ରୋହିତ ନିଜ ସାଇକେଲ ଯୋଗେ କଲେଜରୁ ରଙ୍ଗାମାଟିଆ ସ୍ଥିତ ମାମୁଁ ଘରକୁ ଫେରୁଥିବା ବେଳେ ଓଡି-ଜିରୋ୧୧-ଏଫ୪୧ ନମ୍ବର ବିଶିଷ୍ଟ ଏକ ବାଇକ ପଛ ପଟୁ ଧକ୍କା ଦେଇଥିଲା ଯାହା ଫଳରେ ଘଟଣାସ୍ଥଳରେ ଛାତ୍ର ରୋହିତ ଗୁରୁତର ଭାବେ ଆହତ ହୋଇଥିଲେ । ସଙ୍ଗେ ସଙ୍ଗେ ଆହତ ଛାତ୍ରଙ୍କୁ ବୈଶିଙ୍ଗା ଡାକ୍ତରଖାନା ଓ ପରେ ପରେ ବାଲେଶ୍ୱର ଡାକ୍ତରଖାନା କୁ ସ୍ଥାନାନ୍ତର ହୋଇଥିଲା କ୍ଷ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମଦ୍ୟପ ଡ୍ରାଇଭରକୁ ଗିରଫ କରିବା ସହ ଗାଡ଼ିଟିକୁ ଜବତ କରାଯାଇଥିଲା । ଏନେଇ ବୈଶିଙ୍ଗା ଥାନାରେ ୫୧୬/୨୫ ର ମାମଲା ରୁଜୁ କରାଯାଇଥିବାବେଳେ ତଦନ୍ତ ଜାରି ରହିଥିବା ଜଣାଯାଇଛି ।

# ବିଲରେ ଔଷଧ ପକାଉଥିବା ବେଳେ ଟଳି ପଡିଲେ ଚାଷୀ

ସାକ୍ଷୀଗୋପାଳ,(ସବ୍ୟୁ): ଧାନ ବିଲରେ ଔଷଧ ପକାଉଥିବା ବେଳେ ଟଳି ପଡିଲେ ଚାଷୀ । ଏ ଭଳି ଦୁଃଖଦ ଘଟଣା ଘଟିଛି ସତ୍ୟବାଦୀ ବ୍ଲକ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ବଡ଼ ବିଲସାହି ଗ୍ରାମରେ । ମୃତକଙ୍କ ପରିବାର ପକ୍ଷରୁ ସତ୍ୟବାଦୀ ଥାନାରେ ଏକ ଅଭିଯୋଗ ହେବା ପରେ ସତ୍ୟବାଦୀ ପୋଲିସ ଅପମୃତ୍ୟୁ ମାମଲା ୨୫ ନମ୍ବରରେ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ କରିବା ସହ ମୃତ ଚାଷୀଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠା ଯାଇଅଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି । ଶନିବାର ସକାଳ ୯ଟାରେ ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ବଡ଼ ବିଲ ସାହିର ପ୍ରଫୁଲ୍ଲ କୁମାର ବିଶ୍ୱାଳ (୫୫) ନିଜ ଧାନ ବିଲକୁ ପୋକ ମରା ଔଷଧ ପକାଇବାକୁ ଯାଇଥିଲେ । ବିଲରେ ଔଷଧ ପକାଉଥିବା ବେଳେ ହଠାତ ବିଲରେ ପଡିଯାଇଥିଲେ । ଖବର ପାଇ ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ବିଲରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଚାଷୀ ପ୍ରଫୁଲ୍ଲଙ୍କ ମୃତ ଖବର ପାଇ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ନିରୀକ୍ଷକ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅନ୍ୟ ପଦକ୍ଷେପ ନିଆଯିବ । ଅନ୍ୟପଟେ ଉକ୍ତ ଘଟଣାସମ୍ପର୍କରେ ପୁରୀ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ମୃତକଙ୍କ ପରିବାର ଲୋକଙ୍କୁ ରେଡ଼ କ୍ରସ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ଶ୍ରୀଯୁକ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ସେପଟେ ସତ୍ୟବାଦୀରେ ଏକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପୁରୀ ଏମପି ଡାକ୍ତର ସମ୍ବିତ ପାତ୍ର ଚାଷୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଙ୍କ ମୃତ୍ୟୁ ଖବର ପାଇ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ସେଠାରେ ଉପସ୍ଥିତ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ସମବେଦନା ଜଣାଇଥିଲେ । ସ୍ୱର୍ଗତ ଚାଷୀ ଉକ୍ତ ଅଞ୍ଚଳରେ ଜଣେ ମେଳାପୀ ବ୍ୟକ୍ତି ହୋଇଥିବାରୁ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଲୋକାରଣ୍ୟ ହୋଇପଡିଥିଲା । ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଜିତେନ୍ଦ୍ର ବେହେରା , ପୂର୍ବତନ ସରପଞ୍ଚ ଅଶୋକ କୁମାର ରାଉତରାୟ, ସୋମନାଥ ମୁଦୁଲି, ତୋଫାନ ବେହେରା, ଓ ନୀଳକ= ବାରିକଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନରେ

# ଧନ ଧାନ୍ୟ ଯୋଜନା ଓ ଡାଲି ସ୍ୱାବଲମ୍ବନ ମିଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଅନ୍ନଦାତାଙ୍କ ସମ୍ମାନ, ସମୃଦ୍ଧ ରାଷ୍ଟ୍ରର ନିର୍ମାଣ ପାଇଁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରର କୃଷକ ଭାଇ ଭଉଣୀଙ୍କ ପାଇଁ କୃଷି, ପଶୁପାଳନ, ମତ୍ସ୍ୟ ଚାଷ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ପାଇଁ ୪୨୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୧୧୦୦ ରୁ ଊର୍ଦ୍ଧ୍ୱ ପରିଯୋଜନାର ଶୁଭ ଉଦଘାଟନ ଆଭାସୀ ମାଧ୍ୟମରେ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା, ଡାଲି ସ୍ୱାବଲମ୍ବନ ମିଶନର ମଧ୍ୟ ଶୁଭାରମ୍ଭ ହୋଇଅଛି । ଏହି ଉଦଘାଟନ ସମାରୋହରେ ଭୁବନେଶ୍ୱର ସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ଅନୁଷ୍ଠାନରେ ଓଡିଶା ସରକାରଙ୍କ ଗୃହ, ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ ଏବଂ ଉପସ୍ଥିତ କୃଷକ ଭାଇ ଭଉଣୀ ମାନଙ୍କୁ ଉଦବୋଧନ ଦେଇଥିଲେ ।



ନିଜ ଅଭିଭାଷଣରେ ମନ୍ତ୍ରୀ ଡକ୍ଟର ମହାପାତ୍ର, ପ୍ରଧାନମନ୍ତ୍ରୀଙ୍କ କୁଶଳ ନେତୃତ୍ୱରେ ଦେଶର ଦ୍ରୁତ ପ୍ରଗତି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଡାଲି ଜାତୀୟ ଫସଲର ଆବଶ୍ୟକତାକୁ ପୂର୍ଣ୍ଣ କରିବା ପାଇଁ ଭାରତ ଆମଦାନୀ ଉପରେ ନିର୍ଭରଶୀଳ ଯାହା ଏକ ବିଡମ୍ବନାର ବିଷୟଅଟେ ।ସରକାରଙ୍କ ଲକ୍ଷ୍ୟ ହେଉଛି ଡାଲି ଜାତୀୟ ଫସଲର ପରିଧିକୁ ୨୭.୫ ନିୟୁତ ହେକ୍ଟରରୁ ବୃଦ୍ଧି କରି ବର୍ଷ ୨୦୩୦-୩୧ ସୁଦ୍ଧା ୩୧ ନିୟୁତ ହେକ୍ଟରରେ ପହଞ୍ଚାଇବା । ଚାଷୀ ଭାଇ ମାନଙ୍କୁ ୧୨.୬ ନିୟୁତ କ୍ୱିଣ୍ଟାଲ ପ୍ରାମାଣିକ ବିହନ ଓ ପାଖା ପାଖି ୮୮ ଲକ୍ଷ ମାଗଣା ମଞ୍ଜି ମିନି କିଟ ବଣ୍ଟନ କରାଯିବ । ସମଗ୍ର ଦେଶରେ ୧୦୦୦ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି , ଯେଉଁଥିରେ ପ୍ରତ୍ୟେକ ୟୁନିଟ ପିଛା ୨୫ ଲକ୍ଷ ଟଙ୍କାର ସବସିଡି ବ୍ୟବସ୍ଥା ରହିଛି । ପ୍ରଧାନମନ୍ତ୍ରୀ ଧନ ଧାନ୍ୟ ଯୋଜନାରେ ଭାରତ ସରକାର ସମଗ୍ର ଦେଶରେ କମ ଉତ୍ପାଦକତା ଥିବା ୧୦୦ ଟି ଜିଲ୍ଲାକୁ ଚିହ୍ନଟ କରିଛନ୍ତି, ଏଥିରୁ ଓଡିଶାର ଚାରୋଟି ଜିଲ୍ଲା ରହିଛି ଯେଉଁ ଗୁଡିକ ହେଲା କନ୍ଧମାଳ, ମାଲକାନଗିରି, ନୂଆପଡା ଓ ସୁନ୍ଦରଗଡ଼ । ଏହିସବୁ ଜିଲ୍ଲା ମାନଙ୍କରେ ଜଳ ସେଚନର ଉନ୍ନତି, ଋଣ ବ୍ୟବସ୍ଥା, ଫସଲ ସଂରକ୍ଷଣ ଓ ଫସଲ ବିବିଧିକରଣ ଉପରେ ଗୁରୁତ୍ୱ ଦିଆଯାଇ ଉଭୟ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରାଯିବ ।

ଏହି ଅବସରରେ ଏକ ବୈଜ୍ଞାନିକ-କୃଷକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ଯେଉଁଥିରେ କଟକ, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲ୍ଲାର ୨୦୦ ରୁ ଊର୍ଦ୍ଧ୍ୱ କୃଷକ ଭାଇ ଓ ଭଉଣୀ ଯୋଗ ଦେଇଥିଲେ । ଉକ୍ତ ଆଲୋଚନା ଚକ୍ରରେ ଅନୁଷ୍ଠାନର ବୈଜ୍ଞାନିକ ମାନେ କୃଷକ ଭାଇ ଓ ଭଉଣୀ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । କୃଷକ ଭାଇ ଓ ଭଉଣୀ ମାନଙ୍କୁ ମନ୍ତ୍ରୀଙ୍କ କର କମଳରେ ପ୍ରାମାଣିକ ବିରି ବିହନ ଓ ପନିପରିବା ମଞ୍ଜି କିଟ ବଣ୍ଟନ କରଯାଇଥିଲା ।

# ଜୟପ୍ରକାଶ ନାରାୟଣ ଜୟନ୍ତୀ ଓ ଶହୀଦ ବାଜି ରାଉତ ଙ୍କ ଶ୍ରାଦ୍ଧଦିବସ

ଭୁବନେଶ୍ୱର, (ସବ୍ୟୁ): ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ବାଜି ରାଉତ ମେମୋରିଆଲ୍ ଫାଉଣ୍ଡେସନ୍‌ର ମଳିତ ଆନୁକୂଲ୍ୟରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କର ପବିତ୍ର ଜୟନ୍ତୀ ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧଦିବସ ଜୟଦେବ ଭବନଠାରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ ଯେ ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ଜୟପ୍ରକାଶ ନାରାୟଣଙ୍କର ଜୀବନବ୍ୟାପୀ ସଂଗ୍ରାମ ତାଙ୍କୁ ଆଧୁନିକ ଭାରତର ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ସେ ଥିଲେ ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ବିଚକ୍ଷଣ ବ୍ୟକ୍ତିତ୍ୱର ଅଧିକାରୀ, ସମାଜବାଦୀ ଆଦର୍ଶର ଅନ୍ୟତମ ପ୍ରବକ୍ତା, ବିଚକ୍ଷଣ ରାଜନୀତିଜ୍ଞ ଓ ସାମାଜିକ ନ୍ୟାୟ ପାଇଁ ଅଙ୍ଗୀକାରବଦ୍ଧ ଜନନେତା । ସେ ଥିଲେ ସମ୍ପୂର୍ଣ୍ଣ କ୍ରାନ୍ତିର ମହାନାୟକ ।


ମନ୍ତ୍ରୀ ଶ୍ରୀ ପାତ୍ର ଆହୁରି ମଧ୍ୟ କହିଲେ ଯେ ସେବା ଓ ତ୍ୟାଗର ଅବିସ୍ମରଣୀୟ ପ୍ରତୀକ ଥିଲେ ବାଜି ରାଉତ । ୧୨ ବର୍ଷର ବୀର ବାଳକ ବାଜିରାଉତଙ୍କର ବଳିଦାନ ବ୍ରିଟିଶ ସରକାର ବିରୁଦ୍ଧରେ ଲଢ଼ିବାକୁ ହଜାର ହଜାର ସଂଗ୍ରାମୀ ସୃଷ୍ଟି କରିଥିଲା । ବାଜି ରାଉତଙ୍କ ପୈତୃକ ଗ୍ରାମ ନୀଳକଣ୍ଠପୁରର ଉନ୍ନତି ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୫ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଏହି ଅର୍ଥରାଶିରେ ପାଠାଗାର, ପାର୍କ, ମ୍ୟୁଜିୟମ୍ ଏବଂ ଆନୁଷଙ୍ଗିକ ଭିତ୍ତିଭୂମିର ଉନ୍ନତିକରଣ କରାଯିବ ।



ଏତଦ୍‌ବ୍ୟତୀତ ଢେଙ୍କାନାଳର ବାଜି ରାଉତ ଛକଠାରେ ବାଜି ରାଉତଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ । ଏଥି ନିମନ୍ତେ ୨ କୋଟି ଟଙ୍କାର ବ୍ୟୟବରାଦ କରାଯିବ । ସମ୍ମାନିତ ଅତିଥି ଭାବେପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଗବେଷକ ତଥା ସୁବକ୍ତା ସଚ୍ଚିଦାନନ୍ଦ ବେହେରା କହିଲେ ଯେ, ଲୋକନାୟକ ଜୟପ୍ରକାଶ ନାରାୟଣ ଥିଲେ ଜନଶକ୍ତିର ଜାଗ୍ରତ ପ୍ରହରୀ । ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଦେଶର ଯୁବପିଢିକୁ ଜାଗ୍ରତ କରିଥିଲା । କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି କହିଲେ ଯେ ଲୋକନାୟକ ଜୟପ୍ରକାଶ ନାରାୟଣ ସ୍ୱାଧୀନତା ଏବଂ ନ୍ୟାୟ ପାଇଁ ସଂଘର୍ଷର ପ୍ରତିମୂର୍ତ୍ତି ଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦେଶର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତ ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ଯାଇଛନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଲୋକନାୟକ ଜୟପ୍ରକାଶ ନାରାୟଣ ଓ ଶହୀଦ ବାଜି ରାଉତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିବାବେଳେ ଓଡିଶା ମ୍ୟୁଜିକ ହେରିଟେଜ ତରଫରୁ ପ୍ରାରମ୍ଭିକ ସଂଗୀତ ଗାନ କରା ଯାଇଥିଲା । ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ଆଇଚ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡ଼ିଜିସିଏ ମ୍ୟାପରେ ଶ୍ରୀମନ୍ଦିର ରେଡ ଜୋନ ଭାବରେ ସ୍ଥାନ ପାଇଲା

ପୁରୀ, (ସବ୍ୟୁ): ବାରମ୍ବାର ଶ୍ରୀମନ୍ଦିର ଉପରେ ବିଭିନ୍ନ ସମୟରେ ଡ୍ରୋନେ କ୍ୟାମେରା ଉଡ଼ିବା ପରେ ଏବେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଡିଜିସିଏ ମ୍ୟାପରେ ଶ୍ରୀମନ୍ଦିର ରେଡ ଜୋନ ଭାବରେ ସ୍ଥାନ ପାଇଛି । ଡାଇରେକ୍ଟର ଜେନେରାଲ ସିଭିଲ ଆଭିଏସନ୍ ବା ଡ଼ିଜିସିଏ ମ୍ୟାପରେ ଶ୍ରୀମନ୍ଦିର ରେଡ ଜୋନ ଭାବରେ ସ୍ଥାନ ପାଇଛି। ଏହି ରେଡ ଜୋନ ଅନୁଯାୟୀ ସମୁଦ୍ର ପତ୍ତନ ଠାରୁ ପଚାଶ ହଜାର ମିଟର ଉଚ୍ଚତା ପର୍ଯ୍ୟନ୍ତ କୌଣସି ଉଡାଣ ହୋଇପାରିବ ନାହିଁ। ରେଡ ଜୋନ ପରେ ଆଇନ ଅନୁଯାୟୀ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିପାରିବ ।ତେବେ ରେଡ ଜୋନ ନୁହେଁ ବରଂ ଅନ୍ୟ ସ୍ଥାନ ପରି ପୁରୀ ଶ୍ରୀମନ୍ଦିରକୁ ପୁନର୍ବାର ନୋ ଫ୍ଲାଇଂ ଜୋନ ଘୋଷଣା ପାଇଁ ଦାବି କରିଛି। ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ବିଜେପି ସରକାରଙ୍କ ଐତିହାସିକ ପଦକ୍ଷେପ। ଶ୍ରୀଜଗନ୍ନାଥ ମନ୍ଦିରକୁ ଘୋଷଣା କରିଛି ଡିଜିସିଏ। ଏୟାରସ୍ପେସ୍ ମ୍ୟାପରେ କିଛି ଏଭଳି ତଥ୍ୟ ରହିଥିବା ଭାରତ ସରକାରଙ୍କ ଡିଜିସିଏ ୱେବସାଇଟରେ ଉପଲବ୍ଧ ରହିଛି। ଯୋଉଥିରେ ସଫାସଫା ଲେଖାହେଇଛି ଗତ ମାସ ସେପ୍ଟେମ୍ବର ୨୬ ତାରିଖରେ ଶ୍ରୀ ଜଗନ୍ନାଥ ମନ୍ଦିରକୁ ରେଡ ଜୋନ ଭାବେ ଘୋଷଣା କରା ଯାଇଛି । ଏହାର ଅବଧି ତିନି ବର୍ଷ ମଧ୍ୟ ରହିଛି। ଅର୍ଥାତ ୨୦୨୮ ସେପ୍ଟେମ୍ବର ୨୫ ତାରିଖରେ ଏହାର ସମୟସୀମା ପୂରଣ ହେବ। ପୁର୍ନବାର ଶ୍ରୀମନ୍ଦିର ଉପରକୁ ନିଷିଧାଞ୍ଚଳ କରିବାକୁ ଆବେଦନ କରାଯିବ। ପୂର୍ବରୁ ଶ୍ରୀମନ୍ଦିର ଉପରକୁ ନୋଫ୍ଲାଇଁ ଜୋନ୍ ଭାବେ ଘୋଷଣା କରାଯାଇଥିବା ବେଳେ ଏବେ ରେଡ ଜୋନ ଘୋଷଣା ହେବା ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି। ଗତକାଲି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଥିବା ବେଳେ ପୁରୀ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଅପରେଟ୍ କରୁଥିବା ଅପରେଟରକୁ ଧରିବାରେ ପୁରୀ ପୋଲିସ ସଫଳ ହୋଇଥିଲା। ତେଣୁ ଶ୍ରୀ ଜଗନ୍ନାଥ ମନ୍ଦିରକୁ ରେଡ ଜୋନ ଭାବେ ଘୋଷଣା ହେବାପରେ କେବଳ ଆଣ୍ଟି ଡ୍ରୋନ୍ ଡିଭାଇସ୍ ଲାଗିଲେ ଉଡୁଥିବା ଡ୍ରୋନ୍ କାବୁ ହୋଇପାରିବ ବୋଲି କହିଛନ୍ତି ଏସପି ପ୍ରତୀକ ସିଂ। ଅତୀତରେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଉପରେ ତଥା ପରିକ୍ରମା ମାର୍ଗରେ ଡ୍ରୋନ କ୍ୟାମେରା ଘୁରି ବୁଲୁଥିବାର ଏକାଧିକ ନଜର ରହିଛି ।ବର୍ତ୍ତମାନ ବିଶ୍ୱର ବିଭିନ୍ନ ଦେଶରେ ଡ୍ରୋନ ବ୍ୟବହାର କରି ଆକ୍ରମଣ ଘଟଣା ଘଟୁଥିବାରୁ ଶ୍ରୀମନ୍ଦିର ସୁରକ୍ଷା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ୨୦୧୮ ରୁ ୨୦୨୩ ପର୍ଯ୍ୟନ୍ତ ଶ୍ରୀମନ୍ଦିରକୁ ନୋ ଫ୍ଲାଇଙ୍ଗ ଜୋନ ଘୋଷଣା କରାଯାଇଥିଲା। ଏତଦ୍ ବ୍ୟତୀତ ରଥଯାତ୍ରା ସମୟରେ ଶ୍ରୀମନ୍ଦିର ଅଞ୍ଚଳ ଉପରେ ଅଧିକ କଟକଣା ରହିଥାଏ। ୨୦୧୪ ମସିହାରୁ ଶ୍ରୀମନ୍ଦିର ଅଞ୍ଚଳକୁ ନୋ ଫ୍ଲାଇଙ୍ଗ ଜୋନ କରିବା ପାଇଁ ଦାବୀ କରି ଆସୁଥିଲା। ଡିଜିସିଏର ମାନଦଣ୍ଡ ଅନୁଯାୟୀ ସର୍ଭେ ସହ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ସନଷ୍ଟ ଦସ୍ତାବିଜ୍ ସହ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଥିଲା ।ରାଜ୍ୟ ସରକାରଙ୍କ ଉଦ୍ୟମ ଯୋଗୁଁ ଶେଷରେ ଡିଜିସିଏ ଶ୍ରୀମନ୍ଦିରକୁ ରେଡ ଜୋନ ଘୋଷଣା କରିଛି ।ଏହା ଦ୍ୱାରା କୌଣସି ଉଡାଣ ହୋଇ ପାରିବ ନାହିଁ।ଯଦି କେହି ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ଏହାର ଉଲ୍ଲଙ୍ଘନ କରନ୍ତି ତେବେ ରେଡ ଜୋନ ଅନୁଯାୟୀ ପୋଲିସ ପକ୍ଷରୁ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।ବୈଷୟିକ ଓ ନିଜସ୍ୱ ଉଦ୍ୟମରେ ପୋଲିସ ତୀକ୍ଷ୍ଣ ନଜର ରଖିବା ସହ ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡାଣକୁ ପ୍ରତିହତ କରିପାରିବ।



# କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ହବିଷିଆଳି କେନ୍ଦ୍ର ପରିଦର୍ଶନ

ପୁରୀ, (ସବ୍ୟ): କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ କଟକ ଗୁହା ପୁନମ ତାପସ କୁମାର ଶନିବାର ପୂର୍ବାହ୍ନରେ ପୁରୀ ଗସ୍ତରେ ଆସି ହବିଷ୍ୟାଳୀ କେନ୍ଦ୍ର ପରିଦର୍ଶନ କରି ଛନ୍ତି। ବୃନ୍ଦାବତୀ ନିବାସ ହବିଷ୍ୟାଳୀ କେନ୍ଦ୍ରରେ ପହଞ୍ଚିବା ପରେ ରାଜସ୍ୱ ଆୟୁକ୍ତଙ୍କୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ସ୍ୱାଗତ କରିବା ସହ ହବିଷ୍ୟାଳୀ କେନ୍ଦ୍ରକୁ ପାଛୋଟି ନେଇଥିଲେ। ରାଜସ୍ୱ ଆୟୁକ୍ତ ହବିଷ୍ୟାଳୀ ମା ମାନଙ୍କ ରହଣି ସ୍ଥାନକୁ ବୁଲି ଦେଖିବା ସହ ସେମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ସେମାନଙ୍କ ଆବଶ୍ୟକତା, ଅସୁବିଧା, କୌଣସି ସମସ୍ୟା ଅଛି କି ବୋଲି ପଚାରି ଥିଲେ। ହବିଷ୍ୟାଳୀ ମା ମାନେ ଭଲରେ ରହିଥିବା ପ୍ରକାଶ କରିବା ସହ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ସୁନ୍ଦର ଭାବେ କରାଯାଇଛି ବୋଲି କହିଥିଲେ। ଭୋରରୁ ବୃନ୍ଦାବତୀ ପୂଜା ପରେ ମା ମାନଙ୍କୁ ସ୍ୱେଚ୍ଛାସେବୀ ମାନଙ୍କ ସହଯୋଗ ସ୍ୱତନ୍ତ୍ର ବସ ମାଧ୍ୟମରେ ମନ୍ଦିରକୁ ନେବା, ମନ୍ଦିର ରେ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରାଇବା, ମହାପ୍ରସାଦ ସେବନ କରାଇବା, ଭଜନ କୀର୍ତ୍ତନ ର ବ୍ୟବସ୍ଥା ଇତ୍ୟାଦି ସବୁ ଖୁବ ଭଲ ଭାବରେ କରାଯାଉଛି ବୋଲି ମା ମାନେ ରାଜସ୍ୱ ଆୟୁକ୍ତଙ୍କୁ ଅବଗତ କରାଇଥିଲେ। ନିବାସ ମଧ୍ୟରେ ଦୀପ ନ ଜଳାଇ ସମସ୍ତ ମା ମାନେ ବାହାରେ ସୁରକ୍ଷିତ ଭାବେ ଦୀପ ଜଳାଇବାକୁ ସେ ମା ମାନଙ୍କୁ ଅନୁରୋଧ କରିଥିଲେ। ଏହାକୁ ତତ୍ତ୍ୱାବଧାନ ପାଇଁ ଅଗ୍ନିଶମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ରାଜସ୍ୱ ଆୟୁକ୍ତ ବରିଷ୍ଠ ଅଧିକାରୀ, ସ୍ୱେଚ୍ଛାସେବୀ କର୍ମକର୍ତ୍ତା ମାନଙ୍କ ସହ ଆଲୋଚନା କରିଥିଲେ। ଅଧ୍ୟାୟ ସ୍ୱାସ୍ଥ୍ୟ ଶିବିର କୁ ବୁଲି ଦେଖିବା ସହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ମା ମାନଙ୍କର ସମସ୍ତ ସେବା ରେ ଯେପରି କୌଣସି ଅଭାବ ଅସୁବିଧା ନ ରହେ ସେଥି ପ୍ରତି ପ୍ରଶାସନ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଆୟୁକ୍ତ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳାମ୍ବର ଭୋଇ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ରାଜସ୍ୱ ଆୟୁକ୍ତ ଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।



# ଆଇନ ଛାତ୍ରଛାତ୍ରୀମାନଙ୍କୁ ବିଶ୍ଳେଷଣାତ୍ମକ ଓ ସୂକ୍ଷ୍ମଦର୍ଶୀ ହେବା ଆବଶ୍ୟକ: ନ୍ୟାୟମୂର୍ତ୍ତି କ୍ରିଷ୍ଣା ଶ୍ରୀପଦ ଦୀକ୍ଷିତ

ଭୁବନେଶ୍ୱର, (ସବ୍ୟ): ଆଇନ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ବିଶ୍ଳେଷଣାତ୍ମକ ଓ ସତର୍କ ମନୋଭାବ ପୋଷଣ କରିବା ସହିତ ଆଇନ ଓ ଭାଷା ଉପରେ ପାରଦର୍ଶିତା ଲାଭ କରିବା ଆବଶ୍ୟକ ବୋଲି ଶନିବାର ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି କ୍ରିଷ୍ଣା ଶ୍ରୀପଦ ଦୀକ୍ଷିତ କହିଛନ୍ତି। ଆଇନ ଅଧ୍ୟୟନ କରୁଥିବା ଜଣେ ଛାତ୍ର ବା ଛାତ୍ରୀଙ୍କୁ ବିଭିନ୍ନ ଆଇନ ଓ ବିଷୟ ଉପରେ ପାରଦର୍ଶିତା ଲାଭ କରିବା ଆବଶ୍ୟକ କାରଣ ଜଣେ ଆଇନଜ୍ଞଙ୍କୁ କେଉଁ ପ୍ରକାରର ମାମଲା ପରିଚାଳନା କରିବାକୁ ପଡ଼ିବ ତାହା ଜଣା ନଥାଏ ବୋଲି ନ୍ୟାୟମୂର୍ତ୍ତି ଦୀକ୍ଷିତ ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି ଅଫ୍ ଲ'ର ୧୫ତମ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି। ଭାଷା ମାଧ୍ୟମରେ ଆଇନ ପ୍ରକଟିତ ହୁଏ ଏବଂ ଛାତ୍ରଛାତ୍ରୀମାନଙ୍କୁ ଉଭୟ ଆଇନ ଓ ଭାଷାକୁ ଆୟତ୍ତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ବିଶ୍ଳେଷଣାତ୍ମକ ମନୋଭାବ ପୋଷଣ କରିବା ସହିତ ତର୍କଶାସ୍ତ୍ର ବିଷୟରେ ଜ୍ଞାନ ଆହରଣ କରିବାକୁ ପଡ଼ିବ। ଏହା ଛଡ଼ା ସେମାନଙ୍କୁ ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସଭାପତିତ୍ୱ କରିଥିବା ବେଳେ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ'ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ ସ୍ୱାଗତ ଭାଷଣ ଦେଇଥିଲେ। କଠିନ ପରିଶ୍ରମର ଅନ୍ୟ ବିକଳ୍ପ ନାହିଁ ବୋଲି ପ୍ରକାଶ କରି ନ୍ୟାୟମୂର୍ତ୍ତି ଦୀକ୍ଷିତ କହିଥିଲେ ଯେ ଭାରତର ପ୍ରସିଦ୍ଧ ଆଇନ ବିଶାରଦ ନନି ପାଲଖିୱାଲାଙ୍କ ଉଦାହରଣ ଅନୁକରଣୀୟ। ବମ୍ବେ ବିଶ୍ୱବିଦ୍ୟାଳୟରେ ଆଇନ ଅଧ୍ୟୟନ କରିବା ସମୟରେ ପାଲଖିୱାଲା କୁଳାଧିପତିଙ୍କୁ ଅନୁରୋଧ କରିଥିଲେ ଯେ ବିଶ୍ୱବିଦ୍ୟାଳୟର ପୁସ୍ତକାଗାର ସନ୍ଧ୍ୟା ୫ଟାରେ ବନ୍ଦ ହୋଇଯାଉଥିବାରୁ ତାଙ୍କର ଅଧ୍ୟୟନ ବାଧାପ୍ରାପ୍ତ ହେଉଛି। ତେଣୁ ଏହି ସମୟକୁ ବୃଦ୍ଧି କରିବାକୁ ସେ ପ୍ରାର୍ଥନା କରିଥିଲେ ଏବଂ ତାହା ଗ୍ରହଣ ହୋଇଥିଲା। ଏହି ଅଧ୍ୟୟନ ହିଁ ତାଙ୍କୁ ଦେଶର ଜଣେ ପ୍ରତିଷ୍ଠିତ ଆଇନ ବିଶାରଦରେ ପରିଣତ କରିଥିଲା। ଛାତ୍ରଛାତ୍ରୀମାନେ ବିଭିନ୍ନ ପୁସ୍ତକ ଅଧ୍ୟୟନ କରିବାର ଆବଶ୍ୟକତା ଉପରେ ମନ୍ତବ୍ୟ ଦେଇ ସେ କହିଥିଲେ ଯେ କୌଣସି ଗୋଟିଏ ପୁସ୍ତକ ଉପରେ ନିର୍ଭରଶୀଳ ହେବା ଦେଶର ବା ସଂସ୍କୃତିର ପରିଚାୟକ ନୁହେଁ। ଗୀତା ପ୍ରକାଶ କରେ ଯେ ଜ୍ଞାନ ଆହରଣ ଠାରୁ ଅଧିକ ଉତ୍କର୍ଷିତ ବିଷୟ କିଛି ନାହିଁ ବୋଲି ସେ କହିଥିଲେ।




# ୧୭ରେ ଲୋକାର୍ପିତ ହେବ ନୂତନ କୋର୍ଟ ବିଲ୍ଡିଂ, ପ୍ରସ୍ତୁତି ଚୂଡ଼ାନ୍ତ

ବେତନଟୀ,(ସବ୍ୟ) - ବେତନଟୀ ଜେ.ଏମ.ଏଫ.ସି କୋର୍ଟ ପାଇଁ ପଣ୍ଡୁଗଡ଼ିଆ ଠାରେ ନିର୍ମିତ ନୂତନ କୋର୍ଟ ବିଲ୍ଡିଂ ଚଳିତ ମାସ ୧୭ତାରିଖରେ ଲୋକାର୍ପିତ ହେବାନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।ଛ ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ନିରୀକ୍ଷଣରେ ନିର୍ମିତ ଏହି ନୂତନ କୋର୍ଟ ବିଲ୍ଡିଂ ଆସନ୍ତା ୧୭ତାରିଖରେ ଓଡ଼ିଶା ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଆନୁଷ୍ଠାନିକ ଭାବରେ ଲୋକାର୍ପିତ କରିବାର କାର୍ଯ୍ୟକ୍ରମ ରହିଛି । ଏନେଇ ସ୍ଥିତି ତଦାରଖ କରିବା ସହିତ ସମସ୍ତ ବିଧି ବ୍ୟବସ୍ଥା ବାବଦରେ ଯାଞ୍ଚ କରିବାକୁ ଜିଲ୍ଲା ଜଜଙ୍କ ସମେତ ଅନ୍ୟାନ୍ୟ ବିଚାରପତି ଏବଂ ଅଧିକାରୀ ପ୍ରମୁଖ ଶୁକ୍ରବାର ସନ୍ଧ୍ୟାରେ ଏହି ନୂତନ କୋର୍ଟବିଲ୍ଡିଂ ପରିଦର୍ଶନ କରିଛନ୍ତି । ଏହି ଅବସରରେ ବେତନଟୀର ମାନ୍ୟବର ବିଚାରପତି ରଶ୍ମି ନାରାୟଣୀ ମିଶ୍ରଙ୍କ ସମେତ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ । ଆସନ୍ତା ୧୭ତାରିଖରେ ବେତନଟୀ ଜେ.ଏମ.ଏଫ.ସି କୋର୍ଟର ନୂତନ କୋର୍ଟବିଲ୍ଡିଂର ଆନୁଷ୍ଠାନିକ ଭାବେ ଲୋକାର୍ପଣ ପାଇଁ ବେତନଟୀ ବାର ଏସୋସିଏସନ ପକ୍ଷରୁ ସଭାପତି । ଦେବବ୍ରତ ପରିଡ଼ା, ସମ୍ପାଦକ ପ୍ରବୀର କୁମାର ବାରିକ, ଉପସଭାପତି ରବିରାୟଣ ମହାପାତ୍ର, ଯୁଗ୍ମଅଇନଜୀବୀ ରଣଜିତ ଗନ୍ତାୟତ ପ୍ରମୁଖଙ୍କ ଖଙ୍କ ସମେତ ଏକ ପ୍ରତିନିଧିଦଳ କଟକଗସ୍ତକରି ଆଲୋଚନା ପୂର୍ବକ ଲୋକାର୍ପଣ କାର୍ଯ୍ୟସୂଚୀ ଧାର୍ଯ୍ୟ କରିଥିଲେ ।

## ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା

# ଦୋଷୀଙ୍କୁ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରନ୍ତୁ ପଶ୍ଚିମବଙ୍ଗ ସରକାର

ଭୁବନେଶ୍ୱର: (ସବ୍ୟ): ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଦିନ ଦିପହରରେ ବିଧାୟକ, ସାଂସଦଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଉଛି। ଗତ କାଲି ଓଡ଼ିଆ ଝିଅ ତଥା ଦୁର୍ଗାପୁରସ୍ଥିତ ମେଡିକାଲ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ଅମାନବୀୟ ଏବଂ ଲଜ୍ଜାଜନକ, ଏବଂ ଏହାକୁ ଯେତେ ନିନ୍ଦା କଲେ ମଧ୍ୟ କମ୍ ପଡ଼ିଯିବ। ରାଜ୍ୟରେ ସଂପୃକ୍ତ ଦୋଷୀମାନଙ୍କୁ ଯଥାଶୀଘ୍ର ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବାକୁ ରାଜ୍ୟ ଉପସଭାପତି ବିଙ୍ଗଟି ନାରାୟଣ ତ୍ରିପାଠୀ ଦାବୀ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଗତ କାଲି ମେଡିକାଲ କାମ୍ପସରେ ଘଟିଥିବା ପୀଡ଼ିତା ଛାତ୍ରୀ ଜଣକ ପ୍ରତି ଯେଉଁ ଭଳି ଅମାନୁଷିକ ଓ ବର୍ବରୋଚିତ ଘଟଣା ଘଟିଛି ତାହା ରାଜ୍ୟର ମହିଳା ସୁରକ୍ଷାକୁ ନେଇ ବିରାଟ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଦୁଷ୍କର୍ମକାରୀଙ୍କୁ ବର୍ତ୍ତମାନ ସୁଦ୍ଧା ପଶ୍ଚିମବଙ୍ଗ ସରକାର ଚିହ୍ନଟ କରିନାହାନ୍ତି କି ଗିରଫ କରିନାହାନ୍ତି। ଏପରିକି ସ୍ଥାନୀୟ ପୋଲିସ ସହଯୋଗ ମଧ୍ୟ କରୁନାହିଁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଜଣେ ମହିଳା ହୋଇଥିବାବେଳେ ତାଙ୍କର ସମ୍ବେଦନଶୀଳତା ଦେଖାଯାଉନାହିଁ। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ଦୁଇ ଦିନ ତଳେ ପଶ୍ଚିମବଙ୍ଗର ମାନ୍ୟବର ରାଜ୍ୟପାଳ ସାର୍ବଜନୀନ ଭାବେ ମମତା ବାନାର୍ଜୀ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ତଥାପି ସ୍ଥିତି ସୁଧୁରୁ ନାହିଁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଦୁର୍ଗାପୁର ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ଘଟଣାକୁ ଓଡ଼ିଶା ସରକାର ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ ନିନ୍ଦା କରିବା ସହିତ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ସହିତ ପିଡ଼ିତାଙ୍କୁ ଉପଯୁକ୍ତ ଚିକିତ୍ସା ଏବଂ ସୁରକ୍ଷା ଦେବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବୀ କରିଛନ୍ତି। ଏଥି ସହ ଓଡ଼ିଶା ସରକାରଙ୍କ ଅଧିକାରୀଙ୍କୁ ପଶ୍ଚିମବଙ୍ଗ ଯାଇ ଘଟଣା ସଂପର୍କରେ ବିସ୍ତୃତ ଆଲୋଚନା କରି ପିଡ଼ିତା ଏବଂ ପିଡ଼ିତାଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡବିଧାନ କରାନଗଲେ ପଶ୍ଚିମବଙ୍ଗ ରାଜ୍ୟ ବିଜେପି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଶ୍ରୀ ତ୍ରିପାଠୀ ଚେତାବନୀ ଦେଇଛନ୍ତି। ଏହି ଅବସରରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ଏବଂ ରାଜ୍ୟ ଗଣମାଧ୍ୟମ ସଂଯୋଜକ ଶ୍ରୀ ସୁଜିତ କୁମାର ଦାସ ଉପସ୍ଥିତ ଥିଲେ।

## ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ

# ଗଣତନ୍ତ୍ରର ମହନୀୟତା ଓ ଗରିମା ବଜାୟ ରଖିବାକୁ ପଡ଼ିବ : ବାଚସ୍ପତି

ଭୁବନେଶ୍ୱର, (ସବ୍ୟ): ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପାଇଁ ବିଦେଶ ଗସ୍ତରେ ଯାଇଥିବାବେଳେ ବାର୍ବାଡୋସର ବ୍ରିଜଟାଉନ୍‌ରେ 'ରାଜ୍ୟଗୋଷ୍ଠୀ ଏକ ବୈଶ୍ୱିକ ସହଭାଗୀ ଓ ବେଜିଂ ୫୩୦ ପରଠାରୁ ସଂସଦ, ଲିଙ୍ଗଗତ ସମାନତା ପାଇଁ ପ୍ରଗତି, ଆହ୍ୱାନ ଓ ମାର୍ଗ' ବିଷୟରେ ଆଲୋଚନାର ବିଷୟବସ୍ତୁ ଉପରେ ଅଂଶଗ୍ରହଣ କରି 'ଆମର ଅନୁଷ୍ଠାନଗୁଡ଼ିକର ସଶକ୍ତିକରଣ ପାଇଁ ଗଣତନ୍ତ୍ରକୁ ସମର୍ଥନ' ଉପରେ ନିଜର ଅଭିଭାଷଣ ରଖି କହିଲେ ଯେ ଭାରତ ହେଉଛି ଗଣତନ୍ତ୍ରର ଜନନୀ। ଗଣତନ୍ତ୍ର କେବଳ ଏକ ରାଜନୈତିକ ବ୍ୟବସ୍ଥା ନୁହେଁ, ଏହା ଆମର ବିଶ୍ୱାସ, ଉତ୍ସାହ ଓ ଜୀବନଧାରଣର ମାର୍ଗ । ଗଣତନ୍ତ୍ର ଯେଉଁ ଚାରୋଟି ସ୍ତମ୍ଭ ଉପରେ ପ୍ରତିଷ୍ଠିତ, ସେଗୁଡ଼ିକ ହେଉଛି ବିଧାନସଭା, ନ୍ୟାୟପାଳିକା, କାର୍ଯ୍ୟପାଳିକା ଓ ଗଣମାଧ୍ୟମ । ତେବେ ମୁଖ୍ୟ କଥା ହେଉଛି ଏହି ଅନୁଷ୍ଠାନଗୁଡ଼ିକ ଯେତେ ସଶକ୍ତ ହେବ ଆମର ଗଣତନ୍ତ୍ର ସେତିକି ସମୃଦ୍ଧ ହୋଇପାରିବ । ତେଣୁ ଗଣତନ୍ତ୍ରକୁ ଆଗେଇ ନେବାକୁ ହେଲେ ସମସ୍ତ ସମ୍ପୃକ୍ତ ଅନୁଷ୍ଠାନକୁ ସଶକ୍ତ କରିବାକୁ ପଡ଼ିବ । ଆମ ବିଧାନସଭାରେ ଜନମତ ସଠିକ ଭାବରେ ଉପସ୍ଥାପିତ ହୋଇପାରିଲେ, ତା'ଉପରେ ଆଲୋଚନା, ତର୍କ, ବିତର୍କ ଓ ବିଶ୍ଳେଷଣ ହୋଇ ଜନଉପକାରୀ ଆଇନ ପ୍ରଣୟନ ହୋଇପାରିବ । ଫଳରେ ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କର ଆସ୍ଥା ବୃଦ୍ଧି ପାଇବ । ସେହିପରି କାର୍ଯ୍ୟପାଳିକା ଏହି ଆଇନର ସଠିକ ଅନୁପାଳନ କ୍ଷେତ୍ରରେ ଆନ୍ତରିକତାର ସହ କାର୍ଯ୍ୟ କଲେ ଜନସାଧାରଣ ଉପକୃତ ହୋଇପାରିବେ । ସେହିପରି ନ୍ୟାୟପାଳିକା ଏ ସବୁର ଦୁରୁପଯୋଗ କ୍ଷେତ୍ରରେ ସତର୍କ ରହି ସଠିକ ନିର୍ଣ୍ଣୟକ ଭୂମିକା ଗ୍ରହଣ କରିବା ଦ୍ୱାରା ଆଇନର ଦୁରୁପଯୋଗ ଓ ଉଲ୍ଲଙ୍ଘନ ହୋଇପାରିବ ନାହିଁ । ଶେଷରେ ଗଣମାଧ୍ୟମ ହିଁ ଏସବୁର କାର୍ଯ୍ୟକାରିତାକୁ ନିରୀକ୍ଷଣ କରି ତ୍ରୁଟିଗୁଡ଼ିକୁ ସରକାରଙ୍କ ଦୃଷ୍ଟିକୁ ଆଣି ସଠିକ ମାର୍ଗଦର୍ଶନ ଦେଇପାରିବ । ତା'ହେଲେ ଯାଇ ଆମର ଗଣତନ୍ତ୍ର ଆହୁରି ସଶକ୍ତ ଓ ସମୃଦ୍ଧ ହୋଇପାରିବ ଓ ଆମର ଗଣତନ୍ତ୍ରର ମହନୀୟତା ଓ ଗରିମା ବଜାୟ ରହିବ ବୋଲି ବାଚସ୍ପତି ପ୍ରକାଶ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟଗୋଷ୍ଠୀ ସଂସଦୀୟ ସମ୍ମିଳନୀରେ ଯୋଗଦେବା ପାଇଁ ବାଚସ୍ପତି ଅକ୍ଟୋବର ୫ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ବିଦେଶ ଗସ୍ତରେ ଯାଇଛନ୍ତି । ଏହା ସହ ବାଚସ୍ପତି ସେଠାରେ ପ୍ରବାସୀ ଭାରତୀୟମାନଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ ।



# ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରି ଶ୍ରୀମନ୍ଦିର ନିକଟରେ ଗାଡ଼ି ପାର୍କ ଅଭିଯୋଗରେ ଜରିମାନା

ପୁରୀ, (ସବ୍ୟ): ଶ୍ରୀମନ୍ଦିର ନିକଟକୁ ଯାନବାହାନ ଯିବା ଉପରେ ସଂପୂର୍ଣ୍ଣ କଟକଣା ରହିଛି। ତେବେ ଗତକାଲି ସନ୍ଧ୍ୟାବେଳେ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଅନାୟସରେ ଏକ କାର ଯାଇଥିଲା। ବିଭିନ୍ନ ସମୟରେ ଟ୍ରାଫିକ ନିୟମ କାନୁନକୁ ଫୁ କରି ଏଭଳି ଗାଡ଼ି ସିଂହଦ୍ୱାର ପର୍ଯ୍ୟନ୍ତ ଯାଇଥାଏ। ଗତକାଲି ଯାଇଥିବା ଗାଡ଼ି ଉପରେ ପୁରୀ ଟ୍ରାଫିକ ପୋଲିସ ଫାଇନ୍ କରିଛି। ଏହି ଗାଡ଼ିଟି ଭୁବନେଶ୍ୱର ଲକ୍ଷ୍ମୀ ସାଗର ବ୍ରିଟ କଲୋନୀର ବିରଜା ପ୍ରସାଦ ପଣ୍ଡାଙ୍କର ବୋଲି ଜଣାପଡ଼ିଛି। ଟ୍ରାଫିକ ପୋଲିସ ୨୫୦୦ ଟଙ୍କା ଫାଇନ କରିଛନ୍ତି। ତେବେ ଗାଡ଼ିଟି ବିଭିନ୍ନ ଟ୍ରାଫିକ ପୋଷ୍ଟ ଅତିକ୍ରମ କରି କିଭଳି ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଗଲା ତାହା ହିଁ ବଡ଼ ପ୍ରଶ୍ନ।

# ଶରଧାବାଲି ମୁକ୍ତାକାଶ ରଙ୍ଗ ମଞ୍ଚରେ ୫୮ ତମ କୁମାର ଉତ୍ସବ ଉଦ୍‌ଯାପିତ

ପୁରୀ, (ସବ୍ୟ): ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ସୁସ୍ଥ ସହ ପରିବର୍ତ୍ତନ ଆସିପାରିବ। ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅଶ୍ଳୀଳତା ସହ ସମାଜ ଉପରେ ଏହାର କୁପ୍ରଭାବ ପଡୁଛି। କିନ୍ତୁ ପରମ୍ପରା ଓ ସଂସ୍କୃତିକୁ ସାମାଜିକ ଧର୍ମୀ ବାର୍ତ୍ତା ଦିଆଯିବା ସହ ନାରୀ ସୁରକ୍ଷା ହୋଇପାରିବ ବୋଲି ଶରଧାବାଲି ମୁକ୍ତା ଶ ରଙ୍ଗ ମଞ୍ଚରେ ଅନୁଷ୍ଠିତ କୁମାର ଉତ୍ସବ ଉଦ୍‌ଯାପନ ଉତ୍ସବରେ ଯୋଗ ଦେଇ ଏହା କହିଛନ୍ତି ପିସିସି ସଭାପତି। ଉତ୍ସବର ଶେଷ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା କଣ୍ଠ ଶିଳ୍ପୀ ଇରା ମହାନ୍ତିଙ୍କ ମନଛୁଆଁ ଗୀତ । ତାଙ୍କ ଗୀତରେ ଝୁମିଥିଲେ ଦର୍ଶକ।ସେହିପରି କଣ୍ଠ ଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଏକ ଏକ ପୁରୁଣା ଭଜନ ଗାଇଥିଲେ। ଏହା ଉପସ୍ଥିତ ସମସ୍ତଙ୍କୁ ବିମୁଗ୍ଧ କରିଥିଲା। ୮୭ ବର୍ଷ ବୟସରେ ମଧ୍ୟ ସେ ଏଭଳି ସ୍ୱରରେ ଗୀତ ଗାଇ ପାରନ୍ତି ତାହା କେହି ବିଶ୍ୱାସ କରି ପାରୁନଥିଲେ। ୫୮ ତମ କୁମାର ଉତ୍ସବ ଉଦ୍‌ଯାପନୀ ଉତ୍ସବରେ ପିସିସି ସଭାପତି ଭକ୍ତଚରଣ ଦାସ, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର , ସମ୍ପାଦକ ସ୍ୱବାଧାନ କୁମାର ପଣ୍ଡା , ଦୂରଦର୍ଶନ ଉଦ୍‌ଘୋଷିକା କଳ୍ପନା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କଣ୍ଠ ଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ କୁମାର ଉତ୍ସବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସୁକାନ୍ତ ପଣ୍ଡାଙ୍କ ସମ୍ପାଦିତ ଶିଶୁ ସମାଚାର ଲୋକାର୍ପିତ ହୋଇଥିଲା।କୃଷ୍ଣମଣି ନୃତ୍ୟ କଳା ମନ୍ଦିର ଗୁରୁ ଶ୍ରୀ ମନସ୍ମିତା ସାହୁଙ୍କ ନିର୍ଦ୍ଦେଶନାରେ ମହାରୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ଆଇଆଇଟି ଭୁବନେଶ୍ୱରରେ ବିଶ୍ୱ ମାନକ ଦିବସ-୨୦୨୫ ପାଳିତ

ଭୁବନେଶ୍ୱର, (ସବ୍ୟ): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଏବଂ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ) ପକ୍ଷରୁ ମିଳିତ ଭାବରେ ତଥା ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟମିତା ପାର୍କର ସହଯୋଗରେ ବିଶ୍ୱ ପାଇଁ ସହଭାଗୀ ଦୃଷ୍ଟିକୋଣ: ୧୭ ଲକ୍ଷ୍ୟ ପାଇଁ ସହଭାଗୀତା ଉପରେ ଆଲୋକପାତ ବିଷୟବସ୍ତୁ ଉପରେ ବିଶ୍ୱ ମାନକ ଦିବସ ୨୦୨୫, ପ୍ରତିଷ୍ଠାନ ପରିସରରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମ ନବସୃଜନ, ସ୍ଥାୟୀତ୍ୱ ଏବଂ ସାମୂହିକ ଅଭିବୃଦ୍ଧିକୁ ମାନକର ଭୂମିକା ଉପରେ ଆଲୋକପାତ କରିବା ପାଇଁ ବିଶିଷ୍ଟ ବ୍ୟକ୍ତି, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍ ଏବଂ ଶିଳ୍ପ ନେତାମାନଙ୍କୁ ଏକତ୍ରିତ କରିଥିଲା। ଏହି ଉତ୍ସବରେ ରାଜ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ।ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସେଲର ପ୍ରଫେସର ଡକ୍ଟର ସଞ୍ଜୟ କୁମାର ନାୟକ, ଟାଟା ଷ୍ଟିଲ୍ ଲିମିଟେଡ଼ର ମୁଖ୍ୟ ବୈଷୟିକ ସେବା ଡକ୍ଟର ଅନୁ କୁମାର ଏବଂ ବିଆଇଏସ୍ ଭୁବନେଶ୍ୱର ଶାଖାର ବରିଷ୍ଠ ନିର୍ଦ୍ଦେଶକ ଅକ୍ଷୟ କୁମାର ପୁରୋହିତ ପ୍ରମୁଖ ଥିଲେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, ମାନକ ହେଉଛି ଏକ ଦେଶର ପ୍ରଗତି ପଛରେ ନୀରବ ଶକ୍ତି ଓ ଏହା ସୁନିଶ୍ଚିତ କରେ ଯେ ନବସୃଜନ ନିର୍ଭରଯୋଗ୍ୟ, ପ୍ରଯୁକ୍ତିବିଦ୍ୟା ସୁରକ୍ଷିତ ଏବଂ ଗ୍ରାହକଙ୍କ ବିଶ୍ୱାସ ଦୃଢ଼ ରହିଛି। ଓଡ଼ିଶା ବିଜ୍ଞାନ ଏବଂ ପ୍ରଯୁକ୍ତିର ଏକ କେନ୍ଦ୍ର ହେବା ଦିଗରେ ଅଗ୍ରସର ହେଉଥିବାରୁ, ଆମର ଜାତୀୟ ଏବଂ ବିଶ୍ୱସ୍ତରୀୟ ଲକ୍ଷ୍ୟ ସହିତ ସମନ୍ୱୟ ରଖି ଗୁଣବତା ଏବଂ ସ୍ଥାୟୀତ୍ୱର ସଂସ୍କୃତି ଗଠନ ପାଇଁ ଆଇଆଇଟି ଭୁବନେଶ୍ୱର ଏବଂ ବିଆଇଏସ ଭଳି ପ୍ରତିଷ୍ଠାନ ମଧ୍ୟରେ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରଫେସର କରମାକରଙ୍କ ତାଙ୍କ ଭାଷଣରେ କହିଥିଲେ ମାନକ ହେଉଛି ପ୍ରଗତିର ଅଦୃଶ୍ୟ ନାୟକ - ଏହା ବିଶ୍ୱାସ ସୃଷ୍ଟି କରେ, ଗୁଣବତା ସୁନିଶ୍ଚିତ କରେ ଏବଂ ନବସୃଜନକୁ ସକ୍ଷମ କରେ। ଆଇଆଇଟି ଆମେ ଗୁଣବତା, ସୁରକ୍ଷା ଏବଂ ସହଭାଗୀ ସମୃଦ୍ଧି ଦ୍ୱାରା ପରିଭାଷିତ ଭବିଷ୍ୟତ ଗଠନ ପାଇଁ ମାନକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଏବଂ ଶିକ୍ଷା ଏବଂ ଗବେଷଣାରେ ମାନକୀକରଣକୁ ଏକୀକୃତ କରିବା ପାଇଁ ପ୍ରତିବଦ୍ଧ। ପ୍ରଫେସର ଡକ୍ଟର ସଞ୍ଜୟ କୁମାର ନାୟକ କହିଥିଲେ ମାନକ ହେଉଛି ନବସୃଜନ ଏବଂ ଶିଳ୍ପ ଅଭିବୃଦ୍ଧିର ମେରୁଦଣ୍ଡ ଓ ମାନକ ଗଠନ ପ୍ରକ୍ରିୟାରେ ଛାତ୍ର, ଗବେଷକ ଏବଂ ଶିକ୍ଷକଙ୍କୁ ଏକାଠି କରିବା ଦ୍ୱାରା ଭାରତରେ ମାନକ ଆମର ନିଜସ୍ୱ ବୈଜ୍ଞାନିକ ଶକ୍ତି ଏବଂ ସ୍ଥାୟୀତ୍ୱ ଲକ୍ଷ୍ୟକୁ ପ୍ରତିଫଳିତ କରିବା। ଟାଟା ଷ୍ଟିଲର ଡକ୍ଟର ଅନୁ କୁମାର ମଧ୍ୟ ମାନକର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ। ସଂକ୍ଷିପ୍ତ ଗତିଶୀଳତା ଠାରୁ ମହାକାଶ ଅନୁସନ୍ଧାନ ପର୍ଯ୍ୟନ୍ତ ପ୍ରଗତି ପାଇଁ ମାନକୀକରଣ ଅତ୍ୟାବଶ୍ୟକ କିନ୍ତୁ ଅନ୍ୟ ସବୁକିଛି ମାନକୀକରଣ କରାଯାଉଥିବା ପ୍ରାରମ୍ଭରେ, କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ପଲାସ ରାୟ ସମ୍ମାନିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏବଂ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସଂଯୋଜକ ଡକ୍ଟର ମାନସରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ଶେଷ ହୋଇଥିଲା।



# ବିଜେବି ଫ୍ରେଣ୍ଡ୍ସ ଦ୍ୱାରା ଗାନ୍ଧୀ ଦର୍ଶନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର (ସବ୍ୟ): ଯୁବ ପିଢ଼ୀ ମାନଙ୍କ ମଧ୍ୟରେ ମହାତ୍ମାଗାନ୍ଧୀଙ୍କ ନୀତି ଓ ଆଦର୍ଶର ବାର୍ତ୍ତା ପହଞ୍ଚାଇବାକୁ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ର ଆର୍ଥିକ ସହାୟତାରେ ଓ ବିଜେବି କଲେଜ ପୂର୍ବତନ ଛାତ୍ରଛାତ୍ରୀ ସଂଘ ଓ ବିଜେବି ଫ୍ରେଣ୍ଡ ଆନୁକୂଲ୍ୟରେ ବିଜେବି କଲେଜ ରେ "ୟୁଥ୍ ରିମେମ୍ବରିଙ୍ଗ ଗାନ୍ଧୀ" ଉତ୍ସବ ପାଳିତ ହୋଇଯାଇଛି।ଏହି ଉତ୍ସବ ରେ ଗାନ୍ଧୀ ପିସ୍ ଫାଉଣ୍ଡେସନ ର ଓଡ଼ିଶା ମୁଖ୍ୟ ଜଷ୍ଟିସ ମନୋରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକ ପାତ କରିଥିଲେ। ବିଜେବି କଲେଜର ଅଧକ୍ଷ ପ୍ରଫେସର ଝୁମକୀ ପଥଯ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ର ପୂର୍ବତନ ଡେପୁଟି ଗଭର୍ଣ୍ଣର ହାରୁନ୍ ରସିଦ୍ ଖାନ୍, ଓ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ର ଜେନେରାଲ ମ୍ୟାନେଜର ଏଚ୍.କେ.ଦାସ, ଡେପୁଟି ଜେନେରାଲ ମ୍ୟାନେଜର ହରବିନ୍ଦର ସିଂ, ରିଜିଓନାଲ୍ ନିରଞ୍ଜନ ବାରିକ ଓ ଗାନ୍ଧୀ ପିସ୍ ଫାଉଣ୍ଡେସନ ଭୁବନେଶ୍ୱର ଭାଗ ର ଅଧକ୍ଷ ତଥା ବିରୁପାକ୍ଷ ତ୍ରିପାଠୀ ଅତିଥି ରୂପେ ଯୋଗଦେଇ ସେମାନଙ୍କର ମୂଲ୍ୟବାନ ବକ୍ତବ୍ୟ ଦେଇଥିଲେ। ଏହି ଉତ୍ସବ ରେ ପୂର୍ବରୁ ମହାତ୍ମାଗାନ୍ଧୀ ଙ୍କ ଜୀବନୀ ଓ ଆଦର୍ଶ ଉପରେ କରାଯାଇଥିବା ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ରଚନା, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ନଗଦ ରାଶି ,ମାନପତ୍ର ତଥା ଫଳକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଉକ୍ତ ଉତ୍ସବରେ ବିଜେବି ଫ୍ରେଣ୍ଡ ର ସଭାପତି ଶ୍ରୀ ଦେବାଶିଷ ପଟ୍ଟନାୟକ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିବା ବେଳେ ଓ ସଂପାଦକ ସତ୍ୟବ୍ରତ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ, ରିଜର୍ଭ ବ୍ୟାଙ୍କ ର ପୂର୍ବତନ ଗଭର୍ଣ୍ଣର ହାରୁନ୍ ରସିଦ୍ ଖାନ୍,କୃଷ୍ଣ ଚନ୍ଦ୍ର ପାତ୍ର, ରାଜକିଶୋର ଚୌଧୁରୀ,ରାଜେନ୍ଦ୍ର ବେହେରା, ଶ୍ୟାମସୁନ୍ଦର ପଟ୍ଟନାୟକ, କେଦାର ପଟ୍ଟନାୟକ ତଥା କଲେଜ ର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏ ଉତ୍ସବକୁ ଅଧ୍ୟାପିକା ଡକ୍ଟର ନମିତା ପଟ୍ଟନାୟକ ଓ ସଂପ୍ରିତି ପଣ୍ଡା ପରିଚାଳନା କରିଥିଲେ।



# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନବଜାତ ଶିଶୁ ଚୋରି, ବୈଶିଙ୍ଗାରୁ ଉଦ୍ଧାର କଲା ପୋଲିସ

ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ମାତିଛନ୍ତି ପିଲାଚୋର । ମାଆ କୋଳରୁ ଚୋରି ହୋଇଗଲା ମାତ୍ର ଦିନକର ଶିଶୁ ପୁତ୍ରକୁ । ପ୍ରସୂତୀଙ୍କୁ ସାହାଯ୍ୟ କରିବାର ଆଳ ଦେଖାଇ ନବଜାତକ ଶିଶୁକୁ ଡାକ୍ତର ପାଖକୁ ନେଇଯିବା କହି ଛୁଆ ନେଇ ଛୁ ମାରିଲେ ଅପରିଚିତ ମହିଳା । ପ୍ରସୂତି ମହିଳା ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ରାଣୀଭୋଳ ଗ୍ରାମର ଧାନାଇଁ ହାଁସଦାଃଙ୍କ ସ୍ତ୍ରୀ ଫୁଲମଣୀ ସୋରେନ (୨୦ବର୍ଷ) । ସେ ଗତକାଲି ସକାଳେ ବାରିପଦା ହସପିଟାଲରେ ମହିଳା ଓ ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ ଏବଂ ଗତକାଲି ହିଁ ତାଙ୍କର ପୁତ୍ରସନ୍ତାନ ଜନ୍ମ ହୋଇଥିଲାବେଳେ ଆଜି ସକାଳୁ ଛୁଆ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ସୂଚନା ମୁତାବକ ଶୁକ୍ରବାର ସକାଳୁ ଫୁଲବାଣୀଙ୍କୁ ପ୍ରସବ ଜନିତ ବେଦନା ହେବାରୁ ଆଶାକର୍ମୀ କାର୍ମୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିଲେ । ହେଲେ ବାଟରେ ଆମ୍ବୁଲାନ୍ସରେ ହିଁ ଫୁଲମଣୀ ପିଲା ଜନ୍ମ କରିଥିଲେ । ପରେ ତାଙ୍କୁ ହସ୍‌ପିଟାଲକୁ ଅଣାଯାଇ ଚିକିତ୍ସା କରାଯାଇଥିଲା । ହେଲେ ଗତକାଲି ଠାରୁ ହସପିଟାଲରେ ତାଙ୍କ ପାଖାପାଖି ବସି ରହିଥିବା ଅନ୍ୟଜଣେ ମହିଳା ଶନିବାର



ସକାଳୁ ଡାକ୍ତର ଦେଖାଇବା ସହ ଅଫିସରେ ସରକାରୀ ସହାୟତା ଯୋଗାଇଦେବା କହି ନବଜାତକର ବାପା ଧନାଇ ହାଁସଦାଃଙ୍କ ସହ ଛୁଆକୁ ପାଞ୍ଚ ମହଲାରୁ ତଳକୁ ନେଇ ଆସିଥିଲେ । ତଳେ ପହଞ୍ଚିବା ପରେ ମହିଳା ଜଣକ ଫୋଟ ଆବଶ୍ୟକ ଥିବା କହି ଛୁଆକୁ ନିଜେ ଧରି ଧନାଇଙ୍କୁ ଉପରୁ ଆଣିବାକୁ କହିଥିଲେ । ଧନାଇ ଉପରୁ ଯାଇ ଫେରିଲା ବେଳକୁ ଛୁଆକୁ ନେଇ ମହିଳା ଜଣକ ଚମ୍ପଟ ମାରି ସାରିଥିଲେ । ଖୋଜାଖୋଜି କରି ଉକ୍ତ ମହିଳା ତଥା ଶିଶୁପୁତ୍ରକୁ ନପାଇ ଡାକ୍ତରଖାନା ଫାଣ୍ଡିରେ ଅଭିଯୋଗ କରିଥିଲେ ପିତା ଧନାଇ ହାଁସଦା । ଏନେଇ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିଲା। ହସ୍ପିଟାଲର ସିସିଟିଭି ଯାଞ୍ଚ ପରେ ପିଲା ଚୋରୀ କରିଥିବା ମହିଳାଙ୍କ ପରିଚୟ ପାଇଥିଲା ପୋଲିସ । ଗର୍ଭବତୀ ହେବାର ମିଛ ଅଭିନୟ କରି ସୁଯୋଗ ଅପେକ୍ଷାରେ ରହିଥିଲା ପିଲା ଚୋରଣୀ । ଅଭିଯୁକ୍ତ ମହିଳା ଜଣଙ୍କ ହେଲେ ବୈଶିଙ୍ଗା ଅଞ୍ଚଳର ପାର୍ବତୀ ହେମ୍ବ୍ରମ । ମହିଳା ଜଣଙ୍କ ପିଲାଟିକୁ ଘରକୁ ନେଇଯାଇଥିବା ଖବର ପାଇବା ପରେ ମହିଳାଙ୍କ ଘରେ ପହଞ୍ଚି ଶିଶୁଟିକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ମହିଳାଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ପୋଲିସ ।

# ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀରେ ସତ୍ୟଙ୍କ ବାଲୁକା କଳା ନିର୍ମାଣ



ବ୍ରହ୍ମପୁର, (ସବ୍ୟୁ): ଅକ୍ଷୟ ମହାନ୍ତିଙ୍କ ଜନ୍ମ ଜୟନ୍ତୀ ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ ଦ୍ୱାରା ବାଲୁକା କଳା କୃତି ଗୋପାଳପୁର ବେଳାଭୂମି ଠାରେ ନିର୍ମାଣ କରାଯାଇଛି । ଯାହାର ଉଚ୍ଚତା ୫ ଫୁଟ ୬ ଇଞ୍ଚି ଓ ଓସାର ୭ ଫୁଟ ରହିଛି । ଏହାକୁ କରିବାକୁ ସତ୍ୟଙ୍କୁ ୩ଘଣ୍ଟା ସମୟ ଲାଗିଥିଲା ବୋଲି ସେ କହିଛନ୍ତି ।

# ବରିଷ୍ଠ ନାଗରିକଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ, ସେବା ନିବୃତ୍ତ ବିକାଶ ମଞ୍ଚ

ବ୍ରହ୍ମପୁର, (ସବ୍ୟୁ): ବିଳମ୍ବ ରେ ହେଲେ ମଧ୍ୟ ରାଜ୍ୟ ସରକାର ବରିଷ୍ଠ ନାଗରିକ ମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପାଇଁ ବ୍ଲକ ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରି ସମ୍ବର୍ଦ୍ଧିତ କରିଛନ୍ତି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ । ସମାଜରେ ବରିଷ୍ଠ ମାନଙ୍କର ସମାଜ ପ୍ରତି ଅବଦାନକୁ ସ୍ୱୀକୃତି ସ୍ୱରୂପ ବିଭିନ୍ନ ଦେଶରେ ଏବଂ ଭାରତର ବିଭିନ୍ନ ରାଜ୍ୟରେ ବିଭିନ୍ନ ପ୍ରୋତ୍ସାହନ ଯୋଜନା ପ୍ରଣୟନ କରି ସେମାନଙ୍କ ମନୋବଳ ବୃଦ୍ଧି ପାଇଁ ଚେଷ୍ଟା କରୁଛନ୍ତି । ସମ୍ପ୍ରତି ପରିବାରରେ ଏବଂ ସମାଜରେ ବରିଷ୍ଠ ମାନେ ବିଭିନ୍ନ କାରଣରୁ ଅବହେଳିତ ହେବାରେ ଅନେକ ଉଦାହରଣ ଅଛି । ବିଶେଷ କରି ସ୍ୱାସ୍ଥ୍ୟ କ୍ଷେତ୍ରରେ, ବ୍ଲକ ସ୍ତରରେ ଭତ୍ତା ଗ୍ରହଣ ସମୟରେ, ପୋଷ୍ଟ ଅଫିସ, ବ୍ୟାଙ୍କରେ ଟଙ୍କା ଜମା ଓ ଉଠାଣ ସମୟରେ, ବରିଷ୍ଠ ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଏବଂ ବସ ଓ ଟ୍ରେନରେ ରିହାତି ପ୍ରଦାନର ବ୍ୟବସ୍ଥା କରିବା ପ୍ରଭୃତି ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ବ୍ୟାଙ୍କ, ପୋଷ୍ଟ ଅଫିସରେ, ବସ ଓ ରେଳ ଟିକେଟ କାଟିବା ପାଇଁ ସ୍ୱତନ୍ତ୍ର କାଉଣ୍ଟର ବ୍ୟବସ୍ଥା କରାଗଲେ ବରିଷ୍ଠ ମାନେ ଉପକୃତ ହୋଇପାରନ୍ତେ । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଉପରୋକ୍ତ ସମସ୍ୟା ଗୁଡ଼ିକ ସମାଧାନ ହୋଇ ପାରିବ ବୋଲି ଓଡିଶା ସେବାନିବୃତ୍ତ ବିକାଶ ମଞ୍ଚର ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଗଞ୍ଜାମ ଜିଲ୍ଲା ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ଅଶୋକ କୁମାର ଦଳାଇ, ଉପସଭାପତି ସୁବାଷ ଚନ୍ଦ୍ର ମିଶ୍ର, ସହ ସମ୍ପାଦକ ମିହିର କୁମାର ମହାପାତ୍ର, ଶିକ୍ଷକ ନେତା ପୀତବାଶ ମହାପାତ୍ର, ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା ଏବଂ ନିଖିଳ ଉତ୍କଳ ଶିକ୍ଷକ ସଙ୍ଘର ଅଧ୍ୟକ୍ଷ କାମରାଜୁ ମହାରଣା ପ୍ରମୁଖ ଦାବି କରିଛନ୍ତି ।

# ଅନ୍ତର୍ଜାତୀୟ ଜିଲ୍ଲା ସ୍ତରୀୟ ଶିଶୁ କନ୍ୟା ଦିବସ

ଛତ୍ରପୁର, (ସବ୍ୟୁ): ଶନିବାର ଦିନ ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ଛତ୍ରପୁର ଜିଲ୍ଲା ପରିଷଦର ଯଉଗଡ଼ ସଭା ଗୃହ ଠାରେ ଅନ୍ତର୍ଜାତୀୟ ଜିଲ୍ଲାସ୍ତରୀୟ ଶିଶୁ କନ୍ୟା ଦିବସ ଅବସରରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଗଂଜାମ ଜିଲ୍ଲାର ଅତିରକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୁଷ୍ଟି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲା ବେଳେ ଗଂଜାମ ଜିଲ୍ଲାର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟ ଲକ୍ଷ୍ମୀ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ, ଜିଲ୍ଲାର ମହିଳା ସୁରକ୍ଷା ଅଧିକାରୀ ଡ଼ି . ନଗୋରନ୍ତନମ, ଗଂଜାମ ଜିଲ୍ଲାର ଅତିରକ୍ତ ମଙ୍ଗଳ ଅଧିକାରୀ ଦେବରଞ୍ଜନ ଦାସ, ପ୍ରୋଗ୍ରାମ ଅଫିସର ଶାନ୍ତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କନ୍ୟା ସନ୍ତାନର ସୁରକ୍ଷା ଓ କନ୍ୟା ମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ସରକାରୀ ବେବୋସ୍ତ ମାନ ଉପରେ



ନିଜର ମତ ରଖିଥିଲେ । ଅତିରକ୍ତ ଜିଲ୍ଲାପାଳ ନିଜର ଅଭିଭାଷଣରେ ମତ ରଖିଥିଲେ ଯେ ଆମର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ପାଇଁ ଆମର କନ୍ୟା ମାନେ ଆଜିର ଦିନରେ ବିଭିନ୍ନ କ୍ଷେତ୍ରରେ ଆଗକୁ ଆସିଲେଣି ସମାଜରେ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେଲେଣି । ସେହି କନ୍ୟାମାନଙ୍କୁ ଆମକୁ ତାଙ୍କ ଅଧିକାର ଦେବାକୁ ପଡିବ, ସମାଜରେ ସବୁ କ୍ଷେତ୍ରରେ ସେମାନେ ପୁଅ ମାନଙ୍କ ଠାରୁ ଆଗକୁ ଯିବା ଦରକାର, ତେଣୁ ଆମ ସମସ୍ତଙ୍କୁ ମିଳିତ ଭାବରେ କାମ କରିବାକୁ ପଡିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ ରୁ ପ୍ରାୟ ୧୦୦ ଜଣ କିଶୋରୀ ବାଳିକା ମାନେ ଉପସ୍ଥିତ ରହି ନାଚ , ଗୀତ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଭାଗ ନେଇଥିଲେ ପ୍ରଶଂସୀତ ହୋଇଥିଲେ । କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ବିରୁଦ୍ଧରେ ଲଢ଼ି ୧୧ ଟି ବାଲ୍ୟ ବିବାହ ପ୍ରତିରୋଧ କରିଥିବାରୁ ଚିକିଟି ବ୍ଲକର ସରଳ ପଂଚାୟତର ସରପଞ୍ଚ ସସ୍ମିତା ସାହୁ ସମ୍ମାନିତ ହୋଇଥିଲେ । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜକ ଦେବବ୍ରତ ମାହୁନ୍ତ ସଂଚାଳନ କରିଥିବା ବେଳେ ମହିଳା ସୁରକ୍ଷା ବିଭାଗର ଜିଲ୍ଲା ସଂଯାଜକ ଗୀତାଞ୍ଜଳି ମହାରଣା ଧନ୍ୟବାଦ ଦେଇଥିଲେ ।

# ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ୨୪ କ୍ରୀଡାବିତ ସାମିଲ

ବାରିପଦା, (ସବ୍ୟୁ) : ଚଳିତ ଅକ୍ଟୋବର ମାସ ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାର ଚରମ୍ପା ସ୍ଥିତ ହନୁମାନ ଜିଉ ଉଚ୍ଚ ବିଦ୍ୟାଳୟ, ରେଲେଓ୍ୱ ଫିଲ୍ଡରେ ଚାଲୁଥିବା ଓଡିଶା ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲା ରୁ ୨୪ଜଣ କ୍ରୀଡାବିତ୍ତ ଯୋଗ ଦେଇଛନ୍ତି। ଜେନେରାଲ ମ୍ୟାନେଜର ଭାବେ ଆଦିତ୍ୟ କାନୁନଗୋ ଉଚ୍ଚ ବିଦ୍ୟାଳୟ, ହାତୀମରାର ପିଇଟି ପ୍ରଦୀପ ଚୌଧୁରୀ, ବାଳକ ଟିମ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, କୁଶଳଦାର ପିଇଟି ଉଷାକାନ୍ତ ମଲ୍ଲିକ ଓ ବାଳିକା ଟିମ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଞ୍ଜପୁରର ପିଇଟି ତପସ୍ୱିନୀ ମହାନ୍ତଙ୍କ ନେତୃତ୍ୱରେ ଯୋଗ ଦେଇଥିବା କ୍ରୀଡାବିତ୍ତମାନେ ହେଲେ ୧୭ବର୍ଷ ରୁ କମ ବାଳକ ବିଭାଗରେ ଭବେଷ ଦାସ, ଧନଞ୍ଜୟ ମହାନ୍ତ, ସଞ୍ଜୟ କୁମାର ରାଉତ, ସ୍ୱରୂପାନନ୍ଦ ବାରିକ, ଦେବକୃଷ୍ଣ ପ୍ରଧାନ, ରାଧାକୃଷ୍ଣ ସାହୁ, ଦିବ୍ୟରଞ୍ଜନ ମଲ୍ଲିକ, ଭବେଶ ସାହୁ, ତନୁଜିତ୍ ବାରିକ, ଶିବୁ ପରିଡା, ବାସୁଦେବ ଧଳ, ଓମ ପ୍ରକାଶ ସାହୁ ଓ ବାଳିକା ବିଭାଗରେ ଦାଙ୍ଗି ହାଁସଦାଃ, ଅନିତା ଜାମୁଦା, ସାରଥୀ ହେମ୍ବ୍ରମ, ପାନ ହାଁସଦାଃ, ଲକ୍ଷ୍ମୀ ବାସ୍କେ, ଦେବସ୍ମିତା ହାଁସଦାଃ, ରଞ୍ଜିତା ହେମ୍ବ୍ରମ, ବାସନ୍ତୀ ମାଝୀ, କୃଷ୍ଣାରାଣୀ ବେସ୍ରା, କାଜଲ ହେମ୍ବ୍ରମ, ପୁଷ୍ପଲତା ହେମ୍ବ୍ରମ, ଜୋବା ଟୁଡୁ ଓ ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ଏହି ଭବ୍ୟ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଭଲିବଲ ଏନଆଇଏସ କୋଚ ମନୋରଞ୍ଜନ ଜିଉ ଉପସ୍ଥିତ ରହି କ୍ରୀଡାବିତ୍ତ ମାନଙ୍କୁ ଉତ୍ସାହିତ କରିବା ସହିତ ରାଜ୍ୟସ୍ତରରେ ସଫଳତା କାମନା କରିଛନ୍ତି ।

## ମା’ ଗଜଲକ୍ଷ୍ମୀଙ୍କ ପୂଜା ଷଷ୍ଠ ଦିନରେ

# ନାମଯଜ୍ଞ ଓ ଅନ୍ନଯଜ୍ଞରେ ସାମିଲ ହେଲେ ହଜାର ହଜାର ଶ୍ରଦ୍ଧାଳୁ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ସ୍ଥିତ ଲୋୟାର ବସଷ୍ଟାଣ୍ଡ ସ୍ଥିତ ଲକ୍ଷ୍ମୀ ବଜାର ମାର୍କେଟ କମ୍ପ୍ଲେକ୍ସ ଠାରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ପାଳିତ ହୋଇଯାଇଛି । ଚଳିତ ବର୍ଷ ମା’ ଗଜଲକ୍ଷ୍ମୀଙ୍କ ପୂଜା ଲାଗି ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଶନିବାର ଷଷ୍ଠ ଦିନରେ ନାମ ଯଜ୍ଞ, ଅନ୍ନ ଯଜ୍ଞ ଓ ଗୀତା ଯଜ୍ଞରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଦର୍ଶନ କରିବା ସହିତ ମା’ଙ୍କ ଆଶୀର୍ବାଦ ଲାଭ କରିଥିଲେ । ଏହି ଅବସରରେ ସମଜସେବୀ ତଥା ଉପଦେଷ୍ଟା ଦୀପକ କୁମାର ମୁଦୁଲି, ମା’ ରାମଚଣ୍ଡୀ ପୂଜା କମିଟି ସଭାପତି ସିଏଚ ଦୟାନନ୍ଦ ରେଡ୍ଡୀ, ଶ୍ରମିକ ନେତା ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଓ ପୂର୍ବତନ କାଉନସିଲର ଏମ. ସମରେନ୍ଦ୍ର ସେନାପତିଙ୍କ ସମେତ ହଜାର ହଜାର ଭକ୍ତ ମାନେ ମା’ ଙ୍କ ଦର୍ଶନ କରିବା ସହିତ ପ୍ରସାଦ ସେବନ କରିଥିଲେ । ସୂଚନା ଥାଉ କି, ଚଳିତ ବର୍ଷ ୨୫ ବର୍ଷ ପାଳନ ଅବସରରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ଓ ବହୁ ଯାକଜକମରେ କରାଯାଉଛି । ସକାଳୁ କର୍ମକାଣ୍ଡ ବିଶେଷଜ୍ଞ ପଣ୍ଡିତ ଡ଼.ସରୋଜ କୁମାର ଶତପଥିଙ୍କ ପୌରହିତରେ ସୂର୍ଯ୍ୟପୂଜା, ହୋମ ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ନୃସିଂହ ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପୂଜା କମିଟିର ଉପଦେଷ୍ଟା ଦୀପକ କୁମାର ମୁଦୁଲି, ମୁଖ୍ୟ କର୍ତ୍ତା ଭାବେ ଏସ. ପ୍ରବୀଣ କୁମାର ଓ ସରୋଜ କୁମାର ପାଢ଼ୀଙ୍କ ସମେତ ବହୁ ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଛନ୍ତି ।

# ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଅଞ୍ଚଳର ଜନୈକା ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ବାଲୁଗାଁ ଅଞ୍ଚଳର ଜୈନେକ ଯୁବକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଯୁବକ ଜଣକ ହେଲେ ବାଲୁଗାଁର ନବ କିଶୋର ସ୍ୱାଇଁଙ୍କ ପୁତ୍ର ରଞ୍ଜନ କୁମାର ସ୍ୱାଇଁ (୨୦) ହୋଇଥିବା ବେଳେ ଏନେଇ କେସ୍ ନଂ ୬୩୭/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ରଞ୍ଜନ ଓ ଅଭିଯୋଗକାରିଣୀ ଯୁବତୀ ଉଭୟେ ଭାରତ ଫାଇନାନ୍ସରେ କାମ କରୁଥିଲେ । ତେବେ ଦୁଷ୍କର୍ମ ପରେ ରଞ୍ଜନ ସେହି ଫାଇନାନ୍ସ ସଂସ୍ଥା ଛାଡି ଦେଇଥିବା ବେଳେ ପିଡୀତା ଯୁବତୀ ଜଣକ ବୁଗୁଡା ଥାନାର ଦ୍ୱାରସ୍ଥ ହୋଇଥିଲେ । ଯୁବତୀଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

# ମହିଳା ସମିତି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର): ମହାନଦୀବିହାର ମହିଳା ସମିତି ପକ୍ଷରୁ କୁମାରପୂର୍ଣ୍ଣିମା ଉପଲକ୍ଷେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ମହାନଦୀ ଭବନ ଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ । ସମ୍ମାନୀତ



ଅତିଥିଭାବେ କର୍ପୋରେଟର ଇଂ ସୁବ୍ରତ ଘଡେଇ, ଏମ୍‌ଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସମିତିର ସଦସ୍ୟା ମାଳତୀ ଜେନା ପ୍ରମୁଖଙ୍କୁ ସମିତି ପକ୍ଷରୁ ଚାରୁଲାତା ଷଡ଼ଙ୍ଗୀ ଉପଢ଼ୌକନ ଓ ପୁଷ୍ପଗଚ୍ଛ ଦେଇ ସମ୍ମାନୀତ କରିଥିଲେ । ସମିତିର ସଭାନେତ୍ରୀ ନମିତା ଦାଶ ଏବଂ ସମ୍ପାଦିକା ମଧୁସ୍ମିତା ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ପରିଚଳାନା କରିଥିଲେ । ଏଥିରେ ମହାନଦୀବିହାର ମହିଳା ସମିତିର ସଭ୍ୟା ମାନଙ୍କ ଦ୍ୱାରା ପ୍ରସ୍ତୁତ ନାଟକ ‘ବୋହୂ କଟକୀଆଣୀ ‘ ମଞ୍ଚସ୍ଥ କରାଯାଇଥିଲା । ଏହା ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ଆମରନ୍ଧୁ ମହାନ୍ତି । ଏହା ବ୍ୟତୀତ ସଭ୍ୟମାନଙ୍କ ଦ୍ୱାରା ଏକ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା । ନୃତ୍ୟ ଗୁରୁ ବଳଭଦ୍ର ନାୟକଙ୍କ ନିର୍ଦ୍ଦେଶନାରେ ଉଭୟ ଗୁରୁଙ୍କୁ ସମିତି ପକ୍ଷରୁ ସମ୍ମାନୀତ କରାଯାଇଥିଲା । ରୋଜିସ ମେକ୍‌ଓଭର ପକ୍ଷରୁ କୃଷ୍ଣପ୍ରିୟା ତ୍ରିପାଠୀ ସମସ୍ତ କଳାକାର ମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସମିତିର ସଭ୍ୟ ସୁଶ୍ରୀ ଇନ୍ଦୁ ଦାସ, ରୀନା ମିଶ୍ର, ସସ୍ମିତା ସାବତ, ଅନ୍ୱେଷା ମହାନ୍ତି, ରଶ୍ମି ପଣ୍ଡା, ପ୍ରଣତି ଆଚାର୍ଯ୍ୟ, ସ୍ୱପ୍ନାମୟୀ ସ୍ୱାଇଁ, ସ୍ନେହ ନନ୍ଦ, ସୀମା କୁମାରୀ ପ୍ରମୁଖ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବାରେ ସହୋଯୋଗ କରିଥିଲେ ।

# ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭଞ୍ଜନଗର, (ସବ୍ୟୁ): ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁର ସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଶାଖାର ନୂତନ ସ୍ୱେଚ୍ଛାସେବୀ ମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡଃ ଗିରୀଧର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲା ଯୁବରେଡକ୍ରସର ପୂର୍ବତନ ସଂଯୋଜକ ତଥା ପ୍ରାକ୍ତନ ଅଧ୍ୟକ୍ଷ ବି. ଗୋବିନ୍ଦ ରାଓ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହ ନୂତନ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହାସହ ରେଡକ୍ରସର ଆଦର୍ଶରେ ଅନୁପ୍ରାଣିତ ହୋଇ ସାମାଜିକ ସେବାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ପ୍ରଶାସନିକ ଅଧିକାରୀ ଡଃ. ଇ. ରବିନାରାୟଣ ପାତ୍ର ଯୋଗଦେଇ ସମାଜ ସେବାରେ ଯୁବ ରେଡକ୍ରସର ଭୂମିକା ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ଉପଦେଷ୍ଟା ଡଃ. ସଂଜୀବ କୁମାର ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ମହାବିଦ୍ୟାଳୟ ପକ୍ଷରୁ, ନୂତନ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶିକ୍ଷଣ ପାଇଁ ଉତ୍ସାହିତ କରାଯାଇଥିଲା । ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରାଥମିକ ଉପଚାର ସହାୟତା ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ପ୍ରଶିକ୍ଷଣ ଶିବିରକୁ ସୁଚାରୁରୂପେ ଯୁବ ରେଡକ୍ରସର ସ୍ୱେଚ୍ଛସେବୀମାନଙ୍କୁ ପ୍ରଶିକ୍ଷିତ କରିଥିବାରୁ ମହାବିଦ୍ୟାଳୟ ତରଫରୁ ପ୍ରଶିକ୍ଷକ ବି. ଗୋବିନ୍ଦ ରାଓଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ୬୯ ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

ହିଞ୍ଜିଳିକାଟୁ, (ସବ୍ୟୁ): ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନ ପକ୍ଷରୁ ୬୯ ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଓ ହିଞ୍ଜିଳିକାଟୁ ବ୍ଲକ୍ ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପୌରାଞ୍ଚଳ ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ସାଂସଦ ଅନିତା ଶୁଭଦର୍ଶନୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରୀକା ଷଡଙ୍ଗୀ ଯୋଗଦେଇ ଖେଳୁଆଡ ମନୋଭାବ ନେଇ କ୍ରୀଡା ପ୍ରଦର୍ଶନ କରିବା ସହ ଦେଶର ସୁନାମ ଅର୍ଜନ କରିବାକୁ କ୍ରୀଡ଼ା ପ୍ରତିଯୋଗୀଙ୍କୁ ଉଦବୋଧନ ଦେଇ ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବେ ହିଞ୍ଜିଳି ବିଧାୟକଙ୍କ ବ୍ଲକ ପ୍ରତିନିଧି ଏ. ସୁଦର୍ଶନ, ପୌର ପ୍ରତିନିଧି ପ୍ୟାରୀମୋହନ ପାଢି, ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲେଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ଛତ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ କୁମାର ପାଢି, ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀ ଚାନ୍ଦିନୀ ପଣ୍ଡା, ବୃନ୍ଦାବନ ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ବିଭୁପ୍ରସାଦ ପଣ୍ଡା, ଆସିକା ସାଂସଦ ପ୍ରତିନିଧି ତଥା ବିଜେପି ନେତା ଶିଶିର ମିଶ୍ର ପ୍ରମୁଖ ମଞ୍ଚାସିନ ଥିଲେ । ଉଦଘାଟନ ଉତ୍ସବରେ ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର ୪୪ଟି ଦଳ ଅଂଶଗ୍ରହଣ କରିଥିଲେ । କୃତିତ୍ୱ ହାସଲ କରିବା ଦଳ ଚଳିତ ମାସ ଶେଷ ସପ୍ତାହରେ ସୁନ୍ଦରଗଡ଼ ଜିଲ୍ଲାରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାକୁ ମନୋନୀତ କରାଯିବ । କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡାଶିକ୍ଷା ନିରୀକ୍ଷକ ଭାଗିରଥି ସ୍ୱାଇଁ ପରିଚାଳନା କରିଥିଲେ । ମିନି ଷ୍ଟାଡିୟମ ଗ୍ୟାଲେରୀ ପରିସରରେ ସହସ୍ରାଧିକ ଦର୍ଶକ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଆୟୋଜିତ ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା ସୁପରିଚାଳନା ସକାଶେ ୧୩୦ ଜଣ କ୍ରୀଡା ଶିକ୍ଷକ ନିୟୋଜିତ କରିଥିଲେ । ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବାଳକୃଷ୍ଣ ପାତ୍ର, ସୁଶିଲ କୁମାର ପାତ୍ର, ଭି. ସୂର୍ଯ୍ୟକାନ୍ତି ପାତ୍ର, ହିଞ୍ଜିଳି ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, କ୍ରୀଡା ଶିକ୍ଷକ ବିଭୁତି ପଟ୍ଟନାୟକ, ସମିର ବେହେରା, ଚିମନ ସାହୁ, ଦୁର୍ଗା ପଣ୍ଡା, ଧିରସମିର ପାଣିଗ୍ରାହୀ, ଅଶୋକ ସାହୁ, ଜିତେନ୍ଦ୍ର ମହାରଣା, ବର୍ଷାରାଣୀ ରଥ, ଅଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଦ୍ୱାରା ପ୍ରାଦେଶିକ କାର୍ଯ୍ୟକାରିଣୀ ବୈଠକ



କଟକ, (ସ୍ୱପ୍ର): ସରସ୍ୱତୀ ବିଦ୍ୟା ମନ୍ଦିର କେଶବଧାମ ଗତିରାଉତପାଟଣା କଟକ ଠାରେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ପ୍ରାଦେଶିକ କାର୍ଯ୍ୟକାରିଣୀ ବୈଠକ ଉଦଘାଟିତ ହୋଇଯାଇଛି । ପୂର୍ବ କ୍ଷେତ୍ରର ମନ୍ତ୍ରୀ ଡ. ଲକ୍ଷ୍ମୀକାନ୍ତ ମହାରାଣା ମା’ ଭାରତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବୈଠକର ଉଦ୍‌ଘାଟନ କରିଥିଲେ । ମଞ୍ଚାସୀନ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି, ବିଦ୍ୟା ଭାରତୀଙ୍କ ସଦସ୍ୟା ଗାୟତ୍ରୀ ବାହିନୀ ପତି, ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ସମ୍ପାଦକ ଡ. ସରୋଜ କୁମାର ହାତୀ, ସଙ୍ଗଠନ ମନ୍ତ୍ରୀ ତାରକଦାସ ସରକାର ଆଦି ବରିଷ୍ଠ ଅଧିକାରୀମାନଙ୍କ ଗରିମାମୟ ଉପସ୍ଥିତ ସଭାର ଶୋଭା ବର୍ଦ୍ଧନ କରିଥିଲା । ଅୟମାରମ୍ଭ ପୂର୍ବରୁ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତ ଦିବଂଗତମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କାର୍ଯ୍ୟକୁ ସଞ୍ଚାଳନ କରିଥିଲେ । ସମ୍ପାଦକ ଡ. ସରୋଜ କୁମାର ହାତୀ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ପୂର୍ବ କାର୍ଯ୍ୟକାରିଣୀ ବୈଠକର ବିବରଣୀ ପଠନ କରିଥିଲେ । ସଭାସଦ୍ ମାନେ ଓଁ କାର ନାଦ କରି ଏହାକୁ ସ୍ୱୀକୃତି ପ୍ରଦାନ କରିଥିଲେ । ସଙ୍ଗଠନ ମନ୍ତ୍ରୀ ତାରକଦାସ ସରକାର ବୈଠକର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଗାୟତ୍ରୀ ବାହିନୀ ପତି ଶିଶୁ ବାଟିକା ଶିକ୍ଷଣର ୧୨ ବ୍ୟବସ୍ଥା, ଭୌତିକ ବ୍ୟବସ୍ଥା ଶିଶୁ ବାଟକା ବାତାବରଣ ଓ ଶିଶୁ ଶିକ୍ଷା ପାଇଁ ସମାଜ ଜାଗରଣ ଉପରେ ଆଲୋକପାତ କରିଥିଲେ । ବୈଠକର ଅବଧି ମଧ୍ୟରେ ପଞ୍ଚ ପରିବର୍ତ୍ତନ, ଛାତ୍ର ସଂଖ୍ୟା ବୃଦ୍ଧି, ପ୍ରାନ୍ତୀୟ ଯୋଜନା କ୍ରିୟାନ୍ୱୟନ, ପ୍ରଶିକ୍ଷଣ, ବିଦ୍ୟାଳୟ ଶିକ୍ଷାର ଗୁଣବତ୍ତା କ୍ରିୟାନ୍ୱୟନ, ଆର୍ଥିକ ଅବସ୍ଥା, ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ସୁବର୍ଣ୍ଣ ଜୟନ୍ତୀ, ଅଭିଭାବକ ସମ୍ପର୍କ, ବିଦ୍ୟା ଭାରତୀ ଚିନ୍ତନ ବୈଠକର କ୍ରିୟାନ୍ୱୟନ, ଅଭିଲେଖାଗାର, ଭାରତର ଜନଗଣନା, ପତ୍ର ପତ୍ରିକା, ଅଖିଳ ଭାରତୀୟ ଘୋଷ ବର୍ଗ, ସଂସ୍କାର କେନ୍ଦ୍ର ଅଟଳ ଟିଙ୍କରିଂ ଓ ଶିଶୁ ବାଟିକା ଶିକ୍ଷଣ ଉପରେ ଆଲୋଚନା କରାଯିବ । ବୈଠକରେ ଜିଲ୍ଲା ପ୍ରମୁଖ, ସହ ଜିଲ୍ଲା ପ୍ରମୁଖଙ୍କ ସହ ୮୫ ସଂଖ୍ୟକ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ । ଆସନ୍ତାକାଲି ଅପରାହ୍ନରେ ଏହା ଉଦ୍‌ଯାପନ ହେବ ।

# ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମ ନିର୍ଭରତା ମିଶନ ଯୋଜନାର ଶୁଭାରମ୍ଭ

ବାରିପଦା, (ସବ୍ୟୁ) : ଆଜି ଜାତୀୟ କୃଷି ବିଜ୍ଞାନ ପରିସର, ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଦେଶରେ ଦୁଇଟି ନୂତନ ଯୋଜନାର ଶୁଭାରମ୍ଭ ହୋଇଛି । ଏହି କ୍ରମରେ ବାରିପଦା ଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର, ଶମାଖୁଣ୍ଟାଙ୍କ ମିଳିତ ସହଯୋଗରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ହେମକାନ୍ତ ସୟ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଆମ ରାଜ୍ୟର ମାଲକାନଗିରି, କନ୍ଧମାଳ, ନୂଆପଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏହି ଯୋଜନାର ଉତ୍ପାଦନ ବୃଦ୍ଧି, ଜଳସେଚନ ଅଭିବୃଦ୍ଧି, ଅଣଧାନ ଫସଲର ଅଭିବୃଦ୍ଧି ଏବଂ ସହଜ ଋଣର ସୁବିଧା ଇତ୍ୟାଦି ଏହାର ଲକ୍ଷ୍ୟ ରହିଅଛି । ଦେଶର ଚାଷୀଙ୍କୁ ଡାଲି ଜାତୀୟ ଫସଲରେ ଆତ୍ମ ନିର୍ଭର କରିବା ଲକ୍ଷ୍ୟରେ



ପ୍ରଧାନମନ୍ତ୍ରୀ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କରିଛନ୍ତି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଉପ କୃଷି ନିର୍ଦ୍ଦେଶକ ଟଙ୍କଧର କାଲୋ ଉପସ୍ଥିତ ରହି ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ପରିଚାଳନା କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଧୁସ୍ମିତା ଜେନା, ସହକାରୀ କୃଷି ନିର୍ଦ୍ଦେଶକ, ରମ୍ୟରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଝୁନିଲତା ଭୂୟାଁ, ପ୍ଲାବିତା ରାୟ ଓ ଗୋବିନ୍ଦ ଚନ୍ଦ୍ର ଧଳ ପରିଚାଳନାରେ ସହଯୋଗ କରିଥିବାବେଳେ କାନ୍ତା ପୁଥାଲ, ସରୋଜ ଦାସ, ମାନସ ରଞ୍ଜନ ମହାନ୍ତି, ରାଜାରାମ ସାହୁ, ସିଦ୍ଧାର୍ଥ ଦାସ, ତୁଷାର ମହାନ୍ତି ଏବଂ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୨୦୦ ଚାଷୀ ଯୋଗଦେଇ ନୂତନ ଯୋଜନା ସମ୍ପର୍କିତ ସୂଚନା ପ୍ରାପ୍ତ କରିଥିଲେ ।

# ବିସ୍ଥାପନର ଦୁଃଖ ବଖାଣିଲେ ବିସ୍ଥାପିତ




ସଇନ୍ତଳା ,(ସବ୍ୟୁ): ୧୯୮୫ ମସିହାରେ ପ୍ରାୟ ୨ ଶହ ପରିବାରକୁ ବିସ୍ଥାପିତ କରି ବଡ଼ମାଳ ଠାରେ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ବିଭାଗ ପକ୍ଷରୁ ଗୋଳାବାରୁଦ କାରଖାନା ପ୍ରତିଷ୍ଠା କରାଯାଇଥିଲା। ତେବେ ସେହି ସମୟରେ କାରଖାନାରେ ସରକାର ଓ ପ୍ରଶାସନ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ କାରଖାନା ପ୍ରତିଷ୍ଠା ହେବାର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ବି କିଛି ବିସ୍ଥାପିତ ନିଯୁକ୍ତିରୁ ବଞ୍ଚିତ ଅଛନ୍ତି। ତା ସହ କାରଖାନା ଦିନକୁ ଦିନ ଘରୋଇ କରଣ ହେଉଥିବା ବେଳେ କାରଖାନ ରେ ଏମଟିଏସ, ଫାୟାରମେନ, ଅଫିସ ବଏ ଓ ଅନ୍ୟାନ୍ୟ ବେସରକାରୀ ପଦବୀ ବାହାରୁଛି । ତେବେ କାରଖାନାରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପାଇଁ ଦାବି ହୋଇଆସୁଥିଲେ ବି ସ୍ଥାନୀୟ ଲୋକଙ୍କୁ ନିଯୁକ୍ତିରୁ ବଞ୍ଚିତ କରାଯାଉଛି। କାରଖାନା ପକ୍ଷରୁ ବିସ୍ଥାପିତଙ୍କୁ ଅଣଦେଖା କରାଯାଉଥିବା ନେଇ ଅନେକ ଥର ପ୍ରଶାସନ ଠାରୁ ଆରମ୍ଭ କରି ମୂଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି । ସେମାନଙ୍କ ଦାବିକୁ କେହି କର୍ଣ୍ଣପାତ କରୁନାହାନ୍ତି। ତେବେ ୨୦୧୭ ମସିହାରେ ବିସ୍ଥାପିତ ଆନ୍ଦୋଳନ ଏକ ତୀବ୍ର ରୂପ ନେଇଥିବା ବେଳେ ବଲାଙ୍ଗିର ଡିଆରଡିଏ କନଫରେନ୍ସ ହଲରେ ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥଲା । ବୈଠକରେ ଘରୋଇ ନିଯୁକ୍ତିରେ ସ୍ଥାନୀୟ ଯୁବକ ଯୁବତୀ ମାନଙ୍କୁ ପ୍ରାଧାନ୍ୟ ଦିଆଯିବ ସହ ଏହାର ସମସ୍ୟାକୁ ନେଇ କେନ୍ଦ୍ର ପ୍ରତିରକ୍ଷା ବିଭାଗକୁ ଜଣାଇବା ପାଇଁ କାରଖାନାର ମହା ପ୍ରବନ୍ଧକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ବୈଠକ ପରେ ବି ବିସ୍ଥାପିତଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି। ଘରୋଇ ସୁରକ୍ଷା କର୍ମୀଙ୍କୁ ଆଗାମୀ ଦିନରେ ହଟାଇ ଅବସର ସୈନିକ କୁ ଡିଜିଆର ଜରିଆରେ କାରଖାନା ରେ ଭର୍ତ୍ତି କରାଯିବା ନେଇ ଘରୋଇ ସୁରକ୍ଷା କର୍ମୀ ମାନଙ୍କ ମଧ୍ୟ ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ପରେ ବଲାଙ୍ଗୀର ର ତତ୍କାଳୀନ ଜିଲ୍ଲାପାଳ ଚାଞ୍ଚଲ ରାଣା ଓ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ହସ୍ତକ୍ଷେପ ପରେ ଡିଜିଆର ସ୍ଥଗିତ ହୋଇଥିଲାଛ ତେବେ ପୁଣି ଥରେ ବଡ଼ମାଳ ଘରୋଇ ସୁରକ୍ଷା କର୍ମୀଙ୍କୁ କାଢି ଡିଜିଆର ଲଗାଇବା ପାଇଁ ବ୍ୟବସ୍ଥା କରାଯାଉଥିବା ନେଇ ବିସ୍ଥାପିତ କମିଟି ପକ୍ଷରୁ ଆସାନ୍ତୋଷ ପ୍ରକାଶ ପାଇଛି। ତେବେ ଏହାର ସମସ୍ୟା ନ ହେଲେ ଆଗାମୀ ଦିନରେ ତିବ୍ର ଆନ୍ଦୋଳନ ହେବ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କମିଟି ସଭାପତି ସାମୁଏଲ ନନ୍ଦ ଓ ଗଣ୍ଡ ପତ୍ରାପାଲି ସରପଞ୍ଚ ମନିଶ ସୁନା ଚେତାବନୀ ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣି ପାରିଲେନି ଜନତା

ସମ୍ବଲପୁର,(ସବ୍ୟୁ): ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ । ଚାଷୀଙ୍କ ସହ ପ୍ରଧାନମନ୍ତ୍ରୀ ମଧ୍ୟ ବାର୍ତ୍ତାଳାପ ହୋଇଥିଲା । ଏଥିପାଇଁ ରାଜ୍ୟର ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରରେ ସିଧା ପ୍ରସାରଣ କରାଯାଇଥିଲା । ସେହିପରି ବ୍ଲକ ଓ ପ୍ରତି ପଞ୍ଚାୟତରେ ମଧ୍ୟ ଏହି ବ୍ୟବସ୍ଥା କରାଯିବାକୁ ନିୟମ ରହିଥିଲା । ମାତ୍ର ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ସରକାରଙ୍କ ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇଛି । ଏଲ୍ଇଡି ମାଧ୍ୟମରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରିବାକୁ ନିୟମ ଥିବାବେଳେ ତାହାକୁ ଅଣଦେଖା କରାଯାଇଛି । ଫଳରେ ସାଧାରଣ ଜନତା ପ୍ରଧାନମନ୍ତ୍ରୀ ଭାଷଣ ଶୁଣିବାରୁ ବଞ୍ଚିତ ହୋଇଛନ୍ତି । କେବଳ ନିୟମକୁ ଆଖି ଠାର ଭାବେ କିଛି ପଞ୍ଚାୟତ ମୁଖ୍ୟାଳୟରେ ଲାପଟପ୍ ଜରିଆରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖାଇବା ବ୍ୟବସ୍ଥା କରାଯାଇଥିଲା । ଫଳରେ ଉପସ୍ଥିତ ଜନତା ଠିକ୍ ଭାବେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣି ପାରିନଥିଲେ । ଏପରିକି ଝଲକ ମଧ୍ୟ ଦେଖିବାର ସୁବିଧା ନଥିଲା । ତାହା ପୁଣି କିଛି ସମୟ ପରେ ଫଟୋ ଉଠାଇବା ଉପରସ୍ଥ ଅଧିକାରୀ ପଠାଇବା ପରେ ବନ୍ଦ କରାଯାଇଥିଲା । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଶ୍ରୀମୋଦି ପିଏମ୍ ଧନ- ଧାନ୍ୟ କୃଷି ଯୋଜନା ଓ ଦଳହନ ଆତ୍ମ ନିର୍ଭରତା ମିଶନର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଏଥିସହ ୪୨,୦୦୦କୋଟି ଟଙ୍କାର ବିଭିନ୍ନ କୃଷି ପ୍ରକଳ୍ପର ଶୁଭ ଉଦ୍ଘାଟନ ଓ ଶିଳାନ୍ୟାସ କରିଥିଲେ । ଏହାଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି, କୃଷି ଉତ୍ପାଦନର ବିବିଧୀକରଣ ଓ ଗ୍ରାମୀଣ ଅର୍ଥନୀତିର ସଶକ୍ତିକରଣରେ ଏହା ବେଶ ସହାୟକ ହେବ ବୋଲି ଆଶା କରାଯାଉଛି । ଏସମ୍ପର୍କରେ ଯୁଯୋମୁରା ବିଡିଓ ରାଜେଶ କୁମାର ଏକ୍କାଙ୍କୁ ପଚାରିବାରୁ ନେଟୱାକ ନଥିବା କାରଣରୁ କେବଳ ମେଘପାଳ ଓ କେଶାପାଲି ପଞ୍ଚାୟତରେ ଏଭଳି ଅବ୍ୟବସ୍ଥା ହୋଇଥିବା ସ୍ୱୀକାର କରିଥିଲେ ।

# ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ




ବଲାଙ୍ଗିର,(ସବ୍ୟୁ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ବଲାଙ୍ଗିର ଶାଖାର ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ କନ୍ଧପାଲିପଡାସ୍ଥିତ ଅଘରିଆ ଭବନରେ ଅନୁଷ୍ଠିତ ହୋଇଥିଲା । ସଂଘ ତରଫରୁ କେବଳ ଏକମାତ୍ର ଦାବି ୨୦୦୮ର ୨୦୧୮ ମଧରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଦାବି ନେଇ ଦୀର୍ଘ ଦିନରୁ ଦାବି ପୂରଣ ପାଇଁ ସଂଘ ତରଫରୁ ଅନେକ ଆନ୍ଦୋଳନ କରାଯାଇଥିଲା । କିନ୍ତୁ ସଂଘର ଦାବିକୁ ପୂର୍ବତନ ସରକାର କି ବର୍ତ୍ତମାନର ସରକାର ଗ୍ରହଣ କରି ନଥିବାରୁ ସଂଘ ପକ୍ଷରୁ ଗତ ଅଗଷ୍ଟ ୧୬ ତାରିଖରୁ ଅର୍ନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବାକୁ ଘୋଷଣା କରାଯାଇ ରାଜ୍ୟର ଅଣ ଅନୁଦାନ ପ୍ରାପ୍ତ ଓ ଅନୁଦାନ ପ୍ରାପ୍ତ ଉଚ୍ଚ ମାଧମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ତଥାପି ମଧ ସରକାର ତାଙ୍କ ଦାବି ପୂରଣ କଲେନି କି ତାଙ୍କ ସହିତ ଆଲୋଚନା ମଧ କଲେ ନାହିଁ । ତେଣୁ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ସେପ୍ଟେମ୍ବର ୧୮ରୁ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲା। ସଂଘର ସଭାପତି ବିଶ୍ୱରଞ୍ଜନ ଦାଶ ସେପ୍ଟେମ୍ବର ୧୯ ତାରିଖରୁ ଆମରଣ ଅନସନରେ ବସିବା ପରେ ସେପ୍ଟେମ୍ବର ୨୦ ତାରିଖ ସରକାରଙ୍କ ପ୍ରତିନିଧି ସଂଘ ସହିତ ଆଲୋଚନା କରିବା ସହିତ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଅକ୍ଟୋବର ୧୦ରୁ ୨୦ ତାରିଖରେ ତାଙ୍କ ଦାବି ସମ୍ପର୍କରେ ସରକାର ଆଲୋଚନା କରିବେ। ଯେହେତୁ ୧୦ ତାରିଖ ପାର ହୋଇଯାଇଛି ତେଣୁ ଏହି ସାମ୍ବାଦିକ ସମ୍ମିଳନୀ ମାଧମରେ ସଂଘ ସରକାର ତାଙ୍କ ପ୍ରତିଶ୍ରୁତି ପାଳନ କରିବାକୁ ଅନୁରୋଧ କରିଛି ଏବଂ ଆଶା ମଧ ରଖିଛି ସରକାର ନିଶ୍ଚୟ ଏହା କରିବେ। ଯଦି ସରକାର ଏଥିରେ ଟାଳଟୁଳ ନୀତି ଅବଲମ୍ବନ କଲେ ସଂଘ ଅକ୍ଟୋବର ୨୦ରୁ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି କୁହାଯାଇଛି। ବଲାଙ୍ଗିର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ରାଉତଙ୍କ ତ୍ୱାବଧାନରେ ବଲାଙ୍ଗୀର ସହରର ଅଘରିଆ ଭବନଠାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀ କାର୍ଯ୍ୟକ୍ରମରେ ବଲାଙ୍ଗିର ଖଣ୍ଡ ସଂଯୋଜକ ବିଜୟ କୁମାର ମିଶ୍ର, ପାଟଣାଗଡ଼ ଖଣ୍ଡ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ, ଲୋଇସିଂହା ଖଣ୍ଡର ଶ୍ରୀକାନ୍ତ ମହାନନ୍ଦ , ଓମପ୍ରକାଶ ସାହୁ ସହିତ ଅନେକ ଅଧ୍ୟାପକ ଓ କର୍ମଚାରୀ ସାମିଲ ହୋଇଥିଲେ ।

# ଲକ୍ଷାଧିକ ଟଙ୍କାର ନିଶା ଇଞ୍ଜେକ୍ସନ ସହ ୬ ଗିରଫ



ପଦ୍ମପର,(ସବ୍ୟୁ): ତିନି ଲକ୍ଷ ଟଙ୍କାର ନିଶା ଇଞ୍ଜେକ୍ସନ ସହ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି ପାଇକମାଲ ପୋଲିସ । ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବରଙ୍କ ନିର୍ଦ୍ଦେଶକ୍ରମେ ପାଇକମାଲ ଥାନା ଅଧିକାରୀ କୈଳାଶଚନ୍ଦ୍ର ପ୍ରଧାନଙ୍କ ସମେତ ପୋଲିସର ଗୋଟିଏ ଟିମ ମାଗୁଟମାଲ ଗ୍ରାମ ନିକଟସ୍ଥ ନିଶାନି ମନ୍ଦିର ପାଖରେ ଛକି ବସିଥିଲେ । ସନ୍ଦେହରେ ଗୋଟିଏ ଚାରି ଚକିଆ ଯାନକୁ ଯାହାର ନମ୍ବର ଓଡି ୧୭ ୟୁ ୬୭୮୯ କୁ ଯାଞ୍ଚ କରିଥିଲେ । ସେହି ଗାଡିରୁ ୨୫୯୮ ଗୋଟି ନିଶା ଇଞ୍ଜେକ୍ସନ ମିଳିଥିଲା । ନିଶା ଇଞ୍ଜେକ୍ସନ ସହ ଅଭିଯୁକ୍ତ ମାନଙ୍କ ଠାରୁ ଗୋଟିଏ ମୋଟରସାଇକେଲ ଓ ଗୋଟିଏ ସ୍କୁଟି ଏବଂ ୬ ଗୋଟି ମୋବାଇଲ ଫୋନ ଜବତ କରିଥିଲେ । ଅଭିଯୁକ୍ତ ମାନେ ହେଲେ ପାଇକମାଲ ଥାନା ଅନ୍ତର୍ଗତ କଲୋନି ପଡାର ଉମେଶ ସାହୁ ଓ ହୁସେନ ଖାନ,କଟାପଡାର ମଦନ ବରିହା,ମାଲପଡାର ସାନନ୍ଦ ସେଠ,ବନମାଲର ଶୋଭାଚନ୍ଦ୍ର ଓରଫ ସୁରଜ ସାହୁ ଏବଂ ଟେମରୀର ହରେକୃଷ୍ଣ ଓରଫ କୃଷ୍ଣ ବନଛୋର । ଉମେଶ ସାହୁ,ସାନନ୍ଦ ସେଠ ଓ କୃଷ୍ଣ ବନଛୋର ନାମରେ ପୂର୍ବରୁ ଅନେକ ଅପରାଧିକ ମାମଲା ରହିଥିବା ପୋଲିସ ଠାରୁ ସୂଚନା ମିଳିଛି । ପାଇକମାଲ ଥାନା କେଶ ନମ୍ବର ୨୪୧/୨୦୨୫ ଆଧାରରେ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## କନ୍ୟା ଭ୍ରୂଣ ହତ୍ୟା ନିଷେଧ ଉପଦେଷ୍ଟା ମଣ୍ଡଳୀ ବୈଠକ

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲାରେ କନ୍ୟା ଭ୍ରୂଣ ହତ୍ୟା ନିଷେଧ କରାଯିବା ସହ ଲିଙ୍ଗ ନିରୂପଣ ଆଇନକୁ କଡାକଡି ଭାବରେ ପାଳନ କରିବା ସକାଶେ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଡାକ୍ତର ରାଧାରମଣ ବିଡିଆ, ଡିପିଏମ ଦୀପକ ମହାନ୍ତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ, ସହକାରୀ ଆଇନ ପରିଚାଳକ ସୋମଦତ୍ତ ପୁରୋହିତ, ସିଏଚସି ଓ ପିଏଚସିର ମେଡ଼ିକାଲ ଅଫିସର, ସିଡିପିଓ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ଜିଲ୍ଲାର କୌଣସି ଅଲ୍ଟ୍ରାସାଉଣ୍ଡ କ୍ଲିନିକରେ ଲିଙ୍ଗ ନିରୂପଣ କରାଯାଉଛି କି ନାହିଁ ସେ ସମ୍ପର୍କରେ ଜାଣିବା ପାଇଁ ନିୟମିତ ତଥା ଅଚାନକ ଅଲଟ୍ରାସାଉଣ୍ଡ କ୍ଲିନିକ ଗୁଡ଼ିକ କମିଟି ମାଧମରେ ଯାଞ୍ଚ କରିବା ପାଇଁ ଆଲୋଚନା କରାଯାଇଥିଲା। ଜିଲ୍ଲା ସ୍ତରୀୟ ମାସିକ ଆନ୍ତଃ-ବିଭାଗୀୟ କନଭରଜେନ୍ସ ବୈଠକ ଏଥି ସହିତ ଅନୁଷ୍ଠିତ ହୋଇଥିଲା। ପୋଲିଓ ଟିକାକରଣ ସମ୍ପକିତ ଆନୁସଙ୍ଗିକ ପ୍ରସ୍ତୁତି ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ପରିଚାଳିତ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସମେତ ବିଭିନ୍ନ ବିଭାଗ ଗୁଡିକ ପାରସ୍ପରିକ ସହଯୋଗ ଓ ସମନ୍ୱୟ ରକ୍ଷା ପୂର୍ବକ ବିଭିନ୍ନ କାର୍ଯ୍ୟ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି।

## ଅରୁଣୋଦୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

କୁଚିଣ୍ଡା,(ସବ୍ୟୁ): ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ କୁଚିଣ୍ଡା ଅରୁଣୋଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ପାଳିତ ହୋଇଯାଇଛି । କୁଚିଣ୍ଡା ତାଲୁକ ସ୍ତରୀୟ ଆଇନ ସେବା କମିଟି ପକ୍ଷରୁ ଏହି ଦିବସକୁ ବିଦ୍ୟାଳୟ ରେ ଆୟୋଜିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଦୌରା ଜଜ ପ୍ରଭାକର ଗାଣ୍ଡିଆ ପୌରାହିତ୍ୟ ରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ବକ୍ତା ଭାବରେ ଡାକ୍ତର ଶରତ ଚନ୍ଦ୍ର ଗୌନ୍ତିଆ, ସମ୍ମାନିତ ଅତିଥି ଭାବେ ଦେୱାନି ଜଜ୍ ପଲ୍ଲବୀ ରାଣୀ ସାହୁ, ଏସ ଡି ଜେ ଏମ ଅବିନାଶ ଚିନାରା ,ତାଲୁକ ସ୍ତରୀୟ ଆଇନ ସେବା କମିଟିର ସଦସ୍ୟ କରୁଣାକର କିସାନ, ଉପସ୍ଥିତ ରହିଥିବା ବେଳେ ସଭାକୁ ରୋପ ଅନୁଷ୍ଠାନ ନିର୍ଦ୍ଦେଶକ ପ୍ରଦୀପ କୁମାର ପରିଚାଳନା କରିଥଲେ । ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିଗଣ ମାନସିକ ଶିଶୁଙ୍କ ସେବା, ଯତ୍ନ, ସୁରକ୍ଷା ଓ ଆଇନଗତ ବିଭିନ୍ନ ଦିଗ ଉପରେ ଗୁରୁବ ଦେଇ ଥିଲେ । କୁଚିଣ୍ଡା ବରିଷ୍ଠ ନାଗରିକ ପରିଷଦ, ମାନ୍ୟତା ସମାଜ ସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୫ ଜଣ ଶିଶୁଙ୍କ ସମେତ ଶିଶୁଙ୍କ ପିତା ମାତା, ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଏବଂ ରୋପ କର୍ମକର୍ତାଗଣ ଉପସ୍ଥିତ ଥିଲେ। ଏହି ଅବସରରେ ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନସିପ ଟ୍ରଫି ଖେଳି ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ସୌମ୍ୟକାନ୍ତ ମହକୁଲଙ୍କୁ ଏକ ଟ୍ରଫି ଅତିଥି ଗଣ ପ୍ରଦାନ କରି ସମ୍ମାନିତ କରିଥିଲେ । ଡ଼ା ଶରତ ଚନ୍ଦ୍ର ଗୌନ୍ତିଆ ସ୍କୁଲୁ ଏକ ନିମୁଲାଇଜର ଓ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ମାନ୍ୟତା ଗ୍ରୁପ ର ସହଯୋଗରେ ୨୦ ଟି କଦଳୀ ଚାରା ଅତିଥିଙ୍କ ଦ୍ୱାରା ରୋପଣ କରାଯାଇଥିଲା। ସଭା ରେ ପ୍ରକାଶ ଗୁପ୍ତା, ଆରତୀ ନାୟକ, ପର୍ଶୁରାମ ମିଶ୍ର, ସୁରଥ ନାୟକ, ମଳୟ ବେହେରା, ମନୋଜ ସାହୁ, ବିଜୟ ଶଙ୍କର ସାହୁ, ସୁଶାନ୍ତ ମହକୁଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଅରୁଣୋଦୟ ସମ୍ପାଦକ ଶାନ୍ତନୁ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଓ ଜାତୀୟ ଡାଲି ମିଶନର ଶୁଭାରମ୍ଭ



ଝାରସୁଗୁଡ଼ା,(ସବ୍ୟୁ): ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଓ ଜାତୀୟ ଡାଲି ମିଶନ ଉପଲକ୍ଷେ ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଆଭାସି ସଂଯୋଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ସାମିଲ ହୋଇଥିଲେ । ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରମ୍ପରିକ ଚାଷ ବ୍ୟତୀତ ଅନ୍ୟ ଡାଲି ଜାତୀୟ ଶସ୍ୟ ଉତ୍ପାଦନ ଦିଗରେ ମନୋନିବେଶ କରିବା ସହ ଆର୍ଥିକ ଦୃଷ୍ଟିକୋଣରୁ ଅଧିକରୁ ଅଧିକ ଲାଭବାନ ହେବାକୁ ଆହ୍ୱାନ ଦେଇଥିଲେ । ସରକାରଙ୍କ କାମଧେନୁ ଯୋଜନାରୁ ଲାଭ ଉଠାଇବାକୁ ଆହ୍ୱାନ ଦେଇ ଗୋପାଳନ, ମାଛ ଚାଷ ସହିତ ଛତୁ ଓ ଡାଲି ଜାତୀୟ ଶସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ବିଧାନ ସଭା ନିର୍ବାଚନ ମଣ୍ଡଳୀରେ କୃଷି ତଥା କୃଷକମାନଙ୍କ ଉନ୍ନତି ପାଇଁ କାର୍ଯ୍ୟକ୍ରମ ହାତକୁ ନେବା ଦିଗରେ ଖସଡ଼ା ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁପାଳନ ଏବଂ କୃଷି ବିଜ୍ଞାନ କେନ୍ଦ୍ର ଆଦି ବିଭାଗ ଗୁଡ଼ିକ ଆସନ୍ତା ଡିସେମ୍ବର ସୁଦ୍ଧା ସମସ୍ତ ୪୦ ପଞ୍ଚାୟତରେ ବିଭିନ୍ନ ଗାଁ କୁ ଯିବା ଓ ବିଭାଗୀୟ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ ସକାଶେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ଚାଷୀ ମଜବୁତ ହେଲେ ଦେଶ ଓ ରାଜ୍ୟ ମଜବୁତ ହେବ ବୋଲି ଉଲ୍ଲେଖ ପୂର୍ବକ ଝାରସୁଗୁଡ଼ାକୁ କୃଷି କ୍ଷେତ୍ରରେ ଅଗ୍ରଣୀ କରାଇବା ଦିଗରେ ସହଯୋଗ କାମନା କରିଥିଲେ । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଚାଷୀମାନଙ୍କୁ ଉତ୍ସାହିତ କରିଥିବା ବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ, କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ସମୀର ରଞ୍ଜନ ଦାଶ ତଥା ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଜଙ୍ଗଲରୁ ଗର୍ଭବତୀ ମାଇ ହାତୀର ମୃତଦେହ ଉଦ୍ଧାର



ଦେବଗଡ,(ସବ୍ୟୁ): ଦେବଗଡ ରେଞ୍ଜ ତିଲେଇବଣୀ ସେକ୍ସନ ପ୍ରଭାଶୁଣୀ ବିଟ ଅନ୍ତର୍ଗତ କରଡାପାଳ ଗ୍ରାମ ନିକଟସ୍ଥ ଜଙ୍ଗଲ ରୁ ଗର୍ଭବତୀ ମାଇ ହାତୀର ମୃତଦେହ ଠାବ କରାଯାଇଛିଛ ଜଙ୍ଗଲ କୁ ଯାଇଥିବା ଗ୍ରାମବାସୀ ହାତୀର ମୃତଦେହ ଦେଖିବା ପରେ ବନବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେଛ କିଛିଦିନ ହେଲା ସଂପୃକ୍ତ ଅଞ୍ଚଳ ରେ ପାଞ୍ଚ ଟିକିଆ ହାତୀପଲ ରହିଥିଲେଛ ସେହି ହାତୀ ପଲ ସହ ମାଇ ହାତୀ ଟି ରହିଥିବା ବେଳେ ତାର ଚଲାବୁଲା ଅସ୍ୱାଭାବିକ ରହିଥିଲାଛ ମୃତ ହାତୀର ବୟସ ୨୫ ରୁ ୩୦ ବର୍ଷ ହୋଇଥିବା ଅନୁମାନ କରାଯାଉଛିଛ ବନବିଭାଗ ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ କରାଯାଇଛିଛ ବୟସାଧିକ ଯୋଗୁଁ ତଥା ଗର୍ଭଧାରଣରେ ସମସ୍ୟା ଯୋଗୁଁ ହାତୀ ଟି ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଥିବା ବେଳେ ବ୍ୟବଚ୍ଛେଦ ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ବନବିଭାଗ ଅଧିକାରୀ ସୂଚନା ଦେଇଛନ୍ତି ।

# ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ବ୍ରଜ ବିହାରୀଙ୍କ ଜୟନ୍ତୀ ପାଳିତ



ବଲାଙ୍ଗିର,(ସବ୍ୟୁ): ଅନ୍ୟତମ ସାମାଜିକ ଅନୁଷ୍ଠାନ ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ସହର ସ୍ଥିତ ଆର୍ଯ୍ୟ ସମାଜ ମନ୍ଦିର ପରିସରରେ ବିଶିଷ୍ଟ ଦାର୍ଶନିକ ବେଦ ବିଦ୍ୱାନ ବ୍ରଜ ବିହାରୀଙ୍କ ୧୦୫ ତମ ଜୟନ୍ତି ମହା ସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କିଶୋର ପାଣିଗ୍ରାହୀ, ଜୟକୃଷ୍ଣ ସାହୁ, ବରିଷ୍ଠ ସମ୍ବାଦିକ ଅଖିଳ ଚନ୍ଦ୍ର ହୋତା, ସାମାଜିକ କର୍ମୀ ଅଶୋକ ମିଶ୍ର ପ୍ରମୁଖ ଅତିଥି ବକ୍ତା ଭାବେ ଯୋଗଦେଇ ବେଦବିଦ୍ୱାନଙ୍କ ସାହିତ୍ୟ କୃତି ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହି ସାହିତ୍ୟ ସଭାରେ ନେତାଜି ସଂଗ୍ରାମୀ ପରିଷଦର ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ସଭା ପ୍ରାରମ୍ଭରେ ଗୁରୁ ଡ.ଘାସିରାମ ମିଶ୍ର, ସାହିତ୍ୟିକ ସନାତନ ଠାକୁର ବ୍ରଜ ବିହାରିଙ୍କ ଚିତ୍ରପଟରେ ପୁଷ୍ପମାଲ୍ୟ ଅର୍ପଣ କରି ଦ୍ୱିପ ପ୍ରଜ୍ଜଳନ କରିଥିଲେ । ଏହି ଅବସରରେ ପରିଷଦର ତ୍ରୈମାସିକ ମୁଖପତ୍ର ସୁଭାଷ ଚିନ୍ତନ ଦଶମ ସଂଖ୍ୟାକୁ ଅତିଥିମାନେ ଅନାବରଣ କରିଥିଲେ । ଅଶୋକ ମିଶ୍ର ପୁସ୍ତକକୁ ସମୀକ୍ଷା କରିଥିବା ବେଳେମ ସଂଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମାବେଶରେ ସହରର ବହୁ ସାହିତ୍ୟିକ, ସାମାଜିକ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ ବ୍ରଜ ବିହାରିଙ୍କୁ ଶ୍ରଦ୍ଧା ପୁଷ୍ପାଞ୍ଜଳି ଅର୍ପଣ କରି ସ୍ତୁତିଚାରଣ କରିଥିଲେ ।

## ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଶ୍ୱ ନାନସିକ ଦିବସ ପାଳିତ

ବଲାଙ୍ଗିର,(ସବ୍ୟୁ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ବିଶ୍ୱ ମାନସିକ ଦିବସ, ଏଏନ୍ଏମ୍ ଟ୍ରେନିଂ ସେଣ୍ଟର ଠାରେ ପାଳନ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନମିତା ମିଶ୍ର (ଭାରପ୍ରାପ୍ତ ଅଧିକାରୀ) ଙ୍କର ମାର୍ଗ ଦର୍ଶନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ମାନସିକ ରୋଗୀର ଅଧିକାର ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଦିବ୍ୟ କିଶୋର ପତି, ମାନସିକ ରୋଗ ଲକ୍ଷଣ ଓ ନିରାକରଣ ଉପରେ ଉପସ୍ଥାପନ କରିଥିଲେ । ପୂର୍ବତନ ମାନସିକ ବିଭାଗର ପରିଚାଳକ ସୁଖୀଶ୍ୟାମ ତ୍ରିପାଠି, ମାନସିକ ରୋଗୀମାନଙ୍କର ସେବା ଓ ଥଇଥାନ ବିଷୟରେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ଭୀମ ଭୋଇ ମେଡିକାଲ କଲେଜ, ମାନସିକ ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଡା. ଆଶିର୍ବାଦ ଶତପଥୀ, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅନିଲ କୁମାର ନାୟକ, ଏ.ଏନ୍.ଏମ୍ ଟ୍ରେନିଂ ସେଣ୍ଟର ଅଧକ୍ଷା ବିନୋଦିନୀ ଦାସ, ଜିଲ୍ଲା ଅବକାରୀ ବିଭାଗର କର୍ମଚାରୀ ବୃନ୍ଦ, ଜିଲ୍ଲା ଆରକ୍ଷୀ ବିଭାଗର କର୍ମଚାରୀବୃନ୍ଦ, ରେଡକ୍ରସ ସଦସ୍ୟ ବୃନ୍ଦ, ସରକାରୀ ନର୍ସିଂ ବିଦ୍ୟାଳୟ ଛାତ୍ରୀ ଓ ଅଧାପିକାମାନେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସେବକ ଓ ସେବିକ ବୃନ୍ଦ ଏବଂ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ଜିଲ୍ଲା ନିଶା ନିବାରଣ କେନ୍ଦ୍ରର ସଦସ୍ୟଗଣ ଉପସ୍ଥିତ ଥିଲେ । ମାନସିକ ସାମାଜିକ କର୍ମୀ ମଳୟ କୁମାର ନାଗ ସଭାଟିକୁ ପରିଚାଳନା କରିଥିଲେ । ଏହି ଦିବସ ଉପଲକ୍ଷେ ଏକ ରାଲି ଓ ପଥପ୍ରନ୍ତ ନାଟକ ପରିବେଷଣ କରାଯାଇଥିଲା । ଶେଷରେ କ୍ଲିନିକାଲ ସାଇକୋଲୋଜିଷ୍ଟ ସୁଶ୍ରୀ ପ୍ରିୟା ପ୍ରତୀକ୍ଷା ଧାରୁଆ ଉପସ୍ଥିତ ସଦସ୍ୟବୃନ୍ଦଙ୍କୁ ଧନ୍ୟବାଦ ଦେଇଥିଲେ ।

## ନାଗାବଳୀ ନଦୀ ଗର୍ଭରେ ୧୦ଦିନରେ ତିନି ନିଖୋଜ

ରାୟଗଡା,(ସବ୍ୟୁ): ନାଗାବଳୀ ନଦୀ ଗର୍ଭରେ ୧୦ଦିନରେ ତିନି ନିଖୋଜ। ଆଜି ଶୌଚ କରିବା ସମୟରେ ଅସାବଧାନ ଯୋଗୁଁ ଜଣେ ବୃଦ୍ଧ ନାଗାବଳୀ ନଦୀ ଗର୍ଭରେ ନିଖୋଜ ହୋଇଥିବା ଜଣା ପଡିଛି । ନିଖୋଜ ହୋଇଥିବା ବୃଦ୍ଧ ଜଣଙ୍କ ହେଲେ ପେଣ୍ଟେୟା, ଜିଲ୍ଲାକାରା, ବୟସ(୭୦)। ରାୟଗଡା ବ୍ଲକ କନ୍ଧମାଲିଗାଁ ଗ୍ରାମର ପେଣ୍ଟୟା ଗତକାଲି ସନ୍ଧ୍ୟାରେ ମଇଁଷି ଚରାଇବାକୁ ଯାଇଥିଲେ । ତେବେ ଉକ୍ତ ସମୟରେ ବୃଦ୍ଧା ଜଣକ ଶୌଚ କରିବାକୁ ପାଣି ଭିତରକୁ ଯିବା ସମୟରେ ନାଗାବଳୀ ନଦୀର ପ୍ରଖୋର ସ୍ରୋତରେ ଭାସି ଯାଇଥିଲେ । ଏନେଇ ଗ୍ରାମବାସୀ ମାନେ ଅଗ୍ନିଶମ ବିଭାଗକୁ ସୂଚନା ଦେବା ପରେ ଖୋଜା ଖୋଜି କରିଥିଲେ । ଆଜି ପୁଣି ଅଗ୍ନିଶମ ବିଭାଗ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଖୋଜ ପେଣ୍ଟୟାଙ୍କୁ ଖୋଜୁ ଥିବାବେଳେ ପତ୍ତା ମିଳିପାରିନାହିଁ । ସୂଚନା ଯୋଗ୍ୟଯେ ଗତ ଦଶ ଦିନ ମଧରେ ଏହା ତୃତୀୟ ଘଟଣା । ୨ ଦିନ ତଳେ ରାୟଗଡା ସଦର ବ୍ଲକ ଗୁରୁମଗୁଡା ଗ୍ରାମରେ ଜଣେ ଯୁବକ ନାଗାବଳୀ ନଦୀରେ ଭାସି ନିଖୋଜ ହୋଇ ଆଜି ଯାଏ କୌଣସି ସୂଚନା ମିଳି ପାରିନଥିବା ଜଣାପଡିଛି । ଗତ ୨ ତାରିଖରେ ରାୟଗଡା ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ନାଗାବଳୀ ନଦୀ ସହ ବିଭିନ୍ନ ନଦୀର ଜଳସ୍ତର ବଢିଛି । ଗତ ୧ ସପ୍ତାହ ପୂର୍ବରୁ କୋତାପେଟା ଗ୍ରାମର ସୀମାଦ୍ରୀ ମିଣିଆକା ନାମକ ଯୁବକ ନାଗାବଳୀ ନଦୀରେ ବୁଡି ମୃତ୍ୟୁବରଣ କରିଥିଲେ । ତେବେ ଏଯାଏଁ ନିଖୋଜ ବୃଦ୍ଧାଙ୍କ ପତ୍ତା ମିଳିନଥିବା ବେଳେ କନ୍ଧମାଲିଗାଁ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

## ମେଡ଼ିକାଲ ଅଫିସରଙ୍କୁ ଦୁର୍ବ୍ୟବହାର କରି ଏଏନଏମଙ୍କ ସ୍ୱାମୀ ଗିରଫ

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ସୁରଜ କୁମାର ଦୀପଙ୍କୁ ବାଘମୁଣ୍ଡ ଉପସ୍ୱାସ୍ଥ୍ୟ କେନ୍ଦ୍ରର ଏଏନଏମଙ୍କ ସ୍ୱାମୀ ରଘୁନାଥ ମହରା ଗାଳି ଗୁଲଜ ସହ ଆକ୍ରମଣ କରିବା ଅଭିଯୋଗରେ ଶନିବାର ଲରମ୍ବା ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ ଗତ ୮ ତାରିଖ ମେଡିକାଲ ଅଫିସର ଡାକ୍ତର ଦୀପ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିରୀକ୍ଷଣ ପାଇଁ ଯାଇଥିବାବେଳେ ସେଠାରେ ଅବସ୍ଥାପିତ ଏଏନଏମ କଳ୍ପନା ମହରା କାର୍ଯ୍ୟରେ ଅବହେଳା କରୁଥିବାରୁ ତାଙ୍କୁ ତାଗିଦ କରିଥିଲେ । ପରେ ସମ୍ପୃକ୍ତ ଏ ଏନ ଏମ ତାଙ୍କ ସ୍ୱାମୀ ବେଲପଡାରେ କାର୍ଯ୍ୟରତ ବ୍ଲକ ସହ ଶିକ୍ଷା ଅଧିକାରୀ ରଘୁନାଥ ମହାରଙ୍କୁ ଫୋନ କରିଥିଲେ । ଡାକ୍ତର ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବାବେଳେ ହଠାତ ପହଞ୍ଚି ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିବା ନେଇ ଲରମ୍ବା ଥାନାରେ ଡାକ୍ତର ଲିଖିତ ଅଭିଯୋଗ କରିଥିଲେ । ଏନେଇ ଲରମ୍ବା ଥାନା କେସ ନଂ ୨୩୦/୨୦୨୫ ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରି ଅଭିଯୁକ୍ତ ଏଏନଏମଙ୍କ ସ୍ୱାମୀ ବେଲପଡା ଏ ବି ଇ ଓ ରଘୁନାଥ ମହାରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଲରମ୍ବା ଥାନା ଅଧିକାରୀ ଭାନୁଶଙ୍କର ଯାଦବ ସୂଚନା ଦେଇଛନ୍ତି ।

## ଲୋକନାୟକ ଜୟ ପ୍ରକାଶ ନାରାୟଣଙ୍କ ଜୟନ୍ତୀ ପାଳିତ



ଭବାନୀପାଟଣା,(ସବ୍ୟୁ): ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ କଲେଜରେ ଲୋକନାୟକ ଜୟ ପ୍ରକାଶ ନାରାୟଣଙ୍କ ୧୨୩ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ପୂଣ୍ୟ ତିଥିର ଶ୍ରଦ୍ଧାଞ୍ଜଳୀ ସଭାରେ ମହାବିଦ୍ୟାଳୟର ଅଧକ୍ଷ୍ୟ ପରମେଶ୍ୱର ମୁଣ୍ଡ ଅଧକ୍ଷତା କରିଥିବାବେଳେ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସାଧାରଣ ସଂପାଦକ ସତ୍ୟନାରାୟଣ ସିଂହ ମୁଖ୍ୟ ଅତିଥିଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଜନନାୟକ ଜୟ ପ୍ରକାଶ ନାରାୟଣଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା କରିବା ସହ ନିଜର ଅଭିଜ୍ଞତାକୁ ଉପସ୍ଥାପନା କରିଥିଲେ। ଶ୍ରୀ ସିଂହ ଜୟ ପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ ଆନ୍ଦୋଳନ ଓ ଏହାର ଲକ୍ଷ୍ୟ ଉପରେ ନିଜ ମତ ଉପସ୍ଥାପନ କରିଥିଲେ। ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ ସଭାକୁ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଶୁଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ଫାଲଗୁନୀ ପ୍ରଧାନୀ, ପୁରିତ ରଣା, ମୀନକେତନ ସାହୁ, ମିକୁମିକ୍ସ ନିଆଲ ଓ ମନ୍ଦାକିନୀ ପ୍ରଧାନ ସହଯୋଗ କରିଥିଲେ।

# ପ୍ରଭୁ ବୁଢାରଜାଙ୍କ ବାର୍ଷିକ ଦଶରା ସମ୍ପନ୍ନ

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଘାଟି ତଳେ କେଉଁ ଏକ ଆବାହମାନ କାଳରୁ ପୂଜିତ ହେଉଛନ୍ତି ଏ ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜା। ଶନିବାର ବିଳମ୍ବିତ ରାତିରେ ବୁଢାରଜା ଦେବଙ୍କ ବାର୍ଷିକ ଦଶରା ସମାପନ ହୋଇଯାଇଛି । ଶନିବାର ସକାଳୁ ଶ୍ରଦ୍ଧାଳୁମାନେ ପ୍ରଭୁ ବୁଢାରଜାଙ୍କ ଦର୍ଶନ ପାଇଁ ଧାଡି ଲାଗିଥିଲେ । ଏହି ଅବସରରେ ଆୟୋଜିତ ଦଶରା ପୂଜାରେ ବୁଢାରଜା ପୀଠରେ ଶୁକ୍ଳ ଭୋଗ ଓ ପାର୍ଶ୍ୱ ଦେବାଦେବୀଙ୍କୁ ରକ୍ତ ଭୋଗରେ ସନ୍ତୁଷ୍ଟ କରିଥିଲେ ମାନସିକଧାରୀ ଶ୍ରଦ୍ଧାଳୁ । ପୀଠରେ ୨ଟି ଲିଙ୍ଗକୁ ପୂଜା କରାଯାଏ। ଗୋଟିଏ ଲିଙ୍ଗରେ ଶୁକ୍ଳ ଭୋଗ ତଥା ନଡିଆ, ଧୂପ ଓ ମୁଆଁ ଦେଇ ପୂଜା କରାଯାଉଥିବା ବେଳେ ଅନ୍ୟ ଲିଙ୍ଗରେ ରକ୍ତ ଭୋଗ ଲାଗିହୁଏ। ଭକ୍ତ ମାନେ ମାନସିକ ପୂରଣ ପାଇଁ ଦେଇଥିବା ପଶୁ ପକ୍ଷୀକୁ ବୁଢାରଜାଙ୍କ ଠାରେ ଅର୍ପଣ କରି ଜେନାବୁଢା ଦେବତା ନିକଟରେ ବଳି ଦେଇଥିବା ଦେଖିବାକୁ ମିଳିଛି । ଦଶରା ପୂଜାର କାର୍ଯ୍ୟକ୍ରମ ସକାଳୁ ଆରମ୍ଭ ହୋଇଥିଲା। ସକାଳୁ ମନ୍ଦିର ପୂଜକ ଫକୀର ମୋହନ ପୁଝାରୀ ବୁଢ଼ାରଜାଙ୍କ ପୂଜାର୍ଚ୍ଚନା ପରେ ମନ୍ଦିରରେ ଭକ୍ତ ମାନେ ଦର୍ଶନ କରିଥିଲେ । ସକାଳ ୧୧ଟା ଗ୍ରାମ ପୂଜକଙ୍କ ଘରୁ ବିରାଟ ପଟୁଆରରେ ଲାଠିଯାତ୍ରା ଆରମ୍ଭ ସମୟରେ ବିଭିନ୍ନ ସାଂସ୍କୃତିକ ଦଳର ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଶୋଭାଯାତ୍ରାରେ ବାହାରି ମୁଖ୍ୟ ମନ୍ଦିରକୁ ପହଞ୍ଚି ଥିଲା। ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମରୁ ୨୦ରୁ ଉର୍ଦ୍ଧ ଦେବାଦେବୀଙ୍କ ଲାଠି କାଳିଶି ସହ ଘୁମୁରା, ଘଣ୍ଟ ଦଳ ଓ ଲୋକ କଳାକାରଙ୍କ ନୃତ୍ୟ ବାଦ୍ୟର ତାଳେ ତାଳେ ଦେବାଦେବୀ ମାନେ ଝୁମି ଝୁମି ନାଚି ନାଚି ଯାଇଥିଲେ । ପୂଜକଙ୍କ ଘର ଠାରୁ ମନ୍ଦିର ଯାଏଁ ନାହିଁ ନଥିବା ଜନ ଗହଳି ଦେଖିବାକୁ ମିଳିଥିଲା । ଲାଠିଯାତ୍ରା ପରିକ୍ରମା ସମୟରେ ବାଟରେ ଭଣ୍ଡାର ଘରେନ ମନ୍ଦିର ନିକଟରେ ପରମ୍ପରା ଅନୁଯାୟୀ ବାଳିଗଜା ଅର୍ପଣ କରାଯାଇଥିଲା । ମୁଖ୍ୟ ମନ୍ଦିରକୁ ଦେବାଦେବୀଙ୍କ ସହ ଲାଠିଯାତ୍ରା ପହଞ୍ଚିବା ପରେ ସ୍ୱାଗତ କରି ପାଛୋଟି ନିଆଯାଇଥିଲା।

ଲାଠିଯାତ୍ରା ବୁଢାରଜା ପୀଠକୁ ପହଞ୍ଚିବା ପରେ ଉକ୍ତ ବାଳି ଗଜାକୁ ବୁଢାରଜାଙ୍କ ପୂଜା ସ୍ଥଳରେ ରଖାଯାଇ ପୂଜା କରାଯାଇଥିଲା । ପୂଜା କାର୍ଯ୍ୟ ଚାଲୁଥିବା ସମୟରେ ବୁଢାରଜା ଦେବଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ଆରମ୍ଭ ହୋଇଥିଲା। ବୁଢାରଜା ପୀଠରେ ଠୁଳ ହୋଇଥିବା ସମସ୍ତ ଦେବାଦେବୀ ଏହି ମଣ୍ଡେଇ ଯାତ୍ରାରେ ସାମିଲ ହୋଇ ବଜାର ପଡିଆ ପରିକ୍ରମା କରିଥିଲେ । ମଣ୍ଡେଇ ଯାତ୍ରା ସମାପନ ହେବା ପରେ ପୁଣି ଥରେ ବୁଢାରଜା ପୀଠକୁ ଦେବାଦେବୀ ମାନେ ଚାଲି ଯାଇଥିଲେ । ପରେ ମନ୍ଦିର ନିକଟରେ ଥିବା ଏକ ଗଛରେ ଜହ୍ନିକୁ ବାନ୍ଧି ଲାଖବିନ୍ଧା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଶହ ଶହ ଯୁବକ ଏହି ଲାଖବିନ୍ଧା କାର୍ଯ୍ୟକ୍ରମରେ ଯୋଗଦେଇ ଗଛ ଶିଖରରେ ରଖାଯାଇ ଥିବା ଜହ୍ନିକୁ ଲକ୍ଷ୍ୟ କରି ଲାଖବିନ୍ଧା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପରେ ଶହ ଶହ ସଂଖ୍ୟକ ମାନସିକଧାରୀ ଭକ୍ତ ମାନେ ମନ୍ଦିର ପାର୍ଶ୍ୱରେ ଥିବା ଜେନାବୁଢା ପୀଠରେ ପଶୁ ପକ୍ଷୀବଳି ଦେଇଥିଲେ। ପଶୁପକ୍ଷୀଙ୍କ ରକ୍ତରେ ପୀଠ ରକ୍ତ ରଞ୍ଜିତ ହୋଇ ପଡ଼ିଥିଲା। ଭକ୍ତ ଓ ମାନସିକଧାରୀ ନିଜର ମନସ୍କାମନା ପୂରଣ ଓ ପରିବାରକୁ ସୁଖରେ ରଖିଥା କାମନା କରି ଗୁହାରି କରିଥିଲେ । ସଂଧ୍ୟାରେ ବୁଢାରଜା ସାଂସ୍କୃତିକ ମଞ୍ଚରେ ଆୟୋଜିତ



ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲା ଓ ପଡୋଶୀ ଜିଲ୍ଲାରୁ ଅନେକ ସାଂସ୍କୃତିକ ଦଳ ଯୋଗ ଦେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରି ହଜାର ହଜାର ଭକ୍ତ ଓ ଦର୍ଶକୁ ବିମୋହିତ କରିଥିଲେ । ବିଳମ୍ବିତ ରାତିରେ ଘୁମୁରା ଓ ନାଟକ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଆମପାଣି ବୁଢାରଜା ଦଶରା ମହୋତ୍ସବରେ ବହୁଳ ଭାବେ ଜନ ଗହଳି ରହିଥିବାରୁ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ପୋଲିସର ପଦାଧିକାରୀ ସମେତ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା । ଅନୁଷ୍ଠିତ ବାର୍ଷିକ ଦଶରା ପୂଜା ଓ ମହୋତ୍ସବ କାର୍ଯ୍ୟକ୍ରମକୁ ବୁଢାରଜା ପୂଜା କମିଟି ସଭାପତି ରତୁରାଜ ମାଝୀ, ସମ୍ପାଦକ ସନ୍ତୋଷ କୁମାର ମାଝୀ, ଉପ ସଭାପତି ଗଙ୍ଗାଧର ନାଏକ, କୋଷାଧ୍ୟକ୍ଷ ବିଘ୍ନେଶ୍ୱର ନାଏକ,ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ । ଏହି ଦଶରା ପୂଜା ଓ ମହୋତ୍ସବ ଦେଖିବାକୁ ଛତିଶଗଡ଼, ତଥା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା ।

# ତ୍ରିଶା ତାନ୍ୟା ଇଣ୍ଡିଆନ ବୁକ ଅଫ ରେକର୍ଡ଼ରେ ସାମିଲ

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ସ୍ଥିତ ମେରିଆ ମାର୍ଗର ଛାତ୍ରୀ ତ୍ରିଶା ତାନ୍ୟା ତିନୋଟି ଇଂରାଜୀ ପୁସ୍ତକ ଏ ନୋଟ ହ୍ୱାଟ ଆଇ ଥଟ, ସେଣ୍ଟିମେଣ୍ଟସ ଅଫ ଏଡଲସେଣ୍ଟ ଏବଂ ଡିଜାଇନ ଡେଜିରେବଲ ଡେପିକସନ ରଚନା କରି ଚଳିତ ସେପ୍ଟେମ୍ବର ୨୫ତାରିଖରେ ଇଣ୍ଡିଆନ ବୁକ ଅଫ ରେକର୍ଡସରେ ହାସଲକାରୀ ଭାବେ ସ୍ଥାନ ପାଇଛନ୍ତି । ଏହି ଅବସରରେ ତାଙ୍କୁ ଏକ ମାନପତ୍ର, ମେଡାଲ, ଆଇ ବି ଆର ରେକର୍ଡ ବହି, ଏକ କଲମ, ବ୍ୟାଡ଼ଜ, ଆଇ କାର୍ଡ ପ୍ରଦାନ କରାଯାଇଛି। ସେ ବର୍ତମାନ ବିକ୍ରମ ଦେବ ୟୁନିଭର୍ସିଟି ଜୟପୁରର ଯୁକ୍ତ ତିନି(ଇଂରାଜୀ ସମ୍ମାନ) ଶେଷ ବର୍ଷ ଛାତ୍ରୀ । ଛାତ୍ରୀ ତ୍ରିଶା ତାନ୍ୟା ପିତା ଏନ ରାଜେଶ କୁମାର ହେଉଛନ୍ତି ନୂଆଗାଁ ଏସଏସଡି ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଜି ଗାୟତ୍ରୀଙ୍କ ବଡ଼ ଝିଅ। ମାତ୍ର ୧୯ ବର୍ଷ ବୟସରେ ତାଙ୍କରି ଏହି ସଫଳତାରେ ସମସ୍ତେ ଖୁସି ପ୍ରକଟ କରିଛନ୍ତି। ସେ ଆଗାମୀ ଦିନରେ ଦୁଇଟି ଇଂରାଜୀ ଉପନ୍ୟାସ ପ୍ରକାଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି ।




# ଟି-୨୦ ଓଡିଶା କ୍ରିକେଟ ଦଳରେ ସମ୍ବଲପୁର ଝିଅ ସ୍ୱାତିକା

ସମ୍ବଲପୁର,(ସବ୍ୟୁ): ସମ୍ବଲପୁରର ଝିଅ ସ୍ୱାତିକା ବେହେରା ୧୯ବର୍ଷରୁ କମ୍ ଓଡିଶା କ୍ରିକେଟ୍ ଦଳରେ ସ୍ଥାନ ପାଇଛନ୍ତି । ଫଳରେ ତାଙ୍କର ଜାତୀୟ ମହିଳା ଟି-୨୦ କ୍ରିକେଟ୍ ଟ୍ରଫି ଖେଳିବାର ସ୍ୱପ୍ନ ସାକାର ହୋଇଛି । ସେ ସମ୍ବଲପୁର ପୋଲିସ ବିଭାଗରେ କାର୍ଯ୍ୟରତ ପ୍ରଶାନ୍ତ କୁମାର ବେହେରା ଓ ମିନତୀ ନାଏକଙ୍କ ସୁପତ୍ରୀ ଅଟନ୍ତି । ଓଡିଶା ଦଳ ପାଇଁ ମନୋନୀତ ହେବା ଖବର ଜଣାପଡିବା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି । ଏହି ସଫଳତା ପାଇଁ ସେ ତାଙ୍କ କୋଚ୍ ସେକ୍ ଜାହାଙ୍ଗୀର, ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ସୁନୀଲ ସାହୁ, କ୍ରିକେଟ୍ ସମ୍ପାଦକ ଅଭିନାଶ ନନ୍ଦ, ସଭାପତି ଦୁଲାଲଚନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଏହି ସଫଳତା ତାଙ୍କ କଠିନ ପରିଶ୍ରମର ଫଳ ବୋଲି କହିଛନ୍ତି ।



# ପ୍ରବାସୀ ଦାଦନ ଗିରିରାଜଙ୍କ ହେଲା ଅନ୍ତିମ ସଂସ୍କାର

ଜୟପାଟଣା,(ସବ୍ୟୁ): ବେଙ୍ଗାଲୁରୁ ର ଏକ ଘରୋଇ ସଂସ୍ଥାରେ ପ୍ରବାସୀ ଶ୍ରମିକ ଭାବରେ କାର୍ଯ୍ୟରତ ଥିବା ଗିରିରାଜ ବାଣୁଆଙ୍କ (୨୫) ବେଙ୍ଗାଲୁରୁ ଠାରେ ଟ୍ରେନ ସହ ଧକ୍କା ହୋଇ ମୃତ୍ୟୁ ବରଣ କରିଥିବା ଘଟଣା ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ମୃତ୍ୟୁ ପରେ ଏକ ବିମାନ ଯୋଗେ ମର ଶରୀର ବିଶାଖାପାଟଣା ପହଞ୍ଚି ଶୁକ୍ରବାର ଆମ୍ବୁଲାନ୍ସ ଯୋଗେ ଜୟପାଟଣା ବ୍ଲକ ସର୍ଗୀଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପ୍ରଜା ନାଗଫେଣୀ ଜନ୍ମମାଟିକୁ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ଅନ୍ତିମ ସଂସ୍କାର କରାଯାଇଥିଲା। ଚାରି ମାସ ତଳେ ପ୍ରଜା ନାଗଫେଣୀ ଗ୍ରାମର ଗୌରଚନ୍ଦ୍ର ବାଣୁଆଙ୍କ ଏକ ମାତ୍ର ପୁତ୍ର ଗିରିରାଜ ବାଣୁଆ କର୍ମ ସଂସ୍ଥାନ ପାଇଁ ବେଙ୍ଗାଲୁରୁ ଯାଇଥିଲେ । ସେଠାରେ ୧୫ ଦିନ ପୂର୍ବେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରେ ଯୋଗ ଦେଇଥିଲେ । ଦୁର୍ଭାଗ୍ୟବଶତଃ ଟ୍ରେନ ଲାଇନ କଡ଼ରେ ବୁଲୁଥିବା ଅବସ୍ଥାରେ ଏକ ଟ୍ରେନ ସାଙ୍ଗରେ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ଆସିବା ପରେ ପରିବାର ଲୋକେ କଳାହାଣ୍ଡି ଜିଲ୍ଲା ପ୍ରଶାସନକୁ ଶବ ଆଣିବାରେ ସହଯୋଗ ଭିକ୍ଷା କରିଥିଲେ । ଆଦିବାସୀ ସଂଘ ଓ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ମୃତକଙ୍କ ବାପା ଗୌରଚନ୍ଦ୍ର ବଣୁଆ, କୋକସରା ବ୍ଲକ ବେଗ୍ରିଆ ଗ୍ରାମର ତାପସ ଦଳପତି , ସେନା ବିଭାଗ ଜମ୍ମୁ କାଶ୍ମୀରରେ କାର୍ଯ୍ୟରତ ବିଷ୍ଣୁ ବାଣୁଆଙ୍କ ସହଯୋଗରେ ଶବକୁ ବିମାନଯୋଗେ ଆଣିଥିବା ଜଣାପଡ଼ିଛି । ସ୍ଥାନୀୟ ସମାଜସେବୀ ସତ୍ୟନାରାୟଣ ଅଗ୍ରୱାଲ ଆର୍ଥିକ ସହାୟତା ଯୋଗାଇ ଥିବାବେଳେ ଆଦିବାସୀ ନେତା ଗଙ୍ଗାରାମ ମାଝୀ, ଆଦିବାସୀ ସଂଘ ସଭାପତିମନୋଜ ପାତ୍ର, ସମାଜସେବୀ ଶେଷଦେବ ବେହେରା ପ୍ରମୁଖ ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରିବା ସହ ପ୍ରଶାସନ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି ।

## ବିଶ୍ୱ ଅଣ୍ଡା ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଜିଲ୍ଲା ପରିଷଦ ସଭାଗୃହ ଠାରେ ବିଶ୍ୱ ଅଣ୍ଡା ଦିବସ-୨୦୨୫ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବପ୍ରସାଦ ଦାଶଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଣ୍ଡା ପ୍ରାକୃତିକ ପୋଷଣରେ ଭରପୁର ଅଟେ । ତେଣୁ ଏହା ସ୍ୱାସ୍ଥ୍ୟପାଇଁ ବେଶ ଜରୁରୀ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜିବ କୁମାର ତରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପାୱାର ପଏଣ୍ଟ ମାଧ୍ୟମରେ ଅଣ୍ଡାର ଉପାଦେୟତା ଓ ସରକାରଙ୍କ ତରଫରୁ କୁକୁଡା ଚାଷ ପାଇଁ ଦିଆଯାଉଥିବା ପ୍ରୋତ୍ସାହନ ଉପରେ ଆଲୋକପାତ କରାଯାଇଥିଲା । ଏହି ଅବସରରେ ଜିଲ୍ଲାର ୩ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ଅଗ୍ରଣୀ ଅଣ୍ଡାଦିଆ କୁକୁଡା ଚାଷୀ, ଉଦ୍ୟୋଗୀ ଓ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଜିଲ୍ଲା ପ୍ରେକ୍ଷାଳୟ ତପସ୍ୱିନୀ ଠାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି । ପ୍ରୋଗ୍ରାମ ଅଫିସର ସରିତା ଦାସ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଦୀପ୍ତି ଦାସ ଯୋଗ ଦେଇ ବାଳିକା ମାନେ କିପରି ଭାବେ ନିଜର ଭବିଷ୍ୟତ ଗଢି ପାରିବେ ସେ ନେଇ ମତ ରଖିଥିଲେ । ଆଇନଜୀବୀ ପୁଷ୍ପା ମହାପାତ୍ର ଓ ବାଣୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବାଳିକା ଓ କିଶୋରୀ ମାନେ ନିଜକୁ ସମାଜରେ କିଭଳି ପ୍ରତିଷ୍ଠିତ କରିବେ ସେନେଇ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବାଳିକା ମାନଙ୍କ ମଧ୍ୟରେ କୁଇଜ୍‌ଳ ନାଚ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସୁନୀତା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ସ୍ୱାଗତ ଭାଷଣ ଓ ସଦର ପ୍ରୋଗ୍ରାମ ଅଫିସର ସୁଭାଷିନୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ମୁରିବାହାଲ ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁରିବାହାଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମୁରିବାହାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢ଼ିହାରୀ ଏବଂ ସମ୍ମାନିତ ଅତିଥି ଭାବରେ ପ୍ରଧାନଶିକ୍ଷକ ଥୟରାଜ ପ୍ରଧାନୀ, ସ୍ରୋତସ୍ୱିନୀ ମାଝୀ ଓ ଅଧ୍ୟାପିକା ଭବାନୀ ପୋଢ଼ ଯୋଗ ଦେଇଥିଲେ । ମୁରିବାହାଲ କ୍ଲଷ୍ଟର ସିଆରସିସି ହୃଷୀକେଶ ଶିକାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ଶିକା ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଅତିଥିଗଣ ନିଜ ନିଜର ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ । ମୁରିବାହାଲ କ୍ଲଷ୍ଟରର ୧୪ ଟି ସ୍କୁଲରୁ ପ୍ରାୟ ୩୦୦ ଜଣ ପ୍ରତିଯୋଗୀ ଏବଂ ୩୦ ଜଣ ସହଶିକ୍ଷକ / ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଶିକ୍ଷକ ଶ୍ରୀମୁଖ ବିହାରୀ ଷାଣ୍ଢ ଏବଂ ମଦନ ବାଗ ମଞ୍ଚ ପରିଚାଳନା କରିଥିଲେ । ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଂଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶୁତଲିଖନ, ପି.ଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା, ଗଳ୍ପକଥନ, ଗଣିତ ଦୌଡ଼, ଗଣିତ କୁଇଜ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତି ପ୍ରତିଯୋଗିତାରୁ ୩ ଜଣ ଲେଖାଁଏ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ୍ ଏବଂ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ଯେଉଁ ପ୍ରତିଯୋଗୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସେମାନେ ଆଗାମୀ ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି । କାର୍ଯ୍ୟକ୍ରମ ଶେଷରେ ଶ୍ରୀ ପ୍ରଧାନୀ ଧନ୍ୟବାଦ ଦେଇଥିଲେ। ସେହିପରି ବ୍ଲକର ଗାଁରେଇ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୫ ମାଳପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମାଳପଡ଼ା ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର ପାତ୍ରଙ୍କ ପ୍ରତ୍ୟେକ୍ଷ ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଭୋଇ,ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସିଆରସିସି ସତ୍ୟନାରାୟଣ ଦାସ,ଗାଁରେଇ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତରୁଣ ପୋଢ଼, ଫଟାମୁଣ୍ଡା ବିଦ୍ୟାଳୟ ପ୍ରଧାନଶିକ୍ଷକ ଚତୁର ବାଗ,କଟାଡୁଙ୍ଗୁରୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ବୈଶାଖୁ ଶିକା,ପ୍ରଧାନଶିକ୍ଷକ ମିତ୍ରଭାନୁ ମେହେର,ସୁରେଶ ଛୁରା ଓ ଲକ୍ଷ୍ମଣ ଲୁହା ଯୋଗ ଦେଇଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ୧୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ,ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ ଶିକ୍ଷକ ଛବିଲାଲ ସାହୁ ଧନ୍ୟବାଦ ଦେଇଥିଲେ।




## ସିବିଆଇ ହାତରେ ଧରାପଡ଼ିଲେ ଆରପିଏଫ ଯବାନ

ସୁନ୍ଦରଗଡ଼,(ସବ୍ୟୁ): ଶୁକ୍ରବାର ସକାଳେ ରାଉରକେଲା ସିବିଆଇ ଟିମ ରାଉଲକେଲା ବିଶ୍ରା ଛକ ଠାରେ ବନ୍ଧମୁଣ୍ଡା ଆରପିଏଫ ଥାନାର ଜଣେ ଆରପିଏଫ ଯବାନ ମହମ୍ମଦ ଅସରାରଙ୍କୁ ଜଣେ ବେପାରୀଠୁ ୧୫ ହାଜର ଟଙ୍କା ଲାଞ୍ଚ ନେଉ ଥିବା ବେଳେ ଗିରଫ କରିଛି। ଗିରଫ ଆରପିଏଫ ଯବାନଙ୍କୁ ସିବିଆଇ ଟିମ ଗିରଫ କରି ରାଉଲକେଲା ସିବିଆଇ କାର୍ଯ୍ୟାଳୟକୁ ନେଇ ଯାଇଛି। ଗିରଫ ଆରପିଏଫ ଯବାନ ମହମ୍ମଦ ଅସରାର ସିବିଆଇକୁ ବୟାନ ଦେଇଛନ୍ତି ଯେ ସିଏ ବନ୍ଧମୁଣ୍ଡା ଆରପିଏଫ ଇନ୍ସପେକ୍ଟର ଅରୁଣ ଟୋକାସଙ୍କ କହିବା ଅନୁଯାୟୀ ଏହି ମହିଳା ବେପାରିଙ୍କ ପାଖରୁ ୧୫ ହଜାର ଟଙ୍କା ନେବା ପାଇଁ ଆସିଥିଲି। ସିବିଆଇ ଟିମର ସଦସ୍ୟ ଘଟଣାର ତଦନ୍ତ କରିବା ସହିତ ବନ୍ଧମୁଣ୍ଡା ଆରପିଏଫ ଇନ୍ସପେକ୍ଟର ଅରୁଣ କୁମାର ଟୋକାସଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଚଳାଇଛି।

# ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ପ୍ରକଳ୍ପର ଶିଳାନ୍ୟାସ

ସମ୍ବଲପୁର,(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କର ଶିଳାନ୍ୟାସ କରିଥିଲେ । ଓୟୁଏଟି ଚିପିଲିମା ଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ତଥା ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ଯୋଗ ଦେଇ ହୀରାକୁଦ ଅଞ୍ଚଳରେ ଆୟ ବୃଦ୍ଧି କରିବା ପାଇଁ ଅନେକ ସମ୍ଭାବନା ରହିଛି । ଜଳଭଣ୍ଡାରରେ ମାଛ ଚାଷ ଉତ୍ପାଦନ ବଢାଇବା ପାଇଁ ପଞ୍ଜୁରୀ ପ୍ରଣାଳୀ ଅବଲମ୍ବନ କରାଯାଉଛି । କେବଳ ଉତ୍ପାଦନ ନୁହେଁ ବରଂ ସେ ଉତ୍ପାଦିତ ମାଛକୁ କିପରି ବଜାରରେ ବିକ୍ରି କରାଯିବ ସେନେଇ ଯୋଜନା କରାଯାଉଛି । ଅଜିର ଏହି ସୁଯୋଗ ହୀରାକୁଦ ସଙ୍ଗେସଙ୍ଗେ ଆକ୍ୱାପାର୍କରେ ମାଛ ଚାଷ କ୍ଷେତ୍ରରେ ଗବେଷଣା କରିବା ପାଇଁ ଅନେକ ସୁବିଧା ସୁଯୋଗ ରହିଛି । ଏହା ଆମର ଉତ୍ପାଦନକୁ ଦ୍ୱିଗୁଣିତ କରିବା ସହ ଆୟ ବୃଦ୍ଧିରେ ସହାୟକ ହେବ । ଏଥିସହ ଆତ୍ମ ନିର୍ଭରଶୀଳ ହେବାରେ ସାହାର୍ଯ୍ୟ କରିବ । ସୂଚନାଯୋଗ୍ୟ, ମାଛ ଚାଷରେ ଆଧୁନିକତା ଆଣିବାରେ ଏହି ସମନ୍ୱିତ ଆକ୍ୱାପାର୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମୃଦ୍ଧି ଯୋଜନାରେ କାର୍ଯ୍ୟକାରୀ ହେବ । ସମ୍ବଲପୁର ଜିଲ୍ଲାର ବସନ୍ତପୁର ଗ୍ରାମରେ୯୫.୪୭୦ଏକର ଜମିରେ ଏହା ନିର୍ମିତ ହେବ । ଏଥିପାଇଁ ୧୦୦କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏହି ପ୍ରକଳ୍ପ ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ବିକାଶ ମନ୍ତ୍ରାଳୟ ଦ୍ୱାରା ଅନୁମୋଦିତ ହୋଇଛି । ଏଥିରେ ମାଛ ଚାଷ ଓ ଜଳଜ ପ୍ରଜାତି ବିକାଶ ପାଇଁ ଏକ ସମ୍ପୂର୍ଣ୍ଣ ପରିସର ସୃଷ୍ଟି କରାଯିବ । ଏଥିସହ ମାଛପାର୍କ, ଇନଫାଷ୍ଟ୍ରକର୍ଚର ପାର୍କ, ଫିସ ପ୍ରୋସେସିଙ୍ଗ ପାର୍କ, ପେକିଂ ଓ ନେଟ୍ ଆକ୍ସେସୋରିଜ ପାର୍କ, ନଲେଜ ପାର୍କ ଓ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବ । ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ପୂର୍ବତନ ବିଧାୟକ ନାଉରୀ ନାୟକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ , ମତ୍ସ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ସୁବ୍ରତ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ମତ୍ସ୍ୟଚାଷ ବିଭାଗ ଅତିରିକ୍ତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତୀୟ ବାଳିକା କବାଡି ଦଳରେ ପ୍ରିୟଙ୍କା

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହର ତଅଁଲାପଡାର ପ୍ରିୟଙ୍କା ପ୍ରଧାନ(୧୭) ଭାରତୀୟ ବାଳିକା କବାଡି ଦଳରେ ସ୍ଥାନ ପାଇଛନ୍ତି । ବାହାରିନ୍ ଠାରେ ଅକ୍ଟୋବର ୧୯ରୁ ୨୩ତାରିଖରେ ମଧ୍ୟରେ ହେବାକୁ ଥିବା ୧୮ବର୍ଷରୁ କମ୍ ଏସିଆନ୍ ଯୁବ କବାଡି ଚାମ୍ପିୟାନସିପ୍‌ରେ ଭାରତୀୟ ଦଳ ପାଇଁ ଚୟନ ହୋଇଛନ୍ତି । ଏହା ଜଣାପଡିବା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି । ସୂଚନାଯୋଗ୍ୟ, ଅତି ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିବା ପ୍ରିୟଙ୍କାଙ୍କ ବାପା ସୁରେନ୍ଦ୍ର ପ୍ରଧାନ ଦିନ ମଜୁରିଆ ଭାବେ କାମ କରନ୍ତି । ମାଆ ସଞ୍ଜୁ ପ୍ରଧାନ ଗୃହିଣୀ ଅଟନ୍ତି । ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ନଥିବାସତ୍ତ୍ୱେ ସେ ନିଜ ପାଠପଢା ସହ ଖେଳ ପ୍ରତି ବେଶ ରୁଚି ରଖିଥିଲେ । ସ୍ଥାନୀୟ କୁଞ୍ଜେଲପଡା ସ୍ଥିତ ବ୍ରଜମୋହନ ପାର୍କରେ ପ୍ରତ୍ୟହ ଅଭ୍ୟାସ କରୁଥିଲେ । ୱାଇବିଏ କ୍ଲବ ଜରିଆରେ କୋଚ୍ ଶ୍ରୀକାନ୍ତ ବାରିକଙ୍କ ଠାରୁ ପ୍ରଶିକ୍ଷଣ ନେଉଥିଲେ । ଏହା ପୂର୍ବରୁ ସେ ୧୬ବର୍ଷରୁ କମ୍ ଜାତୀୟ ସବ୍‌ଜୁନିୟର ଦଳରେ ୨ଥର ଓ ୧୭ବର୍ଷରୁ କମ୍ ସ୍କୁଲ ଗେମ୍ ଖେଳିବାର ସୁଯୋଗ ହାସଲ କରିଛନ୍ତି । ଏହାପରେ ଉତ୍ତରାଖଣ୍ଡରେ ୧୮ବର୍ଷରୁ କମ୍ ବିଭାଗରେ ଖେଳି ଜାତୀୟ ଦଳ ପାଇଁ ଚୟନ ହୋଇଛନ୍ତି । ତେବେ ତାଙ୍କର ଏହି ସଫଳତା ପାଇଁ କେବଳ ସମ୍ବଲପୁର ନୁହେଁ ସାରା ଓଡିଶା ଗର୍ବିତ ଅଟେ ।



# ଜିଲ୍ଲାସ୍ତରିୟ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲା ସମାଜ ମଂଗଳ ବିଭାଗ ପକ୍ଷରୁ ଶନିବାର ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରିୟ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବରେ ଡ଼. ରାଧାରମଣ ବିଡିଆ ଅଡଭକେଟ୍, ଆଶିଷ କୁମାର ପଣ୍ଡା, ଅଧ୍ୟକ୍ଷ, ଶିଶୁ ମଂଗଳ ଅଧିକାରୀ, ଆନନ୍ଦିନି ପାଢ଼ି, ନିର୍ଦ୍ଦେଶିକା ସେହଡା, ସୁନନ୍ଦ ମହାରଣା, ଶିଶୁ ସୁରକ୍ଷା ଅଧିକାରୀ, ପ୍ରମୁଖ ଯୋଗଦାନ ଦେଇଥିଲେଛ ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ମଙ୍ଗଳ ଅଧିକାରୀ ପୁନ୍ୟବତି ହେଲେନ ଖେସ ସମସ୍ତଙ୍କୁ ସ୍ୱାଗତ ଜଣାଇ ଆନ୍ତର୍ଜାତୀୟ କନ୍ୟା ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପର ଅଭିଭାଷଣ ରଖିଥିଲେ। ମୁଖ୍ୟ ଅତିଥି ବ୍ରଜବନ୍ଧୁ ଭୋଇ ସମାଜରେ କନ୍ୟା ସନ୍ତାନ ମାନଙ୍କର ଆବଶ୍ୟକତା ଓ ଭୂମିକା ବ୍ୟାଖ୍ୟା କରିବା ସହ ପୁଅ ଜନ୍ମ ହେଲେ ଭାଗ୍ୟ ଓ ଝିଅ ଜନ୍ମ ହେଲେ ସୌଭାଗ୍ୟ ବୋଲିକହିବା ସହିତ କନ୍ୟା ସନ୍ତାନ ମାନଙ୍କ ପାଇଁ ସୁରକ୍ଷା ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ନୀତି ନିୟମ ଓ କାର୍ଯକ୍ରମ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବୃନ୍ଦଗଣ ଶିଶୁ ସୁରକ୍ଷା ବାଳିକା ମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା , ସାଂପ୍ରତିକ ସମାଜରେ ବାଳିକାଙ୍କ ବିକାଶ ଉପରେ ଆଲୋଚନା କରିଥିଲେ । କାର୍ଯକ୍ରମରେ ଜିଲ୍ଲା ର ସମସ୍ତ ବ୍ଲକ, ମ୍ୟୁନିସିପାଲଟି ର କିଶୋରୀ ବାଳିକା , ସଖି ସହେଲୀ ବାଳିକା ,ଅଙ୍ଗନୱାଡ଼ି କର୍ମୀ, ସିଡ଼ିପିଓ, ସୁପରଭାଇଜର, ୱାନ ଷ୍ଟପ ସେଣ୍ଟର କର୍ମକର୍ତ୍ତା, ସକ୍ତିସଦନ କର୍ମକର୍ତ୍ତା ଯୋଗଦାନ କରିଥିଲେଛ କାର୍ଯକ୍ରମରେ କିଶୋରୀ ବାଳିକା ମାନଙ୍କ ଦ୍ୱାରା ନୃତ୍ୟ,ସଙ୍ଗୀତ, କୁଇଜ,ବକ୍ତୃତା, ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କିଶୋରୀ ବାଳିକା ମାନଙ୍କ ପୁରସ୍କୃତ କରାଯାଇଥିଲା। କିଶୋରୀ ବାଳିକା ମାନଙ୍କ ଦ୍ୱାରା ମୋ ସ୍ୱର, ମୁଁ ଭବିଷ୍ୟତରେ କଣ ହେବି ଉପରେ ନିଜ ମତ ଓ ସ୍ୱାକ୍ଷର ଅଭିଯାନ ରେ ସମସ୍ତେ ନିଜ ସ୍ୱର ପ୍ରତିପାଦନ କରିଥିଲେ। ସଭା ଶେଷରେ ମହିଳା ସୁରକ୍ଷା ପ୍ରଦାନ ଅଧିକାରୀ ଯାଜ୍ଞସେନୀ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଜିଲ୍ଲା ମହିଳା ସଶକ୍ତିକରଣ ବିଭାଗର ସମସ୍ତ କର୍ମକର୍ତ୍ତା ମାନେ କାର୍ଯକ୍ରମକୁ ସହଯୋଗ କରିଥିଲେ।

# ଯୁବକର ଗଳିତ ମୃତଦେହ ଉଦ୍ଧାର

ଦେବଗଡ,(ସବ୍ୟୁ) : ଶନିବାର ଦେବଗଡ ସହର ପତ୍ରାପାଲି ସାହି ୪୯ ନମ୍ବର ଜାତୀୟ ରାଜପଥ କଡରୁ ଜଣେ ଯୁବକ ଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଉଦ୍ଧାର ମୃତ ଯୁବକ ପତ୍ରାପାଲି ଅଞ୍ଚଳର ୩୨ ବର୍ଷ ବୟସ୍କ ଅଜିତ କେରକେଟା। ଅଜିତ ଚଳିତମାସ ଦୁଇ ତାରିଖ ଠାରୁ ଘରୁ ନିଖୋଜ ଥିଲେଛ ଏନେଇ ତାଙ୍କ ମାଆ ଦେବଗଡ ଆଦର୍ଶ ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଆଜି ତାଙ୍କ ସାନ ଭାଇ ସେହି ଅଞ୍ଚଳକୁ ଯାଇଥିବା ବେଳେ ମୃତଦେହ ଦେଖି ପରିବାର ଓ ପୋଲିସ କୁ ଖବର ଦେଇଥିଲେ। ଖବର ପାଇ ଦେବଗଡ ଦେବଗଡ ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ପଠାଇଛନ୍ତି। ମୃତଦେହ ପଡିଥିବା ସ୍ଥାନ ରେ ପାଣି ଜମୁଥିବା ବେଳେ ମୃତ ଅଜିତ ଦୁର୍ଘଟଣାବଶତଃ ସେଠାରେ ପାଣିରେ ପଡିଯିବା ପରେ ଆଉ ଉଠି ନପାରି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଦେବଗଡ ଆଦର୍ଶ ଥାନା ଆଇଆଇସି ସବ୍ୟସାଚୀ ଶତପଥୀ ସୂଚନା ଦେଇଛନ୍ତି।

# ବ୍ଲକ ଅଧ୍ୟକ୍ଷଙ୍କ ସହାୟତାରେ ନିଜ ଗାଁ କୁ ଆସିଲା ମର ଶରୀର

ଗୋଲାମୁଣ୍ଡା ,(ସବ୍ୟୁ): ଗୋଲାମୁଣ୍ଡା ବ୍ଲକ ଅଧିନ ବନ୍ଧାଗାଁ ଗାଁ ର ଲୟା ମାଝୀ (୫୦) ନାମକ ଏକ ଆଦିବାସୀ ମହିଳା ଗତ ମଙ୍ଗଳବାର ଦିନ ନିଜ ଗାଁ ରେ ଥିବା ଏକ ପୋଖରୀରେ ଗାଧୋଉ ଥିବା ବେଳେ ହଠାତ ବୁଡି ଯାଇଥିବାରୁ ଅଞ୍ଚଳର ଲୋକେ ଉଦ୍ଧାର କରି ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସ୍ୱାସ୍ଥ୍ୟବସ୍ଥା ଅତି ଗୁରୁତର ହେବାରୁ ଡାକ୍ତର ବୁର୍ଲାକୁ ସ୍ଥାନାନ୍ତରିତ କରିଥିଲେ । ବୁର୍ଲାରେ ଚିକିତ୍ସିତ ଅବସ୍ଥାରେ ମହିଳାଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଥିଲା। ଯେହେତୁ ମୃତ ମହିଳା ଗରିବ ହୋଇଥିବାରୁ ଶବ ବ୍ୟବଚ୍ଛେଦ ହୋଇ ମର ଶରୀରକୁ ନିଜ ଗାଁକୁ ଆଣିବାକୁ ତାଙ୍କ ସ୍ୱାମୀ ଘାସି ମାଝୀ ସମର୍ଥ ନ ଥିଲେ । ନିଜ ପାଖେ ମୋବାଇଲ ମଧ୍ୟ ନ ଥିବାରୁ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ବୁର୍ଲା ସ୍ଥିତ ଅଜଣା ଲୋକଙ୍କ ଜରିଆରେ ଫୋନ ମାଧ୍ୟମରେ ଯୋଗାଯୋଗ କରିପାରି ଥିବାରୁ ବ୍ଲକ ଅଧ୍ୟକ୍ଷ ଶ୍ର ମହାନନ୍ଦ ତୁରନ୍ତ ମର ଶରୀର କୁ ଆଣିବା ପାଇଁ ବ୍ୟବସ୍ଥା କରଥିଲେ। ଆଜି ଗାଁକୁ ମର ଶରୀର ଆସି ଦାହ ହୋଇଛି, ଅସହାୟ ଓ ଗରିବ ପରିବାର ସମେତ କିଛି ସନ୍ତାନ ନ ଥିବାରୁ ସରକାର ତରଫରୁ କିଛି ସହଯୋଗ କରିବାକୁ ଗ୍ରାମବାସୀ ତରଫରୁ ଦାବି ହୋଇଛି।

# ଦୁର୍ଗମ ଇଲାକାରେ ଗମନାଗମନକୁ ସୁଗମ କରୁଛି ପିଏମ ଜନମନ୍

ରାୟଗଡା,(ସବ୍ୟୁ): ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ଅଧୀନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ସଡ଼କ ପ୍ରକଳ୍ପର ନିର୍ମାଣ ସଫଳତାର ସହିତ ଶେଷ କରିଛନ୍ତି । ରାଜ୍ୟର ଦୂରଦୂରାନ୍ତ ଆଦିବାସୀ ଅଞ୍ଚଳରେ ଏହି ପ୍ରକଳ୍ପ ଆଖିଦୃଶିଆ ପରିବର୍ତ୍ତନ ଆଣିପାରିଛି । ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକାର୍ଣ୍ଣିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ତେଲଗୁଡୁଠାରୁ ତାରବେଲ ଗ୍ରାମ୍ୟ ଉନ୍ନୟନ ରାସ୍ତା ଏବଂ ଦେବଗଡ଼ ଜିଲ୍ଲାର ପୂର୍ବ ରାସ୍ତା ଠାରୁ ସିଆରହୁଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଯୋଗୁଁ ପ୍ରଥମ ଥର ପାଇଁ ସ୍ଥାନୀୟ ଲୋକଙ୍କୁ ନିରାପଦ ଏବଂ ସବୁଦିନିଆ ଯୋଗାଯୋଗର ସୁବିଧା ମିଳିଛି ଏବଂ ସେମାନଙ୍କ ଜୀବନଯାପନରେ ଉନ୍ନତି ଦେଖାଦେଇଛି । ଜିଲ୍ଲାରେ, ୩୦ ମଇ ୨୦୨୫ ରେ ସମାପ୍ତ ହୋଇଥିବା ତେଲଗୁଡୁ ରାସ୍ତା ପ୍ରକଳ୍ପ ଯୋଗୁଁ ତେଲଗୁଡୁ ଗ୍ରାମଠାରୁ ୨.୫ କିଲୋମିଟର ଦୂର ତାରବେଲର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଯୋଗାଯୋଗ ସହଜ ହୋଇଛି । ପୂର୍ବରୁ, ଗ୍ରାମକୁ ଯିବା ପାଇଁ ଏକମାତ୍ର ରାସ୍ତା କାଦୁଅ ଏବଂ ବିପଦପୂର୍ଣ୍ଣ ଥିବାରୁ ବର୍ଷା ଋତୁରେ ଗ୍ରାମବାସୀମାନେ ନିକଟବର୍ତ୍ତୀ ପ୍ରମୁଖ ସହରରୁ ବିଚ୍ଛିନ୍ନ ରହୁଥିଲେ । ପିଲାମାନେ ସ୍କୁଲ ଯିବାରୁ ବଞ୍ଚିତ ହେଉଥିଲେ, ଚାଷୀମାନେ ଉଚିତ ସମୟରେ ସେମାନଙ୍କର ଫସଲ ବିକ୍ରି କରିପାରୁ ନଥିଲେ ଏବଂ ଯୋଗାଯୋଗ ଅଭାବରୁ ଜରୁରୀକାଳୀନ ଚିକିତ୍ସା ମଧ୍ୟ ମିଳିପାରୁନଥିଲା । ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ବଦଳି ଯାଇଛି । ଏହି ନୂତନ ରାସ୍ତା ଯୋଗୁଁ ବର୍ଷସାରା ଗ୍ରାମକୁ ଯାନବାହାନ ପହଞ୍ଚିପାରିବ । ସ୍କୁଲରେ ପିଲାଙ୍କ ଉପସ୍ଥାନରେ ଉନ୍ନତି ଆସିପାରିବ, ଗର୍ଭବତୀ ମହିଳାମାନଙ୍କୁ ଏବେ ସୁରକ୍ଷିତ ଭାବରେ ଡାକ୍ତରଖାନାକୁ ନେଇହେବ, ଏବଂ ଗ୍ରାମବାସୀମାନେ ନିକଟସ୍ଥ ବଜାର ଏବଂ ସରକାରୀ କାର୍ଯ୍ୟାଳୟକୁ ସହଜରେ ଯାତ୍ରା କରିପାରିବେ । ଚାଷୀମାନେ ଏବେ ପନିପରିବା, ଧାନ ଏବଂ ଜଙ୍ଗଲଜାତ ଦ୍ରବ୍ୟକୁ ଗୁଣୁପୁର ମଣ୍ଡିକୁ ନେଇପାରିବେ । ଏହା ଦ୍ୱାରା ସେମାନଙ୍କର ଆୟରେ ନିଶ୍ଚିତ ଭାବେ ବୃଦ୍ଧି ଘଟିବ । ଉନ୍ନତ ଗ୍ରାମୀଣ ସଂଯୋଗୀକରଣ ଜୀବନକୁ କିପରି ଜନଜୀବନକୁ ପରିବର୍ତ୍ତନ କରିପାରିବ, ଏହି ପ୍ରକଳ୍ପ ଗୁଡ଼ିକ ତାହାର ନିଦର୍ଶନ ପାଲଟିଛି । ରାସ୍ତାଗୁଡ଼ିକ କେବଳ ଯୋଗାଯୋଗ ସୁବିଧା ପ୍ରଦାନ କରିନଥାଏ ବରଂ ଲୋକମାନଙ୍କୁ ସୁଯୋଗ, ସମ୍ମାନ ଏବଂ ପ୍ରଗତି ସହିତ ମଧ୍ୟ ଯୋଡ଼ିଥାଏ । ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନରେ ଦୁର୍ଗମ ଅଞ୍ଚଳର ମୌଳିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ପ୍ରତ୍ୟେକ ବ୍ୟକ୍ତି ନିକଟରେ ବିକାଶର ସୁଫଳ ପହଞ୍ଚାଇବାକୁ ସୁନିଶ୍ଚିତ କରୁଛି ଏବଂ ସାମାଜିକ ଏବଂ ଅର୍ଥନୈତିକ ବ୍ୟବଧାନକୁ ହ୍ରାସ କରୁଛି ।


**AFFIDAVIT**

By virtue of an affidavit sworn before Notary Public, Muribahal, dated. 23.05.2025 I, Krushna Suna, Address At-Jhalap, Po-Salebarat, Ps- Sindhekela, Dist - Balangir, Odisha, Pin-767035 declare that I have changed my name from Stephan Suna to Krushna Suna. Henceforth, I shall be known as Krushna Suna for all purposes.

**Krushna Suna**

**AFFIDAVIT**

I, Nikhil Vinaya Pande, C/o Motiram Pande, R/o 101, E Block, Badriprasad Apartment, Near Ganpati Hotel, P.O./ P.S.-Bargarh, Dist.- Bargarh, Pin - 768028, Odisha, declare by this affidavit no. 209, dated 10.10.2025, that I was born male and named as such. I was later diagnosed with Gender Dysphoria and underwent gender reassignment surgery on 01.03.2019 at Olmec Hospital, New Delhi. After surgery, I legally and socially transitioned to female, first changing my name to Aarohi Pande and later to Nikshita Navanya Pande. I hereby declare that the above names refer to one and the same person, that is myself. My official records now reflect my name and gender as Ms. Nikshita Navanya Pande (Female).

# ପ୍ରଥିତଯଶା କବିଚନ୍ଦ୍ର କାଳୀଚରଣ



**ଡକ୍ଟର ସର୍ବେଶ୍ୱର ସେଣ**

**ଏଥିରେ କାଳୀଚରଣଙ୍କର କେତେକ ନୂଆ ଭିଆଣ । ନାଟକରେ ନାରୀ ଚରିତ୍ର । ଆଗରୁ ପୁରୁଷମାନେ ନାରୀ ଭୂମିକାରେ । ନାରୀମାନେ ଅଭିନୟର ସୁଯୋଗ ପାଇଲେ । ଏ ଶ୍ରେୟ କାଳୀଚରଣଙ୍କର।**

ପ୍ରଥିତଯଶା କଳାକାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ । ଓଡ଼ିଆ ସାହିତ୍ୟ-ସଂସ୍କୃତିର ଉନ୍ନତି ତଥା ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ସ୍ୱୀକୃତି- ଏ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ଏକାଧାରରେ ସେ ଜଣେ ନିପୁଣ ଅଭିନେତା, ନିଖୁଣ ନାଟ୍ୟ ନିର୍ଦ୍ଦେଶକ, ସ୍ୱନାମଧନ୍ୟ ନାଟ୍ୟକାର, ଅସାଧାରଣ ଓଡ଼ିଶୀ ସଂଗୀତ-ନୃତ୍ୟ ବିଶାରଦ ତଥା ଲବ୍ଧପ୍ରତିଷ୍ଠ କବି । ସାହିତ୍ୟର ଅନେକ ବିଭାଗରେ ତାଙ୍କର ଲେଖନୀ ଚଳଚଞ୍ଚଳ । କବିଚନ୍ଦ୍ରଙ୍କ ଆତ୍ମଲିପି ବା ଆତ୍ମଚରିତ ହେଉଛି 'କୁମ୍ଭାର ଚକ' । ଏଥିରେ ସ୍ଥାନିତ ଘଟଣାର ଅୟମାରମ୍ଭ ୧୮୯୭ରୁ ପ୍ରଲମ୍ବିତ ୧୯୭୫ ଯାଏ । ସ୍ରଷ୍ଟାଙ୍କ ଜୀବନର ହସ-କାନ୍ଦ, ସୁଖ-ଦୁଃଖ, ଯଶ-ଅପଯଶ, ଉତ୍ଥାନ-ପତନ ଆଦି ନାନା କଥା-ବ୍ୟଥା-ଏସବୁକୁ ଆପଣାର କରି ଆତ୍ମଲିପିଟି ଅତୀବ ମଞ୍ଜୁଳ । ପୁସ୍ତକଟି ଓଡ଼ିଶା ସଂସ୍କୃତିର ରସୋତ୍ତୀର୍ଣ୍ଣ ଇତିହାସ, ଏକ ନିର୍ଭୁଲ ସାମାଜିକ ସନନ୍ଦ । ଓଡ଼ିଆ ସାହିତ୍ୟ-ସଂସ୍କୃତି ମନସ୍କ କାଳୀଚରଣ କାୟ-ମନୋ-ବାକ୍ୟରେ ଏଥି ପ୍ରତି ସମର୍ପିତ । ଓଡ଼ିଆ ସଂସ୍କୃତିକୁ ସେ ବହୁ ଭାବରେ, ବହୁ ରୂପରେ ପରିପୁଷ୍ଟ କରିଛନ୍ତି । ପହଞ୍ଚାଇଛନ୍ତି ଯଶ-ଖ୍ୟାତିର ଶୀର୍ଷରେ । କବିଚନ୍ଦ୍ରଙ୍କ 'କୁମ୍ଭାର ଚକ' ଏକ ଅନବଦ୍ୟ କୃତି । ଆତ୍ମଲିପିଟି କେନ୍ଦ୍ର ସାହିତ୍ୟ ଅକାଡେମୀ ପୁରସ୍କାର ଲାଭ କରିଛି । ଏହାର ସ୍ରଷ୍ଟା ଅନନ୍ୟ, ଅସାଧାରଣ ନିଶ୍ଚୟ ।

ଭାଗ୍ୟ, ମଣିଷ - ଉଭୟ ଦ୍ୱାରା ପରାଜିତ କାଳୀଚରଣ । ନିଜକୁ ମଣିଛନ୍ତି ଫଟା କପାଳିଆ । କେବେ ସେ କ୍ଷତାକ୍ତ, କେବେ ଅସହାୟ, ଆଉ କେତେବେଳେ ଧୂଳିମାଟିରେ ପତିତ । ମନେ ପକେଇଛନ୍ତି କୁମ୍ଭାର କଥା । ସେଇ କୁମ୍ଭାର ଅଦୃଷ୍ଟ, କାହା ପାଇଁ ଈଶ୍ୱର, ପରଂବ୍ରହ୍ମ, ପରମାତ୍ମା, କିଏ କେତେ ବାଗରେ ତାଙ୍କୁ ଡାକେ, ତାଙ୍କ କରୁଣା ଭିକ୍ଷା କରେ । କାଳୀଚରଣଙ୍କ ପାଇଁ ସେ ଅଦୃଶ୍ୟ କୁମ୍ଭାର । ଜୀବନର ଚକ (ପେଷା ବା ପେଷଣା) ଘୂରୁଛି ।

ଚକ ଭିତରେ କିଳା (ଖିଲ) ଅତିସାନ, ଚକି ଘୂରିବାଟା ସମସ୍ତଙ୍କ ଆଖିରେ ପଡ଼େ, ହେଲେ ଚକି ଭିତରେ ଛୋଟ କିଳାଟି, ରହିଯାଏ ଅଦେଖା। ସେହିପରି କୁମ୍ଭାର ମାଟି ହାଣେ, ଚକଟେ, ଚକ ବୁଲାଏ, ତାରି ଇଚ୍ଛା, ତାରି ପସନ୍ଦ । ଗଢ଼େ ହାଣ୍ଡି, ଆଟିକା, ସରା, ମାଠିଆ । ହଣା, ଦଳା, ଚକଟା - ସେତେବେଳେ ମାଟିର ରୂପ ଅଲଗା । ଗଢ଼ା ସରିଲେ ଅଲଗା ରୂପ । ଠିକ୍ ସେମିତି, କୁମ୍ଭାର ଚକରେ ଗଢ଼ା କାଳୀଚରଣଙ୍କ ଜଞ୍ଜାଳିଆ ଜୀବନ । ପୁରା ୭୫ ବର୍ଷର କଥା। ସୁଖ, ଦୁଃଖ, ହସ, କାନ୍ଦ, ଖ୍ୟାତି କୀର୍ତ୍ତି କେତେବେଳେ ହତାଶା ବ୍ୟର୍ଥତା, ଜୀବନର ହାହାକାର ଲେଖକ ବେଉଣ୍ଟିବାରେ ତ୍ରୁଟି କରିନାହାନ୍ତି । ଓଡ଼ିଆ ସାହିତ୍ୟ-ସଂସ୍କୃତିର ଏକ ନିଖୁଣ ଚିତ୍ର କୁମ୍ଭାର ଚକ - ଏହା ଅନସ୍ୱୀକାର୍ଯ୍ୟ। ପିଲାଦିନ, ଚାକିରି ଜୀବନ, କଳା ଜୀବନ, ଓଡ଼ିଶା ରଙ୍ଗମଞ୍ଚ ଇତିହାସ, ଡାଏରୀରୁ ଯତ୍ କିଞ୍ଚିତ୍, ପଦ୍ମଶ୍ରୀ, ଡକ୍ଟରେଟ୍, ବିଦାୟ ମାଗୁଣି - ଏଇସବୁ ପରିଚ୍ଛେଦକୁ ନେଇ କୁମ୍ଭାର ଚକ । ଆତ୍ମଲିପିଟିରେ ସ୍ଥାନିତ ପ୍ରତିଟି ଲେଖା, ସେବେକ । କଳିଙ୍ଗ, ଆସନ୍ତାକାଲି, ମାସିକ ପତ୍ରିକା ସହକାରରେ ପ୍ରକାଶ ପାଇଥିଲା । ବହୁ ଜନାଦୃତ ହେଲା, ଶେଷରେ ପୁସ୍ତକ ଆକାରରେ ସୂର୍ଯ୍ୟାଲୋକ ଦେଖିଲା (ଦୋଳପୂର୍ଣ୍ଣିମା, ୧୯୭୫)।

କାଳୀଚରଣଙ୍କ ସଂଗୀତମୟ ଜୀବନ । ନଗଦାନଗଦି ପରୀକ୍ଷା ଦେଇ ଥାଆନ୍ତି । ରହଣି କଟକରେ, ସେଠାରେ ନିତି ଗାଆଣ ବଜାଣ ଚାଲେ । ସେ ସମୟର ଦୁଇ ଓସ୍ତାଦ୍ - ଖାନୁ ମିଆଁ, ମାଧବ ରାଓ । କାଳୀଚରଣ ଆଗରୁ ହିନ୍ଦୁସ୍ତାନୀ ଗାଉଥିଲେ । ଖାନୁମିଆଁ ଠାରୁ ଶିଖିଲେ ଓଡ଼ିଶୀ । ରାଗ-ରାଗିଣୀ, ବାଦୀ-ବିବାଦୀ, ଆରୋହ-ଅବରୋହ, ସ୍ୱର ନିୟମ - ଏ ସବୁ ଓଡ଼ିଶୀର ବିଧି । କାଳୀ ଶିଖିଲେ, କ୍ରମେ ପୋଖତ ହେଲେ । ଏଥି ସହିତ ବଂଶୀ ବାଦନ, ସିତାର ବାଦନ - ସେ ଆଡ଼େ ନିଘା ଦେଲେ । ସାଧନାରୁ ସିଦ୍ଧି । କାଳୀଚରଣ ଏକ ପ୍ରକାର ବିଶାରଦ ପାଲଟିଗଲେ । ଆକୃଷ୍ଟ ହେଲେ ରାସଲୀଳା ଆଡ଼େ । ସାକ୍ଷାତ୍ ହେଲା ଗୋବିନ୍ଦ ଶୂରଦେଓଙ୍କ ସହ। ଶୂରଦେଓ ଜଣେ ନିରୋଳା କଳାକାର, ତାଙ୍କର ଅହେତୁକ ରାସ-ନିଶା । ରାସରେ ତାଙ୍କର ନିଜସ୍ୱ ପରିକଳ୍ପନା। ସେ ଜଣେ ବିଶିଷ୍ଟ ଗୀତିକାର । ଓଡ଼ିଶୀ ଢଙ୍ଗର ଗୀତ, ଛାନ୍ଦବୃତ୍ତ ଧାଡ଼ିରେ, ସ୍ଥାନକୁ ମନାଇ ହିନ୍ଦୁସ୍ତାନୀ ଚୁଟୁକି, ସବୁ ଗୀତ ଗଜଲ ସ୍ୱରରେ, ଏଥିରେ ନଥାଏ କର୍ଣ୍ଣାଟକୀ ଢଙ୍ଗ । ଏଇଟି ଶୂରଦେଓଙ୍କ ବିଶେଷତ୍ୱ । ଯାହା ମନ ଯହିଁକି ରସେ- କାଳୀଚରଣଙ୍କୁ ରାସ ନିଶା ଘାରିଲା।

ଓଡ଼ିଶା ସାରା, ଚଖାଇଲେ ରାସ-ରସ, ବେଶ୍ ନାଁ କଲେ । ଦୁର୍ଦ୍ଦିନ ଆସିଲା, ନୂଆଗଡ଼ରେ ଚାଲିଥାଏ ରାସାଭିନୟ। ଟିକଟ ବିକ୍ରି କମିଲା, ଖାଇଖୋରାକି ଉଠିଲାନି। କାଳୀଚରଣ କାମିଜରେ ଲାଗିଥିଲା କେଇଟି ସୁନା ବୋତାମ, ତାକୁ ବିକିଲେ । ମନ ତୁଟିଲା । ରାସଦଳ ଭାଙ୍ଗିଲା, ପୁନଶ୍ଚ ନାଟକ ଆଡ଼େ ମନ । ଗଢ଼ିଲେ ଓଡ଼ିଶା ଥିଏଟର୍ସ, ବହୁ ନାଁ କରା ଅନୁଷ୍ଠାନ, ତା ବି ଉଧେଇଲାନି । କଳାର ଲୋଡ଼ା ପୃଷ୍ଠପୋଷକତା । ତାହା ତ ମିଳିଲାନି ।

ଧୋବଧାଉଳିଆ, ଗନ୍ତା ଜୋଡ଼ିଆ, ବଡ଼ବଡ଼ିଆ - ସମସ୍ତେ ମାଗଣା ଦେଖିବେ । ତାଙ୍କ ପାଇଁ ପାଶ୍ ଲୋଡ଼ା । ସହଜେ ତ ପାର୍ଟି ହାତରୁ ଖାଇ ଗଣ୍ଠିଲି ବୋହିବା କଥା, ସେଥିରେ ପୁଣି ଏ ଅବ୍ୟବସ୍ଥା । ଓଡ଼ିଶା ଥିଏଟର୍ସର ସମଦଶା। କାଳୀଚରଣଙ୍କ ଦଶ ଦିଗ ଅନ୍ଧାର, ସାହାରାହା ନାହିଁ, କାଳିଆ ଏକା ସାହା ଭରସା।

ସୁଗାୟକ କାଳୀଚରଣ, ତାଙ୍କ କଣ୍ଠଟି ମିଠା। ହଠାତ୍ ସୁଯୋଗଟେ ଆସିଲା। କଲିକତାର ଦମ୍‌ଦମ୍‌ର ହିଜ୍ ମାଷ୍ଟରସ୍ 'ଭଏସ ରେକର୍ଡ଼ିଂ' କମ୍ପାନୀ । ଏହାର ମନୋନୀତ ବିକ୍ରେତା ମସ୍ତାନ ବାବୁ । ଗାୟକ / ଗାୟିକା ଠିକଣା କରିବା ତାଙ୍କ ଦାୟିତ୍ୱ। ରାଜଦ୍ୱାରେ ଅପମାନିତ କାଳୀଚରଣ । ବସାରେ ପହଞ୍ଚିଲେ । ଅପେକ୍ଷା କରିଥିଲେ ମସ୍ତାନବାବୁ । ଦିନ ଧାର୍ଯ୍ୟ । କଲିକତାରେ ଗଙ୍ଗାସ୍ନାନ, ରେକର୍ଡ଼ିଂ - ଏକା ସମୟରେ ଠାକୁର ଦେଖା କଦଳୀ କିଣା । ସାଥିରେ ତାଙ୍କର ମୋହନ ଗୋସ୍ୱାମୀ। ଉଭୟଙ୍କର ଚାରିଟି ଗୀତ ରେକର୍ଡ଼ିଂ ହେଲା । ଲେଖକ କାଳୀଚରଣ। ସେଇ ଗୀତ ମଧ୍ୟରୁ 'ଚାକିରି ଝକ୍ ମାରି', 'ଏ ଜନମେ ନାଇଁ କରି ଅନ୍ୟତମ'। ଗୀତଟି ଢେର୍ ନାଁ କଲା। କାଳୀଚରଣଙ୍କର ନିଜର ଗୋଟେ ରେକର୍ଡ଼ିଂ କମ୍ପାନୀ-'ସୁରଲେଖା'। ପ୍ରଖ୍ୟାତ କଣ୍ଠଶିଳ୍ପୀମାନେ, ସେମାନଙ୍କ ମଧ୍ୟରେ ବାଳକୃଷ୍ଣ ଦାସ, ଅଙ୍ଗୁରବାଳା ରାୟ, ସୁମତି ଦେବୀ - ଏମାନଙ୍କର ଗୀତ ରେକର୍ଡ଼ିଂ ହେଲା । କମ୍ପାନୀର ନାଁ ବଢ଼ିଲା । ଏତଦ୍‌ଭିନ୍ନ କବିଚନ୍ଦ୍ର ଜଣେ ସଫଳ ନାଟ୍ୟକାର । ବହୁ ନାଟକର ସେ ସ୍ରଷ୍ଟା। ସେଗୁଡ଼ିକ ମଧ୍ୟରୁ ଧ୍ରୁବ, ଭାତ, ଚକ୍ରୀ, ଅଭିଯାନ, ରକ୍ତମାଟି, ଦଶଭୁଜା, ଫଟାଭୂଇଁ, ଗାର୍ଲସ୍କୁଲ, ଚୁମ୍ବନ ଆଦି ବେଶ୍ ନାଁ କଲା । ଜାତିସ୍ମର କାଳୀଚରଣ । ପୂଜ୍ୟପୂଜା ସମ୍ମାନ, ପୂର୍ବସୂରୀଙ୍କୁ କୃତଜ୍ଞତା ଜ୍ଞାପନ- ଏଥିରେ ତ୍ରୁଟି କରି ନ ଥିଲେ । ଲେଖିଲେ ଜଗନ୍ନାଥ ଦାସ, ଜୟଦେବ - ଏଇ ଦୁଇ ନାଟକ ।

ପ୍ରଥମଟିରେ ଅସହିଣୀ ବଙ୍ଗୀୟ ବୈଷ୍ଣବଙ୍କ ମୁଖା ଖୋଲିଦେଲେ । କବି ଜୟଦେବ ଖାଣ୍ଟି ଓଡ଼ିଆ । ଏ କଥାଟି ଜୟଦେବ ନାଟକରେ ପ୍ରତିପାଦନ କଲେ । କେବଳ କଥା ନୁହେଁ ତାତ୍ତ୍ୱିକ ଦୃଷ୍ଟିରୁ ନାଟକଟି ଉଚ୍ଚକୋଟୀର। ସାକ୍ଷୀ ଗୋପୀନାଥ, ଲକ୍ଷ୍ମୀଙ୍କୁ ନେଇ ତାଙ୍କର କିମ୍ବଦନ୍ତୀ ମୂଳକ ନାଟକ ଲକ୍ଷ୍ମୀ । ଏଇଟି ଦର୍ଶକଙ୍କ ମନମୋହିଲା, ଠିକ୍ ସେଇପରି କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ନାଟକ । କବିସୂର୍ଯ୍ୟଙ୍କ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ଏଇଟି ନାଟ୍ୟରୂପ । ଏଥିରେ କାଳୀଚରଣଙ୍କର କେତେକ ନୂଆ ଭିଆଣ । ନାଟକରେ ନାରୀ ଚରିତ୍ର । ଆଗରୁ ପୁରୁଷମାନେ ନାରୀ ଭୂମିକାରେ । ନାରୀମାନେ ଅଭିନୟର ସୁଯୋଗ ପାଇଲେ । ଏ ଶ୍ରେୟ କାଳୀଚରଣଙ୍କର। କାଳୀଚରଣ କେତେକ ନାଁ କରା ରାସଲୀଳାର ସ୍ରଷ୍ଟା। ସେଗୁଡ଼ିକ ମଧ୍ୟରୁ ଶ୍ରୀରାଧା, ବନବିହାର, କୌତୁକ ଚିନ୍ତାମଣି, ପ୍ରୀତିସୁଧାକର - ଏ ସମସ୍ତ କାଳଜୟୀ। ପ୍ରଥମ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ଲଳିତା। ଏଥି ସହ ପ୍ରଥମ ଓଡ଼ିଆ ଡକୁମେଣ୍ଟାରୀ ପିକ୍ଚର, କାଳୀଚରଣ ଏହାର ନିର୍ଦ୍ଦେଶକ । ସେ କେନ୍ଦ୍ର ନାଟକ ଅକାଦମୀର ପ୍ରଥମ ଫେଲୋ, ଏସବୁ ଅନନ୍ୟ ଗୌରବର ଅଧିକାରୀ କାଳୀଚରଣ । ସେ ଜଣେ ଆସାଧାରଣ ନାଟ୍ୟକାର, କବି, ସଙ୍ଗୀତଜ୍ଞ, ନୃତ୍ୟବିତ୍, ପ୍ରାବନ୍ଧିକ ତଥା ଅଭିନେତା-ଏହା ବହୁଜନ ସ୍ୱୀକୃତ ।


***ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ସ୍ୱୀକୃତି- ଏ ଗୌରବ କବିଚନ୍ଦ୍ର କାଳୀଚରଣଙ୍କର । ବାଲ୍ୟୁତ କାଳୁ ସେ ଓଡ଼ିଶୀ ସଂଗୀତ, ଓଡ଼ିଶୀ ନୃତ୍ୟପ୍ରେମୀ । ଜୀବନ ସାରା ସାଧନା । ଏଥିରେ ଢେର୍ ନାଁ କଲେ । କଟକ ଆକାଶବାଣୀ, କଲିକତା ଆକାଶବାଣୀର ସେ କଣ୍ଠଶିଳ୍ପୀ । ବହୁ ଓଡ଼ିଶୀ ଗାଇଲେ, ଜନମନ ମୋହିଲେ । ଓଡ଼ିଶୀ ନୃତ୍ୟ ବିଶାରଦ ପାଲଟିଲେ । ଓଡ଼ିଶୀ ନୃତ୍ୟର ଲଳିତ କଳା ଭଙ୍ଗୀ । କୋଣାର୍କର ସୂର୍ଯ୍ୟମନ୍ଦିର, ଭୁବନେଶ୍ୱରର ରାଜାରାଣୀ ମନ୍ଦିର ଗାତ୍ର, ସବୁଠି ଓଡ଼ିଶୀ ନୃତ୍ୟଚିତ୍ର । ସଂଗୀତ ନାରାୟଣ, ଅଭିନୟ ଚନ୍ଦ୍ରିକା, ନାଟ୍ୟ ମନୋରମା, ସଂଗୀତ ଅଭିନୟ ଦର୍ପଣ-ଏଗୁଡ଼ିକ ତାଳପତ୍ର ଖେଦା । ଏଥିରେ ଓଡ଼ିଶୀ ନୃତ୍ୟ ସମ୍ପର୍କିତ ନାନାଦି ତତ୍ତ୍ୱ ତଥ୍ୟ, କାଳୀଚରଣ ଏସବୁ ସଂଗ୍ରହ କଲେ । ଦିଲ୍ଲୀରେ ଆୟୋଜିତ ହେଲା ନୃତ୍ୟ ସମାରୋହ ।*** କାଳୀଚରଣ ପାଠକଲେ ଓଡ଼ିଶୀ ନୃତ୍ୟ ସମ୍ବନ୍ଧୀୟ ତାତ୍ତ୍ୱିକ ପ୍ରବନ୍ଧଟେ (ତା ୪।୪।୧୯୫୮)। ଶାସ୍ତ୍ରୀୟ ସ୍ୱୀକୃତି ପାଇଁ ଦାବୀ ଉପସ୍ଥାପନ କଲେ । ଭାଇ ହେଲେ ଭଗାରି, ଆପଣା ଲୋକେ ବାଟ ଓଗାଳିଲେ । ଶେଷରେ ସତ୍ୟର ହେଲା ବିଜୟ । ଓଡ଼ିଶୀ ନୃତ୍ୟ ପାଇଲା ଶାସ୍ତ୍ରୀୟ ମାନ୍ୟତା । ଓଡ଼ିଶୀ ନୃତ୍ୟରେ ଗବେଷଣା ପାଇଁ ବୃତ୍ତି ବ୍ୟବସ୍ଥା ହେଲା ।

କଳା ଅମୂଲ ମୂଲ । କାଳରେ ସୃଷ୍ଟି ହୁଏ, ହୋଇଯାଏ କାଳଜୟୀ । କଳାକାରଟି ସାଧାରଣ ଭିତରେ ଅସାଧାରଣ, ସେମିତି ଜଣେ ନିଆରା କଳାକାର କାଳୀଚରଣ । ନାଟକ ସଂରଚନାରୁ ରଙ୍ଗମଞ୍ଚ ପରିକଳ୍ପନା, ଅଭିନୟରୁ ନୃତ୍ୟ, ସଂଗୀତ ସର୍ଜନା - ସବୁଥିରେ କାଳୀଚରଣ ବିଶାରଦ । କଳା ତାଙ୍କୁ ଯଶଖ୍ୟାତିର ଶିଖରରେ ପହଞ୍ଚାଇଲା । ବହୁ ଅନୁଷ୍ଠାନ ଦ୍ୱାରା ସେ ସମ୍ବର୍ଦ୍ଧିତ । ଗଜପତି ରାମଚନ୍ଦ୍ର ଦେବ କବିଚନ୍ଦ୍ର ଉପାଧିରେ ଭୂଷିତ କଲେ (୧୯୨୭)। ଉତ୍କଳ ସାହିତ୍ୟ ସମାଜ ନାଟ୍ୟାଚାର୍ଯ୍ୟ ଉପାଧିଟେ ପ୍ରଦାନ କଲେ (୧୯୩୮)। ସମ୍ବଲପୁର ୟୁନିଭରସିଟି ବିଭୂଷିତ କଲେ ଡକ୍ଟରେଟ୍ ଉପାଧିରେ ।

ଶେଷରେ ପଦ୍ମଶ୍ରୀ, ଏ ଉପାଧି ପାଇଁ ତାଙ୍କ ନାମ ଘୋଷିତ ହେଲା (୧୯୭୪) । ପୁରୁଣା ଡାଏରୀ ପୃଷ୍ଠା ଖୋଲିଲେ କାଳୀଚରଣ । ୧୯୬୪ ମସିହା, କଟକ କିଲଟର ସାହେବ ପଦ୍ମଶ୍ରୀ ପାଇଁ ତାଙ୍କ ନାଁ ସୁପାରିଶ କଲେ । ଦଶବର୍ଷ ବିତିଲା । ଏବେ କାଳୀଚରଣଙ୍କୁ ୭୫ ବର୍ଷ ବୟସ । ଗଡ଼ାଣିଆ ବୟସ । ବୁଢ଼ା ଦିନେ ବା ପଦ୍ମଶ୍ରୀ କି ଲୋଡ଼ା ? ଅତି ବିନୟରେ ସେ ଉପାଧି ପ୍ରତ୍ୟାଖ୍ୟାନ କଲେ । ତାଙ୍କ ପାଇଁ କବିଚନ୍ଦ୍ର, ନାଟ୍ୟାଚାର୍ଯ୍ୟ, ଡକ୍ଟରେଟ୍ ଉପାଧି ଯଥେଷ୍ଟ । ତାଙ୍କୁ ଦୁନିଆ ଜାଣିଲା କବିଚନ୍ଦ୍ର ଭାବେ । ତାହା ହିଁ ତାଙ୍କର ଶ୍ରେଷ୍ଠ ପରିଚୟ ।


**ସା/ପୋ-ପୁରୁଷୋତ୍ତମପୁର**
**ଜିଲ୍ଲା- କେନ୍ଦ୍ରାପଡା**
**ମୋ-୯୪୩୭୦୮୮୦୩୯**

# ୨୦୨୫ ସାହିତ୍ୟରେ ନୋବେଲ ପୁରସ୍କାର ବିଜେତା 'ଲାଜସ୍ଲୋ କ୍ରାସ୍ତାହୋରକାଇ'



**ଅମରେନ୍ଦ୍ର ଖଟୁଆ**

ଆମ ସମସ୍ତଙ୍କର ମନରେ ଥିଲା ଯେ ଏ ବର୍ଷର ସାହିତ୍ୟରେ ନୋବେଲ ପୁରସ୍କାର ମିଳିବ ଲେଖକ ଓ ସାହିତ୍ୟିକ ଅମିତାଭ ଘୋଷଙ୍କୁ । କିନ୍ତୁ ଖବର ମିଳେ ଯେ ଏ ବର୍ଷର ସାହିତ୍ୟରେ ନୋବେଲ ଯାଏ ହଙ୍ଗେରୀର ଶ୍ରୀ ଲାଜସ୍ଲୋ କ୍ରାସ୍ତାହୋରକାଇଙ୍କୁ । ୫ ଜାନୁଆରୀ ୧୯୫୪ରେ ଜନ୍ମିତ ଔପନ୍ୟାସିକ, ଗାଳ୍ପିକ ଓ ସାହତ୍ୟିକ କ୍ରାସ୍ତାହୋରକାଇ ଆମ ଭାରତୀୟ ପାଠକପାଠିକାଙ୍କ ପାଖରେ ଏତେ ପରିଚିତ ନୁହଁନ୍ତି । ବିଶ୍ୱରେ ତାଙ୍କ ଭଳି ସାହିତ୍ୟ ରଚନା କରୁଥିବା ବ୍ୟକ୍ତିତ୍ୱ ମଧ୍ୟ ବିରଳ ।



ସେ ତାଙ୍କ ଉପନ୍ୟାସମାନଙ୍କରେ ମଣିଷ ଭିତରେ ଏମିତି ଲୁଚିଥିବା ମାନବତ। ବିରୋଧୀ ବିଷାକ୍ତ କ୍ଷଣକୁ ଜୀବନ ଦିଅନ୍ତି ନିଜର ସକ୍ଷମ ବର୍ଣ୍ଣନାରେ । ଯେମିତି ତାଙ୍କର ପ୍ରସିଦ୍ଧ ଉପନ୍ୟାସ 'ସାଂତାନତାଂଗୋ' (୧୯୮୫ରେ ପ୍ରକାଶିତ) । ଏହି ଉପନ୍ୟାସରେ ଗୋଟେ ବାମପନ୍ଥୀ ସମାଜର ବସ୍ତିକୁ ଦୁଇଜଣ ବ୍ୟକ୍ତି ଉନସପେକ୍ଟର ବନି ଆସନ୍ତି ଓ ଧୀରେ ଧୀରେ ଏଠାରେ ସାମାଜିକ ସଂପର୍କ, ସ୍ଥିତି ଚେତନା, ରୁଟିନ୍ ଓ ଜୀବନଯାପନର ପ୍ରକ୍ରିୟାକୁ ଅସହଜ କରିପକାନ୍ତି, ସିଧାସିଧି ନୁହେଁ-ସାଧାରଣ ଚିନ୍ତାରୁ ଅସାଧାରଣ ବ୍ୟାପକତା ଆଣି । ତାଙ୍କର ଅନ୍ୟ ସବୁ ପ୍ରସିଦ୍ଧ ପୁସ୍ତକାବଳୀ ହେଲେ, ' WAR AND WAR (୧୯୯୯) (ଯୁଦ୍ଧ ଓ ଯୁଦ୍ଧ), SEIDBO THE RE BELOW (2008), THE MELANCHOLY OF RESISTANCE (1984), HERSCHT 07769, BARON WENKHEIM'S HOME COMING (2016) ଇତ୍ୟାଦି ।

କିଛି ପୁସ୍ତକ ଇଂରାଜୀରେ ଅନୁଦିତ ହୋଇଛି । ଓଡ଼ିଆ ପାଠକମାନଙ୍କୁ ଏହାକୁ ପଢି ଓଡ଼ିଆରେ ଅନୁବାଦ କରିବା ପାଇଁ ମୋର ଅନୁରୋଧ । ଗୋଟିଏ ପୁଅ ଓ ଦୁଇଟି ଝିଅଙ୍କ ଜନକ ଲାଜସ୍ଲୋ ନିଜ ସାହିତ୍ୟ ଉପରେ କୁହନ୍ତି, 'ସାହିତ୍ୟ ଯଦି ସଂସ୍କୃତି, ସଭ୍ୟତା, ରାଜନୀତି ଓ ବୌଦ୍ଧିକ ଭାବର ଆଦାନପ୍ରଦାନର ସୁନ୍ଦରପଣ ନିଜ ଭାବ ପ୍ରକାଶରେ ଆମ ପାଖକୁ ଆଣିବାରେ ସକ୍ଷମ ହୁଏନା, ସେ ସାହିତ୍ୟ ଭଲ ସାହିତ୍ୟ ନୁହେଁ । ସାହିତ୍ୟରେ ଜୀବନଜୟୀ କାରୁକାର୍ଯ୍ୟ ହେଲା ମାନବିକ ସଂସ୍କୃତିକୁ ଗପ ବନେଇ ଆମକୁ ମୁଗ୍ଧ କରିବା' । ଲାଜସ୍ଲୋଙ୍କୁ ଆର୍ନ୍ତଜାତିକ ବୁକର ପୁରସ୍କାର ମଧ୍ୟ ମିଳିଛି ।

**ଏନ୍-୧୯୪, ଗ୍ରେଟର କୈଳାଶ-୧**
**ନୂଆଦିଲ୍ଲୀ-୧୧୦୦୪୮**

*(ଲେଖକ ଅମରେନ୍ଦ୍ର ଖଟୁଆ, ଯାଜପୁର ଜିଲ୍ଲାର ବଡଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅରଖପୁର (ଧାନମଣ୍ଡଳ) ଠାରେ ୧୯୫୭ ଜୁନ୍ ୪ ତାରିଖରେ ଜନ୍ମଗ୍ରହଣ କରିଥିଲେ ।*

*ସେ ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ କବି ଭାବେ ସୁପରିଚିତ । ଇଂରାଜୀ, ସ୍ପାନସ୍, ହିନ୍ଦୀ ଓ ଓଡ଼ିଆ ଭାଷାରେ ଏଯାବତ୍ ତାଙ୍କର ୩୦ ଗୋଟି ପୁସ୍ତକ ପ୍ରକାଶ ପାଇଛି । ଦୀର୍ଘ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଧରି ସେ ସାହିତ୍ୟ ସାଧନାରେ ମନୋନିବେଶ କରି ଆସିଥିଲେ ମଧ୍ୟ ଜ୍ଞାନପୀଠ, କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ବା ଓଡ଼ିଶା ସାହିତ୍ୟ ଏକାଡେମୀ ଏପରି ଜଣେ ପ୍ରତିଭାଶାଳୀ କବିଙ୍କ ପ୍ରତି ପୁରସ୍କାର ପାଇଁ ଦୃଷ୍ଟି ଦେଇ ନଥିବା ଦୁର୍ଭାଗ୍ୟର ବିଷୟ ।*

*ଅପରପକ୍ଷରେ ସେ ଭାରତୀୟ ପ୍ରଶାସନିକ (ବୈଦେଶିକ) ସେବାର ବରିଷ୍ଠ ଅଧିକାରୀ ଭାବେ ଆର୍ଜେଟିନା ଭାରତୀୟ ଦୂତାବାସର ହାଇ କମିଶନର ଭାବେ ଆଇଭୋରୀ କୋଷ୍ଟରେ ଅବସ୍ଥାପିତ ଥିଲେ । ଭାରତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଶାସନ ସଚିବ ସ୍ୱତନ୍ତ୍ର ନିଯୁକ୍ତି ପାଇ କାର୍ଯ୍ୟ କରିଥିଲେ । ଭାରତୀୟ ସାଂସ୍କୃତିକ ସମ୍ବନ୍ଧୀୟ ପରିଷଦରେ ସେ ମହାସଚିବ ଭାବେ ମଧ୍ୟ କାର୍ଯ୍ୟ କରି ବେଶ୍ ଆଦୃତ ହୋଇ ପାରିଥିଲେ । ଏବେ ସେ ନୂଆଦିଲ୍ଲୀରେ ଅବସ୍ଥାନ କରୁଛନ୍ତି । )*

# ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀ



**ଦାଶରଥୀ ଶତପଥୀ**

**ସ୍ୱାଧୀନତା ସଂଗ୍ରାମରେ ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ଓ ସତ୍ୟାଗ୍ରହୀ ଥିଲେ ସରଳା ଦେବୀ । ବିଧାୟିକା ଭାବରେ ତାଙ୍କର କାର୍ଯ୍ୟାବଳୀ, ଆଦର୍ଶ, ତାଙ୍କର ବକ୍ତୃତା ଓ ବିଧାନସଭାର ବିବରଣୀ ଆଗାମୀ ପିଢି ପାଇଁ ପ୍ରେରଣାର ଉତ୍ସ ଓ ଆତ୍ମସମୀକ୍ଷାର ଏକ ଅଧ୍ୟାୟ ହୋଇ ରହିବ ।**

ଅଗଷ୍ଟ ନଅ ତାରିଖ । ଅଗଷ୍ଟ କ୍ରାନ୍ତି ଦିବସ । ଏହି ପବିତ୍ର ଦିବସରେ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା, (ଅବିଭକ୍ତ କଟକ ଜିଲ୍ଲାରେ) ଜନ୍ମଗ୍ରହଣ କରିଥିଲେ, ଏହି ମହିୟସୀ ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀ । ସେ ଥିଲେ ସ୍ଫୁଲିଙ୍ଗର ଅଗ୍ନିଶିଖା । ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତାସଂଗ୍ରାମୀ । କଟକର ପ୍ରଥମ ବିଧାୟିକା ଓ ସୁ-ସାହିତ୍ୟିକ । ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅନ୍ତର୍ଗତ ନରିଲୋ ଗ୍ରାମରେ ଜନ୍ମ ନେଇଥିଲେ ସରଳା ଦେବୀ ।

ବାଲ୍ୟକାଳରୁ ତାଙ୍କ ଭିତରେ ଭରି ରହିଥିଲା ଜାତୀୟତାବୋଧ ଏବଂ ଜନ୍ମଭୂମିକୁ ଭଲ ପାଇବା । ଓଡ଼ିଶା କଂଗ୍ରେସର କର୍ଣ୍ଣଧାର ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କୁ ସେ ବିବାହ କରିଥିଲେ । ମାତ୍ର ବୟସ ଥିଲା ତେର ବର୍ଷ । ସ୍ୱାମୀଙ୍କର ପ୍ରେରଣା ତାଙ୍କୁ ଜାତୀୟତାବାଦରେ ଉଦ୍‌ବୁଦ୍ଧ କରିଥିଲା । ସେ ଥିଲେ ଅସୀମ ସାହାସୀ, ସ୍ୱାଧୀନଚେତା ଏବଂ ଉତ୍କଳର ନାରୀ ସମାଜର ଦୁଃଖ ଦୁର୍ଦ୍ଦଶା ଦୂର କରିବାପାଇଁ ସେ ଜାତୀୟତା ବହ୍ନିରେ ନିଜ ସୁଖ ସମାଜକୁ ତ୍ୟାଗକରି, ସେହି ମହାମନ୍ତ୍ରରେ ଉଦବୁଦ୍ଧ ହୋଇଥିଲେ ।

ସରଳା ଦେବୀଙ୍କ ଜୀବନକାଳ ଥିଲା ଘଟଣା ବହୁଳ । ବିଧାୟିକା ରୂପେ ସେ ୧୯୩୭ ମହିହାରୁ ୧୯୪୧ ମସିହା ପର୍ଯ୍ୟନ୍ତ ସେ କାର୍ଯ୍ୟ କରିଥିଲେ । ତାଙ୍କର ପ୍ରଖର ଦଖଲଥିଲା ଓଡ଼ିଆ ଓ ଇଂରାଜୀରେ ଭାଷଣ ଦେବା । ନାରୀ ଶିକ୍ଷାର ପ୍ରସାର, ମହିଳାମାନଙ୍କର ବିକାଶ, ବାଲ୍ୟବିବାହ ପ୍ରଥାର ଉଚ୍ଛେଦ, ଯୌତୁକ ପ୍ରଥାର ପ୍ରତିବାଦ ଇତ୍ୟାଦି ବିଲ୍ ସେ ବିଧାନସଭାରେ ଆଗତ କରିଥିଲେ । ବାଲ୍ୟ ବିବାହ ବିରୋଧରେ ଶାରଦା ଆଇନ ପାରିତ ହେବା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ୧୯୨୨ ମସିହାରେ ଅଳକା ଆଶ୍ରମ ଗୋପବନ୍ଧୁ ଚୌଧୁରୀ, ଭାଗିରଥୀ ମହାପାତ୍ର ଏବଂ ପ୍ରାଣକୃଷ୍ଣ ପଡିହାରୀଙ୍କ ନେତୃତ୍ୱ ଏବଂ ପ୍ରଚେଷ୍ଟାରେ ପ୍ରତିଷ୍ଠା ପାଇଥିଲା । ବିଦେଶୀ ଦ୍ରବ୍ୟ ଲୁଗାପଟା ବର୍ଜନ କରିବା ପାଇଁ ଜନତାଙ୍କୁ ଜାଗ୍ରତ କରିବା ପାଇଁ 'ଉତ୍କଳିକା' ନାମକ ଏକ ସାପ୍ତାହିକ ପତ୍ରିକା ସରଳା ଦେବୀଙ୍କ ସମ୍ପାଦନାରେ ପ୍ରକାଶ କରାଯାଇଥିଲା । ଉତ୍କଳ ସତ୍ୟାଗ୍ରହରେ ସରଳା ଦେବୀଙ୍କ ଭୂମିକା ପ୍ରଶଂସନୀୟ ଓ ଅନ୍ୟ ସହଯୋଗୀଙ୍କ ସହ ସେ ଯୋଗ ଦେଇଥିଲେ ।



ସ୍ୱାଧୀନତା ସଂଗ୍ରାମରେ ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ଓ ସତ୍ୟାଗ୍ରହୀ ଥିଲେ ସରଳା ଦେବୀ । ବିଧାୟିକା ଭାବରେ ତାଙ୍କର କାର୍ଯ୍ୟାବଳୀ, ଆଦର୍ଶ, ତାଙ୍କର ବକ୍ତୃତା ଓ ବିଧାନସଭାର ବିବରଣୀ ଆଗାମୀ ପିଢି ପାଇଁ ପ୍ରେରଣାର ଉତ୍ସ ଓ ଆତ୍ମସମୀକ୍ଷାର ଏକ ଅଧ୍ୟାୟ ହୋଇ ରହିବ । ସେହି ସମୟର ସ୍ୱାଧୀନତା ଆନ୍ଦୋଳନର ପୁରୋଧା ସାଜିଥିବା ମହାତ୍ମା ଗାନ୍ଧି, ଜବହାରଲାଲ ନେହରୁ, ଦୁର୍ଗାବାଇ ଦେଶମୁଖ, ଆଚାର୍ଯ୍ୟ କୃପାଳିନୀ, କମଳା ଦେବୀ ଚଟ୍ଟୋପାଧ୍ୟାୟ ଏବଂ ସରୋଜିନୀ ନାଇଡୁଙ୍କ ଅତ୍ୟନ୍ତ ପ୍ରିୟଭାଜନ ସେ ହୋଇପାରିଥିଲେ ।

ସାହିତ୍ୟ ଜଗତକୁ ସରଳା ଦେବୀଙ୍କ ଦାନ ଅତୁଳନୀୟ । ସେ ପ୍ରାୟ ୩୦ ଖଣ୍ଡ ପୁସ୍ତକ ଏବଂ ୩୦୦ (ତିନିଶହରୁ) ଉର୍ଦ୍ଧ୍ୱ ପ୍ରବନ୍ଧ ରଚନା କରିଛନ୍ତି । ତାଙ୍କର ପ୍ରମୁଖ ଲେଖାଗୁଡ଼ିକ ହେଲା ବିଶ୍ୱ ବିପ୍ଳବିନୀ-୧୯୩୦, ଉତ୍କଳ ନାରୀ ସମସ୍ୟା-୧୯୩୪, ନାରୀର ଦାବି -୧୯୩୪, ଭାରତୀୟ ମହିଳା ପ୍ରସଙ୍ଗ ୧୯୩୫, ରବିନ୍ଦ୍ର ପୂଜା ୧୯୩୫, ବୀର ରମଣୀ-୧୯୪୯ । ଏତଦ୍ ବ୍ୟତୀତ ସେ ମଧ୍ୟ ଉତ୍କଳ ସାହିତ୍ୟ ସମାଜ, କଟକର ସମ୍ପାଦିକା ହିସାବରେ ୧୯୪୩ରୁ ୧୯୪୬ ମସିହା ପର୍ଯ୍ୟନ୍ତ କାର୍ଯ୍ୟଭାର ତୁଲାଇ ଥିଲେ । ସରଳା ଦେବୀଙ୍କ ଜନ୍ମ ୧୯୦୪ ମସିହାରେ ଓ ୧୯୮୬ ମସିହାରେ ସେ ଇହଲୀଳା ସମ୍ବରଣ କରିଥିଲେ । ଏହି ମହାନ ଅଗ୍ନିଗର୍ଭା ସ୍ୱାଧୀନତା ସଂଗ୍ରାମୀ, ଆମ ଜାତି ଓ ଦେଶର ଗୌରବ । ତାଙ୍କର ଆଦର୍ଶ ଆମ ସମସ୍ତଙ୍କ ପାଇଁ ପାଥେୟ ହେଉ, ଏହାହିଁ ତାଙ୍କ ସ୍ମୃତି ଦିବସରେ ଶ୍ରଦ୍ଧାଞ୍ଜଳି ।

**ପ୍ରାକ୍ତନ ଆୟୁକ୍ତ ଓ ସଚିବ**
**ଓଡ଼ିଶା ବିଧାନସଭା**
**ମୋ- ୯୪୩୮୦୮୧୭୧୩**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

## କବିତା

### ଧାନ ରୁଆ ବେଳ



**ବାଦଲ ଭୂୟାଁ**

ନାହିଁ ଡର କୃଷକକୁ
ଚାଷ ଛଡ଼ା ଭାବିବାକୁ ଅନ୍ୟତ୍ର ଖବର
କୃଷି ଓ କୃଷକ, ସେମାନଙ୍କ
ଭାଗ୍ୟ, ଭାଗ୍ୟ ଫଳ, ଓଦା ସର ସର ମାଟି
ଧାନ ତଳି ରୁଆ ବଛା, ୟାରି ଭିତରେ
ଜୀବନ ଗାୟନ ।
ଏଇ ଅର୍ଦଳି ଭିତରେ କୃଷକ
ଖାଏ ମଣିଷର ପେଟ ପୁରା ପାଇଁ,
ଶସ୍ୟ ଶ୍ୟାମଳ ଫସଲର ଗୀତ
ସେଥିରେ ପର୍ବପର୍ବାଣିର ଅଥଳ
ସୁଖର ସାଗର
ଜୀବନର ଇନ୍ଦ୍ରଧନୁ ରଙ୍ଗ ସମ
ସବୁ ରଙ୍ଗ, ସବୁ ବାଗ
ଯେତେ ସମର୍ପଣ
ସଂସାର ମାୟାର ଯେତେକ ରହସ୍ୟ
ସମ୍ପର୍କର ସୂକ୍ଷ୍ମ ଅନୁଭବ
ସବୁକୁ ସାଉଁଟି କୃଷକ ଆମ ପେଟକୁ
ଦିଏ ଅନ୍ନର ଆହର
ଏଇଥିରେ ତାର ଜୀବନର ଚରମ ସୁଖର ସୋପାନ
ଗଭୀର ଆନନ୍ଦ
ସେଇଥି ପାଇଁ ଅହରହ ବର୍ଷ ବର୍ଷ
ପାଇଁ ସେ ମା' ମାଟି ପାଇଁ
ଯୋଡ଼ି ଦେଇଥାଏ ସମ୍ପର୍କର ସୂତା ଖିଅ
ଅଜାଡ଼ି ଦେଇଥାଏ ଜୀବନ ଯଜ୍ଞର
ଯେତିକି ସାମର୍ଥ୍ୟ, ସମ୍ବଳ ।।
ସବୁ ଦେଇ ଦେଇ, ବୋଉ ପରି
ସେ ହୋଇଯାଏ ନିସ୍ୱଃ, ନିଥର
ଏଇଥିରେ କୃଷକର କଥା କଷଣର
କୁହୁକର ମନ୍ତ୍ର
ତଥାପି ବିଲ କ୍ଷେତ ଚାଷ ସବୁକୁ ଆଦରି
କଟେ ତାର ଅସହ୍ୟ ଗରମ ଖରାବେଳ
କଅଁଳ ବର୍ଷାର ସକାଳ
ଶୀତ କାକରରେ ଥରି ଉଠୁଥିବା ଅକୁହା ଜାଡ଼ର
ନୀଳ ନିମନ୍ତ୍ରଣ,
ସେ ପାଇଁ ସେ ମାଟିର ମଣିଷ
ଆମ ତମ ସବୁ ପାଇଁ କୃଷକ ଯେ ଅମୃତର ଫଳ
ସୃଜନର ଭିନ୍ନ ରୂପକାର ।।

**ପ୍ରତିଷ୍ଠାତା, ସମ୍ପାଦକ ସିଂହଭୂମ୍,**
**ପୁରୁଣା ସୋନାରି, ଜାମସେଦପୁର,**
**ମୋ- ୭୪୮୮୯୯୮୫୩୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନୀଳ...

ଦେଶ୍ରୁ ଆଜି ମାନ୍ୟବର ମୋଦୀଙ୍କ କର କମଳରେ ଶୁଭାରମ୍ଭ ହୋଇଥିବା ଯୋଜନା ଗୁଡ଼ିକ ଆତ୍ମନିର୍ଭର କୃଷକଙ୍କ ପ୍ରତି ଉତ୍ସର୍ଗୀକୃତ । ଆମ ସରକାର ଆସିବା ମାତ୍ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି । ସେଥିପାଇଁ ଆମ ସରକାର ୨୦୨୫-୨୬ ବଜେଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ପାଇଁ ୩୭ ହଜାର ୮୩୮ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି । ସବୁଠାରୁ ବଡ଼ ଯୋଜନା ହେଉଛି ସମୃଦ୍ଧ କୃଷକ ଯୋଜନା ଯାହା ଫଳରେ ଓଡ଼ିଶାର ଚାଷୀମାନେ ପ୍ରତି କ୍ୱିଣ୍ଟାଲ ଧାନ ପିଛା ଏମ୍‌ଏସ୍‌ପି ଉପରୁ ସହାୟତା ମିଶି ୩୧୦୦ ଟଙ୍କା ପାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଦୂରଦୃଷ୍ଟିସମ୍ପନ୍ନ କୃଷକ କଲ୍ୟାଣ କାର୍ଯ୍ୟକ୍ରମ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'ର ରାଜ୍ୟସ୍ତରୀୟ ଶୁଭାରମ୍ଭରେ ମୋର ଦୃଢ଼ ବିଶ୍ୱାସ, ଯେ ଏହି ଯୋଜନା ଦ୍ୱାରା ଚାଷୀ ପରିବାର ସ୍ୱଚ୍ଛଳ ହେବେ ଏବଂ ସେମାନଙ୍କ ଆୟରେ ନିଶ୍ଚିତ ଭାବେ ବୃଦ୍ଧି ହେବ । ଏହି କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ଚାରୋଟି ଜିଲ୍ଲା - କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଏବଂ ନୂଆପଡ଼ାକୁ ଚୟନ କରାଯାଇଥିବାରୁ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେ ପ୍ରତିଶ୍ରୁତି ଦେଉଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଏହି ଯୋଜନା ଦ୍ୱାରା ଚାଷୀଭାଇମାନେ କେବଳ ଧାନ ଉପରେ ନିର୍ଭର ନ ହୋଇ ଡାଲି, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଚାଷ କରି ଫସଲର ବିବିଧକରଣ କରିବେ ଏବଂ ଅଧିକ ଅର୍ଥ ରୋଜଗାର କରିପାରିବେ ବୋଲି ସେ କହିଥିଲେ । ଭୁବନେଶ୍ୱରର ପାଣ୍ଡରା ହୋଲସେଲ୍ ମାଛ ମାର୍କେଟ ପ୍ରକଳ୍ପ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ । ୫୯ କୋଟି ୧୩ ଲକ୍ଷ ଟଙ୍କା ବିନିଯୋଗରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଏହା ନିର୍ମିତ ହେବ । ଏଥିରେ ୩୦ କୋଟି ଟଙ୍କା କେନ୍ଦ୍ର ସରକାର ଓ ୨୯ କୋଟି ୧୩ ଲକ୍ଷ ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିବେ । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମ ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ମାର୍କେଟ ସିଧାସଳଖ ଭାବରେ ୧୪୩ ବ୍ୟବସାୟୀଙ୍କୁ ଉପକୃତ କରାଇବ ଓ ୨,୦୦୦ରୁ ଅଧିକ ଲୋକଙ୍କ ପାଇଁ ପରୋକ୍ଷ ରୋଜଗାର ମଧ୍ୟ ସୃଷ୍ଟି ହେବ । ଭୁବନେଶ୍ୱର ଓ କଟକର ଖାଉଟିମାନଙ୍କ ଚାହିଦାକୁ ପୂରଣ କରିବ । ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ଏବଂ ପ୍ରକଳ୍ପ କାର୍ଯ୍ୟ ୨୦୨୭ ନଭେମ୍ବର ମାସ ସୁଦ୍ଧା ସମ୍ପୂର୍ଣ୍ଣ ହେବ ।

ଇଣ୍ଟିଗ୍ରେଟେଡ୍ ଆକ୍ୱା ପାର୍କ ଏବଂ ହୋଲସେଲ୍ ମାଛ ବିକ୍ରୟ କେନ୍ଦ୍ର- ଏହି ଦୁଇଟି ପ୍ରକଳ୍ପ ମିଶି ପ୍ରଥମେ ଉତ୍ପାଦନ ପରେ ପ୍ରସ୍ତୁତି ଓ ବିପଣନ ପର୍ଯ୍ୟନ୍ତ ଏକ ମୂଲ୍ୟ ଶୃଙ୍ଖଳା ସୃଷ୍ଟି କରିବ । ଭାରତର ନୀଳ ବିପ୍ଳବରେ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ସ୍ଥାନ ପାଇବ ବୋଲି ସେ କହିଥିଲେ । ସେ ପୁଣି କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଓଡ଼ିଶାକୁ ପୂର୍ବ ଭାରତରେ ମାଛଚାଷର ଏକ ହବ୍ ଭାବେ ପରିଣତ କରିବାରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛି । ହାରାଙ୍ଗୁଡରେ ଏହି ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ୧୫.୪୭ ଏକର ସରକାରୀ ଜମିରେ ନିର୍ମିତ ଏକ ସମୟୋପଯୋଗୀ ପଦକ୍ଷେପ ଯାହା ଆଧୁନିକ ମତ୍ସ୍ୟ ଚାଷକ୍ଷେତ୍ରକୁ ଆହୁରି ବିକଶିତ କରିବ ଏବଂ ଆମ ରାଜ୍ୟର ମାଛ ଚାଷୀଙ୍କୁ ସମୃଦ୍ଧ କରିବ । ଏଥିରେ ୧୦୦ କୋଟି ଟଙ୍କା ବିନିଯୋଗ ହେବ । କେନ୍ଦ୍ର ସରକାର ୬୦ କୋଟି ଓ ରାଜ୍ୟ ସରକାର ୪୦ କୋଟି ଟଙ୍କା ବିନିଯୋଗ କରିବେ । ଏହା ହେବ ପୂର୍ବ ଭାରତର ପ୍ରଥମ ଆକ୍ୱା ପାର୍କ ପ୍ରକଳ୍ପ । ପ୍ରକଳ୍ପର କାର୍ଯ୍ୟ ୨୦୨୭ ଜାନୁଆରୀ ମାସ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ । ଏହି ପ୍ରକଳ୍ପ ସମ୍ପୃକ୍ତ ଆଧୁନିକ ମାଛ ଚାଷର ଏକ ଉତ୍କର୍ଷ କେନ୍ଦ୍ର ଭାବେ ପରିବର୍ତ୍ତନ କରି ଭାରତର ନୀଳ ବିପ୍ଳବରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବ । ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଆଜି ଆମେ ଧାନରେ ଆତ୍ମନିର୍ଭର ହୋଇସାରିଛୁ କିନ୍ତୁ ଡାଲି ଓ ତୈଳବୀଜରେ ଆତ୍ମନିର୍ଭର ହେବାର ସମୟ ଏବେ ଉପଗତ । ଏଥିସହିତ ନୀଳ ଅର୍ଥନୀତିକୁ ପ୍ରୋତ୍ସାହନ ଦେବା ଆବଶ୍ୟକ । ଏହା ଚାଷୀଙ୍କ ଆୟକୁ ବହୁଗୁଣିତ କରିବା ସହିତ ସେମାନଙ୍କୁ ସଶକ୍ତ କରିବ । ଜୈବିକ ଚାଷ କରି ସ୍ୱଚ୍ଛ ଭାରତ ଗଠନ ପାଇଁ ଲୋକଙ୍କୁ ବାରମ୍ବାର ନିବେଦନ କରୁଛୁ । ଆଜିକ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନକୁ ଏକ ଯୁଗାନ୍ତକାରୀ ଯୋଜନା ଏବଂ ଓଡିଶାରେ କୃଷିର ସାମଗ୍ରିକ ବିକାଶ ପାଇଁ ଏକ ଦୃଷ୍ଟାନ୍ତ ସୃଷ୍ଟି କରିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବିଶ୍ରାରୁ ଆଭାସୀ ମାଧ୍ୟମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉପସ୍ଥିତ ଥିବାବେଳେ, କୃଷି ଶିକ୍ଷା ସଦନ ଠାରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଓୟୁଏଟି କୁଳପତି ଡଃ ପ୍ରଭାତ କୁମାର ରାଉଳ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ବିଏମ୍‌ସି କମିଶନର ଚଞ୍ଚଳ ରାଣା ପ୍ରମୁଖ ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ, ମହମ୍ମଦ ସାଦିକ୍ ଆଲାମ୍ ଧନ୍ୟବାଦ ଦେଇଥିଲେ ।

## ଓଡ଼ିଆ...

ଅଞ୍ଚଳର । ଗୁରୁତର ଅବସ୍ଥାରେ ପୀଡିତାଙ୍କୁ ମେଡିକାଲ ଆଇସିୟୁରେ ଭର୍ତ୍ତି କରାଯାଇଛି । ତାଙ୍କର ଚିକିତ୍ସା ଚାଲିଛି । ଘଟଣାସ୍ଥଳରେ ଦୁର୍ଗାପୁର ପୋଲିସ ପହଞ୍ଚି ତଦନ୍ତ ଜାରି କରୁଥିବା ବେଳେ ଜାତୀୟ ମହିଳା କମିଶନ ଟିମ୍ ଘଟଣାସ୍ଥଳକୁ ଯାଉଥିବାର ସୂଚନା ମିଳିଛି ।

ଘଟଣାରୁ ପ୍ରକାଶ ଯେ, ଡାକ୍ତରୀ ଛାତ୍ରୀ ଜଣକ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଶୁକ୍ରବାର ରାତି ସାଢେ ୮ ଟାରେ କଲେଜ କ୍ୟାମ୍ପସ ବାହାରେ ଥିବା ଏକ କ୍ୟାଣ୍ଟିନକୁ ଖାଇବାକୁ ଯାଇଥିଲେ । ସେଠାରୁ ଫେରିବା ପରେ କେତେକ ଅଜ୍ଞାତ ଯୁବକ ତାଙ୍କୁ ଏକ ଶୂନସାନ ଅଞ୍ଚଳରୁ ନେଇ ଗଣଦୁଷ୍କର୍ମ କରିଥିଲେ । ଗଣ ଦୁଷ୍କର୍ମ ହୋଇଥିବା ୨୩ ବର୍ଷୀୟ ଏହି ଛାତ୍ରୀଙ୍କ ବାପା ସମ୍ପୃକ୍ତ ପୁରୁଷ ବନ୍ଧୁଙ୍କୁ ଏହି ଘଟଣା ଲାଗି ସନ୍ଦେହ କରୁଛନ୍ତି । ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ ଦୁଷ୍କର୍ମକାରୀମାନେ ପୀଡିତାଙ୍କ ମୋବାଲ୍ ଫୋନ ନେବା ସହ ୫ ହଜର ଟଙ୍କା ନେଇଯାଇଥିଲେ । ଗୁରୁତର ଅବସ୍ଥାରେ ପୀଡିତାକୁ ଦୁର୍ଗାପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏବେବି ପୀଡିତାଙ୍କ ଅବସ୍ଥା ଗୁରୁତର ରହିଛି । ଅଧିକାରୀଙ୍କ କହିବା ଅନୁଯାୟୀ ସେମାନେ ତଦନ୍ତ ଆରମ୍ଭ କରିଛନ୍ତି ଓ ଅନେକ ଲୋକଙ୍କୁ ପଚରାଉଚରା ଚାଲିଛି । ପୀଡିତାର ପୁରୁଷ ବନ୍ଧୁକୁ ମଧ ପଚରାଉଚରା ଚାଲିଛି । ପୀଡିତାଙ୍କ ବୟାନକୁ ରେକର୍ଡ କରାଯିବ । ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ । ପଶ୍ଚିମବଙ୍ଗର ମହିଳା ଶିଶୁ ବିକାଶ ମନ୍ତ୍ରୀ ଶଶୀ ପାଞ୍ଜା କହିଛନ୍ତି ଯେ ପୀଡିତା ଚିକିତ୍ସାଧୀନ ଅଛନ୍ତି । ତାଙ୍କ ମାନସିକତା ଲାଗି ପରାମର୍ଶ ଦିଆଯିବ । ଏଭଳି ଘଟଣାର ରାଜନୀତିକରଣ ନକରାଯାଉ ।

## ବିଜେପିରେ...

ପର୍ବରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ରହି ଢ଼ୋଲକିଆଙ୍କୁ ଦଳୀୟ ଟୋପି ଉତରୀୟ ପିନ୍ଧାଇ ସ୍ୱାଗତ କରିଛନ୍ତି ।

ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଅକାଳ ବିୟୋଗ ପରେ ଉପନିର୍ବାଚନ ଆସନ୍ନ ହୋଇଛି । ଏହି ପରିପ୍ରେକ୍ଷୀରେ ତାଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ସାମିଲ ହେବା ପାଇଁ ନୀତିଗତ ନିଷ୍ପତି ନେଇଛନ୍ତି । ତାଙ୍କ ଯୋଗଦାନ ଦ୍ୱାରା ଭାରତୀୟ ଜନତା ପାର୍ଟି ନୂଆପଡ଼ାରେ ସମେତ ସମଗ୍ର ଓଡ଼ିଶାରେ ଆହୁରି ଅଧିକ ଶକ୍ତିଶାଳୀ ହେବ । ବିଜେପି ସରକାର ଓଡିଶାରେ ୧୬ ମାସ ଶାସନ କରିବା ଭିତରେ ଅନେକ ଲୋକାଭିମୁଖୀ କାର୍ଯ୍ୟ କରିଛି । ଏସବୁ କାର୍ଯ୍ୟ ଲୋକଙ୍କ ମନକୁ ଆନ୍ଦୋଳିତ କରିଛି । ଲୋକଙ୍କ ଏହି ବିଶ୍ୱାସ ଆଗାମୀ ଉପନିର୍ବାଚନରେ ପ୍ରତିଫଳନ ହେବ । ବିଜେପିର ପ୍ରାର୍ଥୀ ସେଠାରେ ଯଶସ୍ୱୀ ହେବେ । ଆଗାମୀ ଦିନରେ ନୂଆପଡ଼ାର ଅଧୁରା କାମକୁ ପୂରା କରିବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ।

ମିଶ୍ରଣ ପର୍ବରେ ଶ୍ରୀ ଜୟଙ୍କୁ ସ୍ୱାଗତ କରିବାକୁ ଯାଇ ମୁଖମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି ଯେ, ଏହି ଦଳ ହେଉଛି ବିଶ୍ୱର ସର୍ବବୃହତ୍ ଦଳ । ଓଡ଼ିଶାରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ବିକଶିତ ପଥେ ଆଗେଇ ଚାଲିଛି । ବିଜେପି ସରକାର କଥାରେ ନୁହେଁ କାମରେ ବିଶ୍ୱାସ କରେ । ଗତ ୧୬ ମାସରେ ଏହି ସରକାର ତାହା କାର୍ଯ୍ୟରେ କରି ଦେଖାଇଛି । ଆମ ସରକାରଙ୍କ ପ୍ରତିବଦ୍ଧତା, ସୁଶାସନ ଓ ପ୍ରଧାନମନ୍ତ୍ରୀଙ୍କ ଜନମଙ୍ଗଳ କାର୍ଯ୍ୟକୁ ଆଧାର କରି ସ୍ୱର୍ଗତଃ ରାଜେନ୍ଦ୍ର ଢ଼ୋଲକିଆଙ୍କ ପୁଅ ଜୟ ଢ଼ୋଲକିଆ ଆଜି ବିଜେପିରେ ସାମିଲ ହୋଇଛନ୍ତି । ଆଗାମୀ ଦିନରେ ଦେଶର ୧ ନମ୍ବର ରାଜ୍ୟ ଭାବେ ଓଡ଼ିଶାକୁ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର । ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ନୂଆପଡ଼ା ଜିଲ୍ଲାବାସୀ ଜଣେ ଭଲ ନେତାଙ୍କୁ ହରାଇଛନ୍ତି । ସେ କେବଳ ଜଣେ ଦରଦୀ ନେତା ନ ଥିଲେ, ସମାଜସେବୀ ହିସାବରେ ମଧ ତାଙ୍କର ପରିଚୟ ଥିଲା । ତାଙ୍କ ଅବର୍ତମାନରେ ନୂଆପଡ଼ା ଜିଲ୍ଲାର ବିକାଶ ପ୍ରକ୍ରିୟା ଜାରି ରହିବ ।

ଜୟ ଢୋଲକିଆ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ଲୋକପ୍ରିୟ ମୁଖ୍ୟନ୍ତ୍ରୀମନ୍ତ୍ରୀ ମୋହନ ଚରଣ ମାଝୀ, ନୂଆପଡ଼ାର ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଜେପିରେ ଯୋଗଦେଇଛି । ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ କରିବା ପାଇଁ ଅନ୍ତିମ ନିଶ୍ୱାସ ମଧ ଚେଷ୍ଟା କରିବି । ବିକାଶ ଧାରା ଏକ ନିରନ୍ତର ପ୍ରକ୍ରିୟା । ନୂଆପଡ଼ା ଏକ ଉପାନ୍ତ ଅଂଚଳ । ଏହି ଅଂଚଳର ବିକାଶ ପାଇଁ ବାପା ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆ ଅନେକ ସ୍ୱପ୍ନ ଦେଖିଥିଲେ । ଏହି ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ଆଜି ମୁଁ ବିଜେପିରେ ଯୋଗଦେଇଛି ।ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂ ଦେଓ, ପୂର୍ବତନ ସାଂସଦ ତଥା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର, ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ବିଧାୟକ ବାବୁ ସିଂ, ହିମାଂଶୁ ଶେଖର ସାହୁ ଓ ପ୍ରକାଶ ସେଠୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଓ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ ଦାସ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ ।

## ବାବା...

ଦୁଇ ଯୁବକ ନିସ୍ତୁକ ମାଡ଼ ମାରିଥିଲେ । ଏସମ୍ପର୍କରେ ନିଜର ଦୋଷ ଥିବାରୁ ସେ ପୋଲିସରେ ଅଭିଯୋଗ କରିନଥିଲା । ଚଳିତ ମାସ ୫ ତାରିଖରେ ଗୁଳିମାଡ଼ ହେବା ପରେ ପୋଲିସ ଗୁଳିମାଡ଼ର ଅଭିଯୁକ୍ତଙ୍କୁ ଖୋଜି ଗିରଫ କରିଥିଲା । ଗିରଫ ହେବାପରେ ଦୁହିଁଙ୍କୁ ଜେରା କରି ପୋଲିସ ବୟାନ ରେକର୍ଡ଼ କରିବା ବେଳେ ଯୌନ ବ୍ୟଭିଚାର କଥା ସାମ୍ନାକୁ ଆସିଥିଲା । ଗୁଳିମାଡ଼ରେ ସମ୍ପୃକ୍ତ ଦୁଇ ଯୁବକଙ୍କ ମଧ୍ୟରୁ ଜଣେ ପିଡ଼ିତା ନାବାଳିକାଙ୍କ ସମ୍ପର୍କୀୟ ହୋଇଥିବାରୁ ସେମାନେ ପ୍ରତିଶୋଧ ପରାୟଣ ହୋଇ ଏପରି ଘଟଣା ଘଟାଇଥିବା ପୋଲିସରେ କହିଥିଲେ ।

ପୋଲିସ ପିଡ଼ିତା ନାବାଳିକା ଓ ତାଙ୍କ ମା'ଙ୍କ ନିକଟରେ ପହଞ୍ଚିବା ପରେ ଯୌନ ବ୍ୟଭିଚାର କଥା ସ୍ପଷ୍ଟ ହୋଇଥିଲା । ନାବାଳିକା ପିଡ଼ିତାଙ୍କ ଏତଲା ଆଧାରରେ ଇନ୍‌ଫୋଭାଲି ଥାନାରେ ମାମଲା ରୁଜୁ କରାଯାଇ ବାବା ଅଜୟ ଓ ସହଯୋଗୀ ସୁକାନ୍ତକୁ ଗିରଫ କରାଗଲା । ଦୁହେଁ ଗିରଫ ହେବାପରେ ପୋଲିସ ମଠକୁ ଫାଙ୍କା କରି ସିଲ୍ କରିଛି । ଏଠାରେ ସୂଚନାଯୋଗ୍ୟ ଯେ ବାବା ଅଜୟର ଘର ଜଗତସିଂହପୁର ଜିଲ୍ଲା ରାହାମା ନିକଟ ହଂସୁରା ଗ୍ରାମରେ ହୋଇଥିବାବେଳେ ପିଡ଼ିତା ଓ ଅନ୍ୟ ତିନି ଅଭିଯୁକ୍ତଙ୍କ ଘର ଭଦ୍ରକ ଜିଲାରେ । ସ୍ଥାନୀୟ ଦେଉଳିଆପାଟଣା ଅଞ୍ଚଳର ଲୋକଙ୍କ କହିବା କଥା ଭାଇଭାଇ ମଠକୁ ବିଭିନ୍ନ ଅଞ୍ଚଳରୁ ମହିଳା ଓ ଯୁବତୀମାନେ ଆସନ୍ତି । ପାଖାପାଖି କୌଣସି ଲୋକ ମଠ ଭିତରକୁ ଯାଆନ୍ତି ନାହିଁ । ମଠରେ ବାବା ବିଭିନ୍ନ ଲୋକଙ୍କୁ ତାଙ୍କ ସମସ୍ୟା ସମ୍ପର୍କରେ ପରାମର୍ଶ ଦେଇ ଉପକୃତ କରାନ୍ତି ବୋଲି ସେଠାକୁ ଆସୁଥିବା ଲୋକମାନେ କହୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ମଠ ନିର୍ମାଣ ହୋଇଥିବା ଜମିରୁ କେତେକ କିଣାଯାଇଥିବାବେଳେ ଅନ୍ୟ କିଛି ଅଂଶ ଜବରଦଖଲ ହୋଇଥିବା ଜଣାପଡ଼ିଛି । ପୋଲିସ କହିବା ଅନୁଯାୟୀ ତଦନ୍ତ ଜାରି ରହିଛି, ଆବଶ୍ୟକ ଅନୁଯାୟୀ ପଦକ୍ଷେପ ନିଆଯିବ । ଗୁଳିମାଡ଼ କରିଥିବା ଅଭିଯୁକ୍ତ ବନ୍ଧୁକ କେଉଁଠୁ ଆଣିଲେ, ସେସମ୍ପର୍କରେ ଜାଣିବା ପାଇଁ ତଦନ୍ତ ମଧ୍ୟ ଆଗକୁ ବଢ଼ୁଛି । ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନରଙ୍କ ସହ ଡିସିପି ଜଗମୋହନ ମିନା ଉପସ୍ଥିତ ଥିଲେ ।




ପବିତ୍ର ଲକ୍ଷ୍ମୀପୂଜା ଓ ଦୈନିକ 'ସମୟ'ର ୨୯ ତମ ଜନ୍ମତିଥି ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

ବଡଚଣାକୁ ସବୁଜ ସୁନ୍ଦର ପାଇଁ ଆସନ୍ତୁ ଏକତ୍ରିତ ହେବା ଓ ଖଣିଜ ସମ୍ପଦକୁ ସୁରକ୍ଷା ଦେବା ।

ଆସନ୍ତୁ ମିଳିମିଶି ଗଛ ଲଗାଇବା ଓ ପରିବେଶକୁ ସ୍ୱଚ୍ଛ ରଖିବା

ମାନସ କୁମାର ତ୍ରିପାଠୀ
ତହସିଲଦାର, ଦର୍ପଣ, ଯାଜପୁର


## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ସାକ୍ଷୀଗୋପାଳ ,(ସବ୍ୟୁ): ଶନିବାର ସକାଳ ୮ ଟାରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ବୀର ଗୋବିନ୍ଦପୁର ଛକ ନିକଟରେ ଏକ ସଡକ ଦୁର୍ଘଟଣାରେ ପୁରୀ ପାତ୍ର ସାହିର ସନ୍ତୋଷ କୁମାର ସାହୁ ( ୨୨ ) ଙ୍କ ମୃତ୍ୟୁ ହୋଇଛି । ସନ୍ତୋଷ ସାହୁ କୌଣସି ଏକ କାର୍ଯ୍ୟରେ ସାକ୍ଷୀଗୋପାଳ ଆସି ଏକ ବାଇକ ଯୋଗେ ପୁରୀ ଫେରୁଥିଲେ । ବୀର ଗୋବିନ୍ଦପୁର ଛକ ନିକଟରେ ହଠାତ ଏକ ଗାଈ ତାଙ୍କ ବାଇକ ଆଗକୁ ଚାଲି ଆସିଥିଲା । ଏହି ସମୟରେ ସେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସତ୍ୟବାଦୀ ପୋଲିସ ମୃତକ ଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିବା ବେଳେ ଏ ସମ୍ପର୍କରେ ୩୫୫/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି ।


### ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ନଂ.ST-OT-CONFERENCE-KUR-503, ତା.07.10.2025ରିଖ

କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ୍ ମଣ୍ଡଳର ନବ ନିର୍ମିତ ସମ୍ମିଳନୀ କକ୍ଷ, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ଠାରେ ଅଡିଓ କନଫରେନ୍ସିଂ ସିଷ୍ଟମ୍ ବ୍ୟବସ୍ଥା ।

ଟେଣ୍ଡର ମୂଲ୍ୟ(ଟଙ୍କାରେ) : 24,24,311.50. EMD (ଟଙ୍କାରେ) : 48,500/-।

ବିଡ୍ ଆରମ୍ଭ ହେବା ତାରିଖ : ତା.15.10.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.10.2025 ରିଖ 1100 ଘଣ୍ଟାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ହାତାକୋଲିଓଗ୍ରାଫିକ୍ କରିଥିଲେ କିମ୍ବା ବାକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ସବୁଗୁଡ଼ିକ ଫର୍ମ (Firm)ର କେବଳ ନେଟ୍‌ରେ ବାଖଲ କରାଯିବ । ଏଗୁଡ଼ିକ ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନୋଟିସ ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ର ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍ ପ୍ରତି ପରିଦର୍ଶନ କରିବା ପାଇଁ ଅଗ୍ରଣୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍
PR-673/O/25-26



### AFFIDAVIT

By virtue of an affidavit sworn before Notary Public Bhubaneswar on Dated: 09-09-2025, I, Mr. Amar Sahu, Address: At-Kundapatana Rautraapur, PO- Kundapatana, PS-Dharamsala, Jajpur-755008, Odisha, declare that I have changed the name of my Daughter from "Sheha Sahu" to "Sradha Sahu". Henceforth, she will be known as "**Sradha Sahu**" for all purposes.

**Amar Sahu**

### AFFIDAVIT

By virtue of an affidavit sworn before Executive Magistrate Bhubaneswar, Dated-09-09-2025, I, Devi Prasad Guru, Address: Uttarasasan, Kausalyaganga, Pipili, Puri - 752104, Odisha, declare that I have change my name from "Debi Prasad Guru" to "Devi Prasad Guru". Henceforth, I shall be known as "**Devi Prasad Guru**" for all purposes.

**Devi Prasad Guru**

### AFFIDAVIT

By virtue of an affidavit sworn before Notary Public Bhubaneswar, Dated: 09-07-2025, I, Mr. Keshab Sahoo, Address At-Rathijema Charimania, PO-Balakati, PS-Balianta, Khordha-752100, Odisha, declare that I have changed the name of my Son from "Abhajeet Sahoo" to "**Abhijit Sahoo**". Henceforth, he will be known as **Abhijit Sahoo**" for all purposes.

**Keshab Sahoo**

### AFFIDAVIT

By virtue of an affidavit sworn before Executive Magistrate Bhubaneswar, Dated-23-09-2025, I, Kumari Rita Behera, Address Somanasasan, Mukundadaspur, Balipatna, Khordha-752104, Odisha, declare that I have change my name from "Rita Behera" to "Kumari Rita Behera". Henceforth, I shall be known as "**Kumari Rita Behera**" for all purposes.

**Kumari Rita Behera**

### AFFIDAVIT

By virtue of an affidavit sworn before Notary Public Bhubaneswar, Dated-17-09-2025, I, Mr. Nakula Chandra Bastia, Address AT-Dipati Sahi, PO-Balakati, PS-Balianta, Khordha-752100, Odisha, declare that I have changed the name of my daughter from "Shushree Sonali Bastia" to "Sonali Bastia". Henceforth, she shall be known as "**Sonali Bastia**" for all purposes.

**Nakula Chandra Bastia**

### AFFIDAVIT

By virtue of an affidavit sworn before Notary Public Bhubaneswar, Dated-17-09-2025, I, Mr. Susanta Kumar Sahu, Address AT-Dipati Sahi, PO-Balakati, PS-Balianta, Khordha-752100, Odisha, declare that I have changed the name of my Son from "Somyaranjan Sahu" to "Soumya Ranjan Sahu". Henceforth, he will be known as "**Soumya Ranjan Sahu**" for all purposes.

**Susanta Kumar Sahu**



T- 92

### ଓଡ଼ିଶା ସରକାର

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

******

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ଇଂରାଜୀ ତା. 13/10/2025 ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0199/2526



**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK**

O-708 Letter No. 4433 /Dt. 08.10.2025

**GOVERNMENT OF ODISHA e-Procurement Notice**

**Bid Identification No. on line SECMID-18/2025-26**

eemidcuttack@yahoo.co.in

| | | |
|---|---|---|
| 1. | Name of work | : Improvement of MIPs under Improvement to CAPEX ROAD and MIPSP sceme in MI Sub-Division, Athagarh, Banki and Narasinghpur |
| 2. | Total Number of work | : 05 (Five) nos. |
| 3. | Estimated Cost | : Various from 57.79 to 82.65 lakhs |
| 4. | Tender paper Cost (Online) | : Rs. 10,000/- |
| 5. | Bid Security (Online) | : As per DTCN |
| 6. | Period of Completion | : As per DTCN |
| 7. | Availability of Bid Document | : From **15.10.2025, 10.00 AM** to **28.10.2025, 5.00 PM** in website **(www.tendersorissa.gov.in)** |
| 8. | Last date & Time of receipt | : **28.10.2025 at 5.00 PM** through online Bid. |
| 9. | Date of opening of Technical Bid documents | : **29.10.2025** - at **11.00 A.M.** in the office of the SE M.I. Division, Cuttack. |
| 10. | Date of opening of Financial Bid documents | : **04.11.2025** at **11.00 A.M.** in the office of the S.E, M.I. Division, Cuttack. |
| 11. | Date of Lottery, if required | : **15.11.2025** at **12.00 Noon** in the office of the SE, M.I. Division, Cuttack. |
| 12. | Name and address of the OIT | : Superintending Engineer, M.I. Division, Cuttack, P.O.- Nayabazar, Cuttack. Phone : 0671-2443622, PINCODE-753004 |

Further details can be seen from the Government of Odisha Web-Site **www.tendersorissa.gov.in**

Sd/- Superintending Engineer
M.I. Division, Cuttack

OIPR : 32121/11/0046/2526



**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, KEONJHAR**

Tel. 06766-258094 (O)
Mail : eerw1_kjr@yahoo.com

O-847

**"e" Procurement Notice for Road Works**
**Identification No Online NCB - 05/2025-26**

| | | |
|---|---|---|
| 1 | Name of work | : 2 Nos. Building Work |
| 2. | Total Number of Work | : 2 Nos. |
| 3. | Estimated Cost | : Rs. 57.26 Lakhs each |
| 4. | Class of Contractor | : "B" Class |
| 5. | Period of Completion | : As per annexure of e-Procurement Notice No. 05 of 2025-26. |
| 6. | Other Details | : |

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking Tender | Date & Time of Opening of Tender in O/o S.E., R.W. Division, Keonjhar | |
|---|---|---|---|---|---|---|
| | | From | To | Clarification | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Keonjhar | Building Online NCB No. 05 | Dt. 13.10.2025 at 11.00 A.M. | Dt. 23.10.2025 up to 5.00 P.M. | Dt. 22.10.2025 up to 5.00 P.M. | Dt. 24.10.2025 at 11.00 A.M | Will be intimated later |

Further details can be seen from the Website **www.tenderorissa.gov.in**

Sd/- Superintending Engineer
R.W. Division-I, Keonjhar

OIPR : 25110/11/0021/2526



**GOVERNMENT OF ODISHA : OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**

O-905

**"e" Procurement of Building Works**
**Bid Identificaiton No EERWJYP - Online 04/2025-26**

Letter No. 4382 Date : 25.09.2025

| | | |
|---|---|---|
| 01 | Name of the work | : Building Works |
| 02. | Total Number of Works | : 19 (Nineteen) Nos. |
| 03. | Approximate Estimated Cost | : Rs. 1.68 lakhs to Rs. 38.56 lakhs (approximately) |
| 4. | Class of Contractor | : "B", "C" & "D" Class |
| 5. | Period of Completion | : within 2 or 6 Months. |
| 6. | Other Details | : |

| Procurement Officer | Bid Identification No. | Sl No of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jaypore | Online Tender-04/RWD-JYP/2025-26 | 19 Nos. | 13.10.2025 at 10.00 A.M. | 25.10.2025 upto 5.00 P.M. | 24.10.2025 at 1.30 P.M. | 27.10.2025 at 10.00 A.M. |

Further details can be seen from the website **www.tendersodisha.gov.in/nicgep/app**
**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**
***N.B. Any Addendum of Corrigendum will be available in the Website only.**

Sd/- Executive Engineer,
Rural Works Division, Jeypore

OIPR : 25160/11/0020/2526



O-878

E-Mail ID: eerw_titilagarh@yahoo.co.in

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION: TITILAGARH**

**e Procurement Notice**
**IFB IDENTIFICATION NO. EETIG-online-05/2025-26**

| | | |
|---|---|---|
| 1. | Name of work | : Road works |
| 2. | Total no of works | : 01 (One) no. |
| 3. | Approximate Estimated Cost | : Varies from Rs 10.04 lakh |
| 4. | Time for completion | : 01 (One) calendar month |
| 5. | Mode of Submission of tender | : Tender should be submitted online in www.tenders.ori.nic.in |
| 6. | Other details are as follow | : As per TCN No. EETIG-online-05/2025-26 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W. Divn., Titilagarh | EETIG-online-05/2025-26 | 13.10.2025 at 11.00 A.M. | 23.10.2025 upto 5.00 P.M. | 22.10.2025 to 11.00 A.M. | 24.10.2025 at 11.30 A.M. |

- Further details can be seen from the website www.tenders.ori.nic.in
- Any Corrigendum/Addendum will be displayed in the above e tender website only.

Sd/- Executive Engineer
R.W. Division, Titilagarh

OIPR : 25078/11/0024/2526



**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION:KORAPUT**
**GEPNIC e-Procurement Notice**

PHONE:OFF: (06852):251263
email: eerwkoraput@yahoo.com

O-944

**Bid Identification No: SERWKPT-ONLINE-02/2025-26**

Letter No 2722 Dtd. 24.09.2025

| | | |
|---|---|---|
| 1 | Name of the Work | : Special Repair Road Works for the Year 2025-26. |
| 2 | Total Numbers of Works | : 33 Nos |
| 3 | Approximate Estimate Cost | : Rs. 9.97 to Rs. 59.82 Lakhs (Approximately) |
| 4 | Class of Contractor | : "B","C"& "D" Class |
| 5 | Period of Completion | : 2 to 3 Months |
| 6 | Detail Projects | : As per Annexure attached |

Other Details as follows :

| Procurement Officer | Bid Identification No. | No. of Works | Availability of tender online bidding | | Date & Time of Opening Tender | |
|---|---|---|---|---|---|---|
| | | | From | To | Technical | Financial |
| Superintending Engineer, R.W. Division, Koraput | SERWKPT-ONLINE-02/2025-26 | 33 (Thirty Three) No's | 13.10.2025 at 11.00 A.M. | 27.10.2025 upto 5.30 P.M. | 28.10.2025 at 11.30 A.M. | To be intimated Separately |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Sd/- Executive Engineer
Burla Works Division : Koraput

OIPR : 25088/11/0014/2526



**OFFICE OF THE EXECUTIVE ENGINEER, L.I. DIVISION, PHULBANI**

E-mail - eeolicplb@gmail.com

**E-Procurement Notice**

**Bid Identification No. 02 / 2025-26, OLIC (PLB) / Dt. 04/10/2025**

**CAD : 1928 :** The Executive Engineer, Lift Irrigation Division, Phulbani, Odisha on behalf of Odisha Lift Irrigation Corporation Limited, Bhubaneswar invites E-tender on Percentage wise Rate bids in single cover system on online mode for the work Revival / Reinforcement of Lift Irrigation Projects on turnkey basis from reputed contractors / firms having both valid Civil and H.T. license, holders registered within the State issued by PWD/ PHED/ RWSS/ Irrigation/ Rural works of required class and valid HT license issued by E.L.B.O, Odisha with experience in OLIC nature of Works. Contractors / firms having civil license can also participate in the above tender making Joint venture with valid HT license holders. The joint venture documents should be registered in any registration office only.

The details are available in the Government Tender Web site i.e. www.tendersorissa.gov.in

1. Total Nos. of Packages: 07 Nos.
2. Approximate Estimated Cost : Rs. 9.34 Lakhs to 24.25 Lakhs
3. Period of completion : Mentioned against each package.
4. Class of Contractor : Mentioned against each package.
5. Availability of Tender Online for bidding : from dt.14.10.2025 to 23.10.2025
6. Last date & time of seeking tender clarification : On dt.20.10.2025
7. Last date of submission of original Bid documents/ Cost of Bid (On Online Mode) on or before dt. 23.10.2025 up to 5.30 P.M.
8. Date & Time of Opening of tender in the office of the Executive Engineer, L.I. Division, Phulbani (Online Mode) dt.24.10.2025 onwards.
9. Any Corrigendum/ Addendum will be displayed in the above website only.

The undersigned reserves the right to reject/cancel any or all the tenders without assigning any reason thereof.

Sd/- Executive Engineer,
L.I Division, Phulbani

OIPR : 32137/11/0003/2526


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା

# ଡାଲିରେ ଆତ୍ମନିର୍ଭରତା ପାଇଁ ଜାତୀୟ ମିଶନର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା ଏବଂ ଡାଲିରେ ଆତ୍ମନିର୍ଭରତା ପାଇଁ ମିଶନର ଜାତୀୟ ଶୁଭାରମ୍ଭ ସମାରୋହର ଲାଇଭ୍ ୱେବକାଷ୍ଟ ଆୟୋଜନ, ଆଇସିଏଆର- ସିୱା, ଭୁବନେଶ୍ୱର, ରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ୬୦୦ ରୁ ଉର୍ଦ୍ଧ ମହିଳା ଚାଷୀ , ଜନ ପ୍ରତିନିଧି ଏବଂ ପ୍ରତିଷ୍ଠାନର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଆଇସିଏଆର- ସିୱା ନିର୍ଦ୍ଦେଶିକା ଡକ୍ଟର ମୃଦୁଲା ଦେବୀଙ୍କ ଦ୍ୱାରା ପିଏମ- ଡ଼ିଡ଼ିକେୱାଇର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । ଯାହା କୃଷି ଉତ୍ପାଦକତା ବୃଦ୍ଧି,



ଫସଲ ବିବିଧତା ଏବଂ ସ୍ଥାୟୀ କୃଷି ପ୍ରଣାଳୀକୁ ପ୍ରୋତ୍ସାହିତ କରିବା । ପଞ୍ଚାୟତ ଏବଂ ବ୍ଲକ ସ୍ତରରେ ଅମଳ ପରବର୍ତ୍ତୀ ସଂରକ୍ଷଣକୁ ବୃଦ୍ଧି କରିବା, ଜଳସେଚନ ସୁବିଧାରେ ଉନ୍ନତି ଆଣିବା ଏବଂ ଦୀର୍ଘକାଳୀନ ଏବଂ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତାକୁ ସହଜ କରିବା ପାଇଁ ଏକ ଐତିହାସିକ ପଦକ୍ଷେପ । ଏହି ଯୋଜନାର ଲକ୍ଷ୍ୟ ହେଉଛି ଡ଼ିଡ଼ି ଏଣ୍ଡ ଏଫଡ଼ବ୍ଲ୍ୟୁ ସହଯୋଗୀ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ବିଦ୍ୟମାନ ଯୋଜନାଗୁଡ଼ିକୁ ଏକତ୍ର କରି ୧୦୦ଟି ମନୋନୀତ ଜିଲ୍ଲାରେ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ପୂରଣ କରିବା । ପ୍ରଧାନମନ୍ତ୍ରୀ ଡାଲିର ଉତ୍ପାଦନ ସ୍ତର ଉନ୍ନତ କରିବା, ଡାଲି ଚାଷ କ୍ଷେତ୍ରକୁ ବିସ୍ତାର କରିବା, ମୂଲ୍ୟ ଶୃଙ୍ଖଳ - କ୍ରୟ, ସଂରକ୍ଷଣ, ପ୍ରକ୍ରିୟାକରଣକୁ ସୁଦୃଢ଼ କରିବା ଏବଂ କ୍ଷତି ହ୍ରାସ କରିବା ପାଇଁ ଡାଲିରେ ଆତ୍ମନିର୍ଭରତା ମିଶନର ମଧ୍ୟ ଶୁଭାରମ୍ଭ କରିଥିଲେ । ଅଂଶଗ୍ରହଣକାରୀମାନେ ପ୍ରଧାନମନ୍ତ୍ରୀଙ୍କ ସିଧାପ୍ରସାରଣ ଭାଷଣକୁ ଅତି ଉତ୍ସାହର ସହିତ ଦେଖିଥିଲେ ।

ୱେବକାଷ୍ଟ ପରେ, ମହିଳା ଚାଷୀଙ୍କ ପାଇଁ ଯୋଜନାର ସମ୍ଭାବ୍ୟ ପ୍ରଭାବ, ପ୍ରମୁଖ ରବି ଫସଲର ଉନ୍ନତ ଅଭ୍ୟାସ ପ୍ୟାକେଜ୍, ପ୍ରାକୃତିକ କୃଷିର ନୀତି ଏବଂ ଅଭ୍ୟାସ, ଜାତୀୟ କୀଟ ପତଙ୍ଗ ନିରୀକ୍ଷଣ ବ୍ୟବସ୍ଥା ଉପରେ ସଚେତନତା, କୃଷକ ଅଭିଯୋଗ ସମାଧାନ ପୋର୍ଟାଲ ଏବଂ ଚାଷୀମାନଙ୍କୁ ଜିଏସଟି ହ୍ରାସ ଲାଭ ଉପରେ ଆଲୋଚନା କରାଯାଇଥିଲା । ଭାରତୀୟ କୃଷିକୁ ପରିବର୍ତ୍ତନ କରିବା ଏବଂ ଗ୍ରାମୀଣ ଜୀବିକା ବୃଦ୍ଧି କରିବା ଲକ୍ଷ୍ୟରେ ଏକ ଦୂରଦୃଷ୍ଟିପୂର୍ଣ୍ଣ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରାଯାଇଥିଲା ।



ଦଳୀୟ ମୁଖପାତ୍ର ଓ ନେତୃମଣ୍ଡଳୀଙ୍କ ସହିତ ନବୀନ ନିବାସ ଠାରେ ଆଲୋଚନା କରୁଛନ୍ତି ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

# ଆଇଏମ୍ଆଇ ଭୁବନେଶ୍ୱର ପକ୍ଷରୁ ଏଚ୍ଆର୍ କନକ୍ଲେଭ୍-୨୦୨୫

ଭୁବନେଶ୍ୱର, (ସବ୍ୟୁ): ଆଇଏମଆଇ ଭୁବନେଶ୍ୱର ଏହାର ବାର୍ଷିକ ଏଚଆର କନକ୍ଲେଭ୍-୨୦୨୫ ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀ ମାଧ୍ୟମରେ ସାରା ଦେଶରୁ ଅଗ୍ରଣୀ ଶିଳ୍ପ ବ୍ୟକ୍ତିତ୍ୱ, ଶିକ୍ଷାବିତ୍ ଏବଂ ବୃତିଗତମାନଙ୍କୁ ଏକତ୍ରିତ କରି କାର୍ଯ୍ୟର ଭବିଷ୍ୟତ ଗଠନରେ ମାନବ ସମ୍ବଳର ବିକଶିତ ଭୂମିକା ଉପରେ ଆଲୋଚନା କରାଯାଇଥିଲା । ଏହି ସମ୍ମିଳନୀ ନେତୃତ୍ୱ, ପ୍ରଯୁକ୍ତିବିଦ୍ୟା, ସହାନୁଭୂତି ଏବଂ ସଂଗଠନାତ୍ମକ ପରିବର୍ତ୍ତନ ଉପରେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଆଲୋଚନା ପାଇଁ ଏକ ମଂଚ ଭାବରେ କାର୍ଯ୍ୟ କରିଥିଲା । ଆଇଏମଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ପି. ସି. ବିଶ୍ୱାଳ ଉଦ୍‌ଘାଟନୀ ଭାଷଣ ଦେଇଥିଲେ । ଏଚଆର କାର୍ଯ୍ୟ କିପରି ପ୍ରଶାସନ ବାହାରେ ବିକଶିତ ହୋଇ ସଂସ୍କୃତି, ନବସୃଜନ ଏବଂ ପରିବର୍ତ୍ତନକୁ ପରିଚାଳିତ କରୁଥିବା ଏକ ରଣନୈତିକ ଶକ୍ତି ପାଲଟିଛି ତାହା ଉପରେ ସେ ଆଲୋକପାତ କରିଥିଲେ । ମୁଖ୍ୟ ଅଧିବେଶନରେ ନେଟୱାର୍କ-୧୮ ର ମୁଖ୍ୟ ମାନବ ସମ୍ବଳ ଅଧିକାରୀ





ସଂଚୟନ ପାଉଲ ଯୋଗ ଦେଇ ଦ୍ରୁତ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ସମୟରେ ଏଚଆର କିପରି ଅନୁକୂଳ ହେବା ଉଚିତ ସେ ବିଷୟରେ କହିଥିଲେ ।

"ଦି ହ୍ୟୁମାନ୍ ଏଜ୍: ଲିଡିଂ ଟ୍ୟାଲେଂଟ ଇନ୍ ଏ ଟେକ୍-ଡ୍ରାଇଭେନ୍ ୱାର୍ଲ୍ଡ" ଶୀର୍ଷକ ପ୍ରଥମ ପ୍ୟାନେଲ୍ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ ଆସେନ୍‌ଚର୍‌ର ଅବିନାଶ ସୂତାର, ଆଇଆଇଜି ଟେକ୍ନୋଲୋଜିର ବିମଳ କୁମାର ରାଉଲ୍, ନାଲକୋର ଆସୁତୋଷ ରଥ ଏବଂ ପାଲାଡିୟମ୍‌ର ଶ୍ରୀମତୀ ଶୁଭଶ୍ରୀ ମୁଖାର୍ଜୀ ଏକତ୍ରିତ ହୋଇଥିଲେ । ଆଇଏମ୍ଆଇ ଭୁବନେଶ୍ୱରର ଡିନ୍ ଏକାଡେମିକ୍ସ ଏବଂ ଆନ୍ତର୍ଜାତୀୟ ସମ୍ପର୍କ ପ୍ରଫେସର (ଡକ୍ଟର) ସୁପ୍ରୀତି ମିଶ୍ର ଦୁଇଟି ଅଧିବେଶନ ମଧ୍ୟରେ ଦର୍ଶକଙ୍କୁ ସମ୍ବୋଧିତ କରିଥିଲେ ।

## ଏମ୍ଏସ୍ଏମ୍ଇ ଏକ୍ସପୋ-୨୦୨୫

# ଛୋଟ ଉଦ୍ୟୋଗୀଙ୍କ ସମସ୍ୟା, ସମ୍ଭାବନା, ଭବିଷ୍ୟତ ଉପରେ ଚର୍ଚ୍ଚା





ଭୁବନେଶ୍ୱର (ସବ୍ୟୁ): ମଧ୍ୟମ କ୍ଷୁଦ୍ର ଅଣୁ ଉଦ୍ୟୋଗୀ ବା ଏମ୍ଏସ୍ଏମ୍ଇ ଏକ୍ସପୋ-୨୦୨୫ ପଟିଆସ୍ଥିତ ଜିଲ୍ଲା କ୍ଷୁଦ୍ର ଉଦ୍ୟମ ସଂଘ (ଡିଏସ୍ଏସ୍ଆଇଏ) ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି କ୍ଷୁଦ୍ର ଉଦ୍ୟୋଗୀଙ୍କ ସମସ୍ୟାଗୁଡିକୁ ଆଲୋକିତ କରି ମିଳିତ ଉଦ୍ୟମରେ ସମାଧାନର ରାସ୍ତା ଖୋଜିବା । ଯେଉଁଠି ଉଦ୍ୟୋଗୀମାନେ ଅନେକ ସମସ୍ୟା ଭିତରେ ରହି ବିକାଶ ପାଇଁ ଚେଷ୍ଟା କରୁଛନ୍ତି । ବୃହତ ଶିଳ୍ପ ପାଇଁ ଋଣ ସୁବିଧାର ଅଭାବ, ବିଳମ୍ବିତ ଅର୍ଥ ଗ୍ରହଣ, ବଜାର ସଂଯୋଗର ଅଭାବ ସମ୍ପର୍କରେ ଆଲୋଚନା ହୋଇଛି ।

ଡିଏସ୍ଏସ୍ଆଇଏ ପୁରୀର ଅଧ୍ୟକ୍ଷ ଜ୍ଞାନରଞ୍ଜନ ଦାଶ କହିଛନ୍ତି, ଏମଏସଏମଇମାନେ କେବଳ ଛୋଟ ଉଦ୍ୟାଗୀ ନୁହଁନ୍ତି, ସେମାନେ ଦେଶର ଅର୍ଥନୀତିର ମୂଳ ଶକ୍ତି । ଯଦି ସମ୍ପୂର୍ଣ୍ଣ ସମର୍ଥନ ମିଳେ ତାହେଲେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନିଜ ପାରିଦର୍ଶିତା ଦେଖାପାରିବେ । ଏମଏସ୍ଏମଇ ଏକ୍ସପୋ ତାଙ୍କ ସମସ୍ୟା ଓ ସମ୍ଭାବନାକୁ ସୁଯୋଗରେ ପରିଣତ କରେ ବୋଲି ଶ୍ରୀ ଦାଶ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଉଦ୍ୟୋଗୀମାନଙ୍କର ଉତ୍ପାଦନ ପ୍ରଦର୍ଶିତ ହୋଇଥିଲା । କର୍ମଶାଳାରେ ନୀତି, ଆର୍ଥିକ ପ୍ରୋତ୍ସାହନ, ବଜାର ବିକାଶ ଓ ଡିଜିଟାଲ ଗ୍ରହଣ ବିଷୟରେ ଆଲୋଚନା ହୋଇଥିଲା । ନେଟୱାର୍କିଂ ଅଧିବେଶନରେ ଉଦ୍ୟମୀ, ନିବେଶକ, ବ୍ୟାଙ୍କ ଓ ସରକାରୀ ପ୍ରତିନିଧିଙ୍କ ମଧ୍ୟରେ ବିସ୍ତୃତ ଆଲୋକପାତ ହୋଇଥିଲା ।

# ଚିଲିକାରେ ଭୟଙ୍କର ଘୂର୍ଣ୍ଣିଝଡ ମତ୍ସ୍ୟଜୀବୀ , ପର୍ଯ୍ୟଟକ ଆତଙ୍କିତ

ବାଲୁଗାଁ ,(ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ଗତ କିଛି ଦିନ ହେଲା ଚିଲିକା ଅଞ୍ଚଳରେ ପବନ ସାଙ୍ଗକୁ ଝଡବର୍ଷା ଲାଗି ରହିଛି । ଜଳସ୍ତର ବୃଦ୍ଧି ପାଇ ପ୍ରବଳ ଲହଡି ମାରିବା ସହ ସମଗ୍ର ଚିଲିକା ଅଶାନ୍ତ ହୋଇପଡ଼ିଛି । ଏପରି ସ୍ଥଳେ ଶୁକ୍ରବାର ଅପରାହ୍ନ ସମୟରେ ହଠାତ ଚିଲିକା ଆକାଶରେ କଳା ହାଣ୍ଡିଆ ମେଘ ଘୋଟି ଆସିବା ସହ ଭୟଙ୍କର ଘୁର୍ଣ୍ଣିବଳୟ 'ଟର୍ଣ୍ଣାଡୋ'ସୃଷ୍ଟି ହୋଇଥିଲା । ଚିଲିକା ଜଳରାଶିରୁ ଆକାଶରେ ଥିବା ବାଦଲକୁ ଏହି ଟର୍ଣାଡୋ ସ୍ପର୍ଶ କରିଥିଲା । ଯାହାକି ଦୂରରୁ ଏହା ଏକ ହାତୀ ଶୁଣ୍ଢ, ସଦୃଶ ପରିଲକ୍ଷିତ ହୋଇଥିଲା । ଏପରି ହଠାତ ଦୃଶ୍ୟ ଦେଖି ଚିଲିକାରେ ମାଛ ମାରୁଥିବା ମତ୍ସ୍ୟଜିବୀ,ନାଉରିଆ ସମେତ କାଳିଜାଇ ଦର୍ଶନରେ ଯାଉଥିବା ପର୍ଯ୍ୟଟକ ମାନେ ଭୟଭୀତ ହୋଇପଡ଼ିଥିଲେ । କାଳିଜାଇ ମନ୍ଦିରରୁ ଦକ୍ଷିଣ ପଶ୍ଚିମ ଦିଗର ଅନତି ଦୂରରେ ଏହା ଦୃଶ୍ୟମାନ ହୋଇଥିଲା । ପ୍ରାୟ ଅଧ ଘଣ୍ଟା ଧରି ଏହି ଟର୍ଣ୍ଣାଡୋ ଜାରି ରହିଥିବା ବେଳେ ଚିଲିକା ଜଳରାଶିରୁ ପାଣି ସମେତ ମାଛ କୀଟ ପତଙ୍ଗ ଆଦି ଆକାଶକୁ ଉଠି ଭଉଁରୀ ବଳୟରେ ବିକ୍ଷିପ୍ତ ଭାବେ ପୁନର୍ବାର ଚିଲିକାକୁ ଖସୁଥିବା ଦେଖାଯାଇଥିଲା । ଏହି ଦୃଶ୍ୟ ଯେତିକି ମନ ମୁଗ୍ଧକର ତାଠୁ ଅଧିକ ଭୟଙ୍କର ବି ଥିଲା । ନାଉରିଆ ମାନେ ଏହି ଦୃଶ୍ୟ ଦେଖି ଡ଼ଙ୍ଗା ଦୁରକୁ ଦୁରକୁ ନେଇ ମା କାଳିଜାଇଙ୍କୁ ସ୍ମରଣ କରିଥିଲେ ଏବଂ ମା ଙ୍କ ଆଶୀର୍ବାଦରୁ ସେମାନେ ବର୍ତ୍ତିଯାଇଥିବା କହିଛନ୍ତି ଝ । କିଛି ପର୍ଯ୍ୟଟକ ଏହି ଦୃଶ୍ୟକୁ ମୋବାଇଲ ଫୋନରେ ଭିଡିଓ ଓ ଫୋଟୋ ଉତ୍ତୋଳନ କରିଥିଲେ, ଯାହାକି ସୋସିଆଲ ମିଡିଆରେ ଏହା ବେଶ ଭାଇରାଲ ହେବାରେ ଲାଗିଛି । ସୂଚନା ଥାଉକି, ୫ ବର୍ଷ ପୂର୍ବେ ଚିଲିକାରେ ଅନୁରୂପ ଭାବେ ଏହିପରି ଟର୍ଣ୍ଣାଡୋ ଦେଖିବାକୁ ମିଳିଥିଲା ।

## ଦେଶବ୍ୟାପୀ ବିଦ୍ୟୁତ ବଣ୍ଟନ କ୍ଷେତ୍ରରେ ସଂସ୍କାର ପାଇଁ

# ଭାରତ ସରକାରଙ୍କ ପ୍ରୟାସ ମଧ୍ୟରେ ଓଡ଼ିଶା ପାଲଟିଛି ଏକ ଉଦାହରଣ

ଭୁବନେଶ୍ୱର (ସବ୍ୟୁ): ଖରାପ ଅବସ୍ଥାରେ ଗତି କରୁଥିବା ଭାରତର ବିଦ୍ୟୁତ ବଣ୍ଟନ କ୍ଷେତ୍ରକୁ ପୁନରୁଦ୍ଧାର କରିବା ପାଇଁ ଶକ୍ତି ମନ୍ତ୍ରଣାଳୟ ଭାରତୀୟ ବିଦ୍ୟୁତ ଆଇନ, ୨୦୨୫ ରେ ଏକ ବଡଧରଣର ସଂଶୋଧନ କରିବାକୁ ଯାଉଛି । ଏଭଳି ସମୟରେ ଓଡ଼ିଶାରେ ସଫଳ ହୋଇପାରିଥିବା ବିଦ୍ୟୁତ ବଣ୍ଟନ କ୍ଷେତ୍ରର ଘରୋଇକରଣ, ଏକ ମଡେଲ୍ ଭାବରେ ଉଭା ହୋଇଛି । ଘରୋଇକରଣର ପାଞ୍ଚ ବର୍ଷ ପରେ, ରାଜ୍ୟର ଚାରୋଟି ବିଦ୍ୟୁତ୍ ବଣ୍ଟନ କମ୍ପାନୀ (ଡ଼ିସକମ୍) ସାମଗ୍ରିକ ବୈଷୟିକ ଏବଂ ବାଣିଜ୍ୟିକ କ୍ଷତି (ଏଟିଆଣ୍ଡସି)କୁ ଦଶ ପ୍ରତିଶତରୁ ଅଧିକ ହ୍ରାସ କରିଛନ୍ତି, ଯାହା ଦ୍ୱାରା ଦକ୍ଷତା ଲାଭ ସହିତ ଏକ ବଡଧରଣର ଆର୍ଥିକ ପରିବର୍ତ୍ତନ ହାସଲ କରାଯାଇପାରିଛି । ଦୀର୍ଘ ଦିନ ଧରି ପ୍ରଭାବହୀନ ଏବଂ କ୍ଷତିରେ ଚାଲୁଥିବା ଏହି କ୍ଷେତ୍ରରେ ଓଡ଼ିଶା କରିଦେଖାଇଛି ଯେ, ଉତ୍ତରଦାୟୀ ଗଠନମୂଳକ ସଂସ୍କାର ମାଧ୍ୟମରେ ନିର୍ଭରଯୋଗ୍ୟ ସେବା ପ୍ରଦାନ ଏବଂ ଗ୍ରାହକଙ୍କୁ ଲାଭ ଦେବା ସମ୍ଭବ ହୋଇପାରିବ । ଏହାର ଫଳାଫଳ ସ୍ପଷ୍ଟ । ଗତ ପାଞ୍ଚ ବର୍ଷ ମଧ୍ୟରେ, ଓଡ଼ିଶାର ଡିସକମ୍ ଗୁଡିକ ନେଟୱାର୍କ ଅପଗ୍ରେଡ୍, ପ୍ରଯୁକ୍ତିବିଦ୍ୟା ସମନ୍ୱୟ, କର୍ମଚାରୀ ତାଲିମ ଏବଂ ସୁରକ୍ଷାରେ ଉନ୍ନତି ପାଇଁ ପ୍ରାୟ ୫୦୦୦ କୋଟି ଟଙ୍କା ନିବେଶ ସହିତ ଦଶ ଲକ୍ଷରୁ ଅଧିକ ନୂତନ ବିଦ୍ୟୁତ ସଂଯୋଗ ସ୍ଥାପନ କରିଛନ୍ତି । ରାଜ୍ୟ ସରକାରଙ୍କ ସହଭାଗୀତାରେ ଭାରତର ସବୁଠାରୁ ଅଭିଜ୍ଞ ୟୁଟିଲିଟି କମ୍ପାନୀଗୁଡ଼ିକ ମଧ୍ୟରୁ ଗୋଟିଏ ଟାଟା ପାୱାର ନେତୃତ୍ୱରେ, ବଝକ୍ଷଗ୍ଧ;ନ କମ୍ପାନୀ ଗୁଡ଼ିକ ବର୍ତ୍ତମାନ ୧୫୦୦୦୦ ବର୍ଗ କିଲୋମିଟର ଅଞ୍ଚଳରେ ବିସ୍ତାରିତ ପ୍ରାୟ ୧ କୋଟି ଉପଭୋକ୍ତାଙ୍କୁ ସେବା ପ୍ରଦାନ କରୁଛନ୍ତି, ଯାହା ଦ୍ୱାରା ରାଜ୍ୟର ପ୍ରାୟ ୫ କୋଟି ଲୋକ ଉପକୃତ ହେଉଛନ୍ତି । ଆଜି, ଏତେ କମ୍ ସମୟ ମଧ୍ୟରେ ଓଡ଼ିଶା ଡ଼ିସକମ୍ ଗୁଡିକୁ ଭାରତ ସରକାରଙ୍କ ବିଦ୍ୟୁତ ମନ୍ତ୍ରଣାଳୟ ଦ୍ୱାରା ବାର୍ଷିକ ମୂଲ୍ୟାଙ୍କନରେ ଦେଶର ଶ୍ରେଷ୍ଠ ଡିସକମ୍ ମଧ୍ୟରେ ସ୍ଥାନ ମିଳିଛି । ହୁଏତ ସବୁଠାରୁ ଉଲ୍ଲେଖନୀୟ ସଫଳତା ଗ୍ରାମାଞ୍ଚଳ ବିଦ୍ୟୁତୀକରଣରେ ମିଳିଛି । ପ୍ରଥମ ଥର ପାଇଁ, ଏକ ଘରୋଇ ସଂସ୍ଥା ଭାରତର ଗ୍ରାମାଞ୍ଚଳରେ ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ପରିବର୍ତ୍ତନ ଆଣିପାରିଛି, ଐତିହାସିକ ଭାବରେ ଅବହେଳାର ଶିକାର ହୋଇଥିବା ଏହି ଅଞ୍ଚଳଗୁଡ଼ିକୁ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ସୁନିଶ୍ଚିତ କରାଯାଇପାରିଛି । ଏହି ସଫଳତା ଓଡ଼ିଶାକୁ ଏକ ବିରଳ କେସ୍ ଷ୍ଟଡି ଭାବେ ସ୍ଥାନିତ କରିଛି ଯାହା ଦର୍ଶାଉଛି ଯେ ଘରୋଇ କ୍ଷେତ୍ରର ଦକ୍ଷତାକୁ ଜନସାଧାରଣଙ୍କ ହିତ ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ ଏବଂ ଏହା ଏକ ସଫଳ ସଂସ୍କାର ମଡେଲ୍ ଯାହାକୁ ଅନ୍ୟ ରାଜ୍ୟଗୁଡ଼ିକ କମ ସମୟ ମଧ୍ୟରେ ଲାଗୁ କରିପାରିବେ ।

# ଏଚ୍ଆଣ୍ଡଏମ୍‌ର ସୌନ୍ଦର୍ଯ୍ୟ ଉତ୍ପାଦ ବର୍ତ୍ତମାନ ଭାରତରେ

ଭୁବନେଶ୍ୱର, (ସବ୍ୟୁ) : ଭାରତରେ ପ୍ରଥମ ଥର ପାଇଁ ଏଚ୍ଆଣ୍ଡଏମ୍ ନିଜର ସୌନ୍ଦର୍ଯ୍ୟ ଉତ୍ପାଦ ଆରମ୍ଭ କରିଛି । ଭୁବନେଶ୍ୱରର ଏସବିଏସପିଏଲ, ସହିଦ ନଗରରେ ଏହି ସଂଗ୍ରହ ଉପଲବ୍ଧ ହେବ ସହ ସେଠାରେ ଗ୍ରାହକ ମାନେ ଏଚ୍ଆଣ୍ଡଏମ୍ ନିଜର ୨୦୦ ରୁ ଅଧିକ ସୌନ୍ଦର୍ଯ୍ୟ ଉପକରଣ ମାନ ପ୍ରଦାନ ପାଇପାରିବେ । ଏଚ୍ଆଣ୍ଡଏମ୍‌ର ଏହି ବିୟୁଟି କନସେପ୍ଟ ୨ ଅକ୍ଟୋବର ୨୦୨୫ ରୁ ଭାରତର ସମସ୍ତ ଏଚ୍ଆଣ୍ଡଏମ୍ ଷ୍ଟୋର୍ ଏବଂ ଏଚ୍ଏମ୍‌ଡଟ୍‌କମ୍‌ରେ ଅନଲାଇନରେ ଉପଲବ୍ଧ ହେବ । "ପ୍ରଥମ ଥର ପାଇଁ ଭାରତରେ ଏଚ୍ଆଣ୍ଡଏମ୍‌ର ବିୟୁଟି କନସେପ୍ଟ ଆଣି ଆମେ ଆନନ୍ଦିତ । ଏହି ଶୁଭାରମ୍ଭ ଆମ ଯାତ୍ରାରେ ଏକ ପ୍ରକୃତ ମାଇଲଖୁଂଟ, ଏଚ୍ଆଣ୍ଡଏମ୍ ଭାରତରେ ୧୦ ବର୍ଷ ପୂର୍ତ୍ତି ପାଳନ କରି ଏହାକୁ ଆହୁରି ସ୍ୱତନ୍ତ୍ର କରିଛି । ଏହା ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟକୁ ଅଧିକ ସୁଗମ କରିବା ସହ ସାରା ଦେଶରେ ଅଧିକ ଫ୍ୟାଶନ୍ ଆଶାୟୀଙ୍କ ନିକଟରେ ପହଂଚାଇବାର ଲକ୍ଷ୍ୟ ରଖିଛି" ବୋଲି ଏଚ୍ଆଣ୍ଡଏମ୍ ଇଣ୍ଡିଆର ନିର୍ଦ୍ଦେଶକ ହେଲେନା କୁଇଲେନଷ୍ଟିଏର୍ନା କହିଛନ୍ତି ।

# ବିରୋଧୀଦଳ ନେତାଙ୍କୁ ଭେଟିଲେ ବିଭିନ୍ନ ବ୍ଲକର ଅଧ୍ୟକ୍ଷ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ପ୍ରାୟ ପଚାଶ ରୁ ଅଧିକ ପଞ୍ଚାୟତ ସମିତି ର ଚେୟାରମ୍ୟାନ ମାନେ ଶନିବାର ନବୀନ ନିବାସ ଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ପଂଚାୟତ ର ନିର୍ବାଚିତ ପ୍ରତିନଧି ମାନଙ୍କ ପ୍ରଶାସନିକ ଓ ଆର୍ଥିକ କ୍ଷମତା ସଂକୋଚନ ପାଇଁ ରାଜ୍ୟ ସରକାର ଙ୍କ ଅଗଣତାନ୍ତ୍ରିକ ନିଷ୍ପତ୍ତି ବିରୁଦ୍ଧ ରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ଏହି ଅଗଣତାନ୍ତ୍ରିକ ନିଷ୍ପତ୍ତି ରେ ନିନ୍ଦା କରିଥିଲେ ଏବଂ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ସାମ୍ବିଧାନିକ ଅଧିକାର ର ସୁରକ୍ଷା ପାଇଁ ବିଜେଡିର ଲଢେଇ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ ଘୋଷଣା କରିଥିଲେ । ବର୍ତ୍ତମାନ ଏ ବିଷୟ ହାଇକୋର୍ଟ ଙ୍କ ବିଚରାଧୀନ ରହିଛି.ଆବଶ୍ୟକ ପଡିଲେ ବିଜେଡି ଏଥିପାଇଁ ସୁପ୍ରିମକୋର୍ଟ ଯିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରତିନିଧି ଦଳ ଙ୍କୁ କହିଥିଲେ । ଏହି ଆଲୋଚନା ସମୟ ରେ ପଞ୍ଚାୟତ ସମିତି ଚେୟାରମ୍ୟାନ ମାନଙ୍କ ସହିତ ବିଧାୟକ ସାରଦା ଜେନା, ନବ ମଲ୍ଲିକ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ,ପୂର୍ବତନ ବିଧାୟକ ବିଧାୟକ ସର୍ବଶ୍ରୀ ଉମା ସାମନ୍ତରାୟ, ପ୍ରଶାନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

## ଝାରସୁଗୁଡାରେ ଶିଳ୍ପ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ

# ପାୱାର ସେଫ୍ଟି ସର୍କଲ୍ କନକ୍ଲେଭ ଆୟୋଜନ କଲା ବେଦାନ୍ତ ଆଲୁମିନିୟମ

ଭୁବନେଶ୍ବର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଆଜି ଝାରସୁଗୁଡାର ଏହାର ମେଗା ଆଲୁମିନିୟମ ପ୍ଲାଂଟରେ ଏକ ପାୱାର ସେଫ୍ଟି ସର୍କଲ୍ କନକ୍ଲେଭ ଆୟୋଜନ କରିଛି । ୨୦୦ ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ, ଏହି କନକ୍ଲେଭ ଏସଟିଇଏଜି ଏନର୍ଜି ସର୍ଭିସେସ୍ ଏବଂ ଏନଟିପିସି ଜିଇ ପାୱାର ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ (ଏନଏସଜିଏଲ) ସହଭାଗୀତାରେ ଅନୁଷ୍ଠିତ ହୋଇଥିଲା । ପାୱାର ସେଫ୍ଟି ସର୍କଲ୍ କନକ୍ଲେଭ ଏକ ସହଯୋଗୀ ସୁରକ୍ଷା ଉତ୍କର୍ଷତା କାର୍ଯ୍ୟକ୍ରମ ଯାହା ସକ୍ରିୟ ବିପଦ ପରିଚାଳନାକୁ ପ୍ରୋତ୍ସାହିତ କରିବା ସହିତ କର୍ମଚାରୀଙ୍କ ନେତୃତ୍ୱରେ ନବସୃଜନକୁ ଉତ୍ସାହିତ କରିବା ଏବଂ ମୁଖ୍ୟ ଶିଳ୍ପ କାର୍ଯ୍ୟର ବିଭିନ୍ନ କ୍ଷେତ୍ରରେ ସୁରକ୍ଷାରେ ସାମୂହିକ ଦାୟିତ୍ୱକୁ ସୁଦୃଢ଼ କରିବା ପାଇଁ ଡିଜାଇନ୍ କରାଯାଇଛି । ସମ୍ଭାବ୍ୟ ବିପଦ ଚିହ୍ନଟ ଏବଂ ହ୍ରାସ କରିବାରେ ଦୋକାନୀ ଦଳଗୁଡ଼ିକୁ ନିୟୋଜିତ କରି, ଏହି ପଦକ୍ଷେପ ବେଦାନ୍ତର କାର୍ଯ୍ୟକ୍ଷମ ଡିଏନଏର ଏକ ସହଜାତ ଅଂଶ ଭାବରେ ସୁରକ୍ଷାକୁ ସ୍ଥାପିତ କରିବାର ଲକ୍ଷ୍ୟ ରଖିଛି । ଏକ ବିଶେଷଜ୍ଞ ଜୁରୀ ପ୍ୟାନେଲ ସମ୍ମୁଖରେ ସେମାନଙ୍କର ଅଭିନବ ସୁରକ୍ଷା ଉନ୍ନତି ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶନ କରିଥିଲେ । ସବୁଠାରୁ ପ୍ରଭାବଶାଳୀ ପ୍ରକଳ୍ପଗୁଡ଼ିକୁ ଚାରୋଟି ବର୍ଗରେ ସ୍ୱୀକୃତି ଦିଆଯାଇଥିଲା:



ଏହା ସହଯୋଗ, ସଶକ୍ତିକରଣ ଏବଂ ନିରନ୍ତର ଉନ୍ନତିର ମନୋଭାବ ମାଧ୍ୟମରେ ଶିଳ୍ପ କାର୍ଯ୍ୟରେ ଶୂନ୍ୟ କ୍ଷତି ହାସଲ କରିବାର କମ୍ପାନୀର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ ।

ଏହି ପ୍ରୟାସର ଏକ ଅଂଶ ସ୍ୱରୂପ, ୨୬ ରୁ ଅଧିକ ଅଂଶଗ୍ରହଣକାରୀ ଦଳ ପ୍ଲାଟିନମ୍, ସୁନା, ରୂପା ଏବଂ ବ୍ରୋଞ୍ଜ, ସେମାନଙ୍କର ପ୍ରଭାବଶାଳୀତା, ସୃଜନଶୀଳତା ଏବଂ ୟୁନିଟ୍ ମଧ୍ୟରେ ବ୍ୟାପକ କାର୍ଯ୍ୟାନ୍ୱୟନ ପାଇଁ ସମ୍ଭାବନା ପାଇଁ, କାର୍ଯ୍ୟକ୍ରମରେ ପ୍ରଦର୍ଶିତ ୩୪ଟି ଶ୍ରେଷ୍ଠ ଧାରଣାକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ପ୍ରୟାସ ବିଷୟରେ ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, "ବେଦାନ୍ତରେ, ସୁରକ୍ଷା ଏକ ସହଭାଗୀ ମୂଲ୍ୟ ଯାହା ଆମର ଉଦ୍ଦେଶ୍ୟ ଏବଂ କାର୍ଯ୍ୟଦକ୍ଷତାକୁ ପରିଭାଷିତ କରେ । ପାୱାର ସେଫ୍ଟି ସର୍କଲ୍ କନକ୍ଲେଭ ଉଦାହରଣ ଦେଇଥାଏ ଯେ ଆମେ ପ୍ରତ୍ୟେକ ସ୍ତରରେ ଦଳଗୁଡ଼ିକୁ ସୁରକ୍ଷା-ପ୍ରଥମେ ପଦ୍ଧତିର ମାଲିକାନା ନେବା ଏବଂ ଏହାକୁ ଦୈନନ୍ଦିନ କାର୍ଯ୍ୟରେ ସଂହତ କରିବା ପାଇଁ କିପରି ସଶକ୍ତ କରୁଛୁ । ଏହି ଅବସରରେ, ଆର.କେ. ସିଂହ, ମୁଖ୍ୟ - ଟିପପ, ଏସଟିଇଏଜ ଏନର୍ଜି ସର୍ଭିସେସ୍, ତାଙ୍କର ମତାମତ ସେୟାର କରିଥିଲେ, "ପାୱାର ସେଫ୍ଟି ସର୍କଲ୍ କନକ୍ଲେଭ୍ ପ୍ରୟାସରେ ବେଦାନ୍ତ ଆଲୁମିନିୟମ ସହିତ ଆମର ସମ୍ପର୍କ କିପରି ବୈଷୟିକ ବିଶେଷଜ୍ଞତା ଏବଂ ଏକ ଦୃଢ଼ ସୁରକ୍ଷା ଦୃଷ୍ଟିକୋଣ ଏକାଠି ଆସି ପ୍ରକୃତ ପ୍ରଭାବ ସୃଷ୍ଟି କରିପାରିବ ତାହା ଦର୍ଶାଏ ।

# ସୁରକ୍ଷିତ ଆଇନଗତ ଗର୍ଭସମାପ୍ତି, ପ୍ରଜନନ ସ୍ୱାସ୍ଥ୍ୟ ଉପରେ ସଚେତନତା ଅଭିଯାନ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ 'ସହଯୋଗ', ଆନ୍ତର୍ଜାତୀୟ ନିରାପଦ ସୁରକ୍ଷିତ ଗର୍ଭସମାପ୍ତିଦିବସ ପୃଷ୍ଠଭୂମିରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଚେତନତା ଅଭିଯାନ ସଫଳତାର ସହିତ ପରିଚାଳନା କରିଛି । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମଗୁଡ଼ିକ 'କମନହେଲଥ', ସମସ୍ତଙ୍କ ପାଇଁ ପ୍ରଜନନ ଏବଂ ଯୌନ ସ୍ୱାସ୍ଥ୍ୟ ଅଧିକାରର ଉଚ୍ଚ ମାନଦଣ୍ଡ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ ଏକ ଜାତୀୟ ମଞ୍ଚର ସହାୟତାରେ ଆୟୋଜିତ ହୋଇଥିଲା । ଶାମାଖୁଣ୍ଟା ବ୍ଲକର ରଙ୍ଗମାଟିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଅଧୀନରେ ଥିବା ବଡଶୋଲ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବଂ ଜଗନ୍ନାଥ ପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅନ୍ତର୍ଗତ କୁଣ୍ଡଳମଣୀ ଅଙ୍ଗନବାଡି କେନ୍ଦ୍ର-୨ ଅନୁଷ୍ଠିତ ଏହି ସଚେତନତା ଅଭିଯାନ ମୁଖ୍ୟତଃ ଯୁବତୀଙ୍କ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା । ଗର୍ଭନିରୋଧକ, ମହିଳା ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ମହିଳାଙ୍କ ନିଷ୍ପତ୍ତି ଗ୍ରହଣ ଏବଂ ମେଡିକାଲ୍ ଟର୍ମିନେସନ୍ ଅଫ୍ ପ୍ରେଗନାନ୍ସି ଆଇନ ଅଧୀନରେ ସୁରକ୍ଷିତ ଆଇନଗତ ଗର୍ଭସମାପ୍ତିସେବା ବିଷୟରେ ଆବଶ୍ୟକୀୟ ସୂଚନା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲା ।

୮ ଅକ୍ଟୋବର ୨୦୨୫ରେ ବଡ଼ସୋଲ ଉପକେନ୍ଦ୍ରରେ ଅନୁଷ୍ଠିତ ପ୍ରଥମ କାର୍ଯ୍ୟକ୍ରମରେ ୬୦ ରୁ ଅଧିକ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ ଏବଂ ଏହାର ଅଧ୍ୟକ୍ଷତା କରିଥିଲେ 'ସହଯୋଗ'ର ସମ୍ପାଦିକା ବିଜୟଲକ୍ଷ୍ମୀ ରାଉତରାୟ । ଲିପ୍ସାରାଣୀ ପ୍ରଧାନଙ୍କ ସ୍ୱାଗତ ପରେ, ସିଏଚଓ ଜ୍ୟୋତିର୍ମୟୀ ତ୍ରିପାଠି ଯୁବତୀଙ୍କ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ ।





ଅନୁଷ୍ଠାନର ସମ୍ପାଦିକା ରାଉତରାୟ ତା'ପରେ ବିଭିନ୍ନ ପ୍ରଜନନ ପ୍ରସଙ୍ଗ ଉପରେ କେନ୍ଦ୍ରିତ ଆଲୋଚନାକୁ ପରିଚାଳନା କରିଥିଲେ, ଅସ୍ଥାୟୀ ଗର୍ଭନିରୋଧକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଅବାଞ୍ଛିତ ଗର୍ଭଧାରଣ କ୍ଷେତ୍ରରେ ନିରାପଦ ଏବଂ ଆଇନଗତ ସମାପ୍ତି ସେବା ପାଇବା ପାଇଁ ପ୍ରାଥମିକ ସମ୍ପର୍କ ଉପରେ ସ୍ପଷ୍ଟତା ପ୍ରଦାନ କରିଥିଲେ । ୯ ଅକ୍ଟୋବରରେ କୁଣ୍ଡଳମଣି ଅଙ୍ଗନବାଡି କେନ୍ଦ୍ରରେ ଅନୁଷ୍ଠିତ ଦ୍ୱିତୀୟ କାର୍ଯ୍ୟକ୍ରମରେ ଏହି ବାର୍ତ୍ତାକୁ ଆହୁରି ଦୃଢ଼ କରାଯାଇଥିଲା ଯେ ସୁରକ୍ଷିତ ଗର୍ଭସମାପ୍ତି ହେଉଛି ଏକ ମୌଳିକ ସ୍ୱାସ୍ଥ୍ୟ ସେବା ଏବଂ ଏହାର ସୁଗମତା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ । ଯାହାଫଳରେ ଅସୁରକ୍ଷିତ ଗର୍ଭସମାପ୍ତି ଜନିତ ମାତୃ ମୃତ୍ୟୁ ଏବଂ ସ୍ୱାସ୍ଥ୍ୟଗତ କଠିନତା କୁ ରୋକାଯାଇପାରିବ ।ଅଧିବେଶନରେ ଅଂଶଗ୍ରହଣକାରୀମାନଙ୍କୁ ପ୍ରଗତିଶୀଳ ଗଞ୍ଚଟ ସଂଶୋଧନ ଆଇନ ବିଷୟରେ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ, ଗୌରୀ ସିଂହ, ଚାନ୍ଦମଣି ସିଂହ, ଜାମିନୀ ସିଂହ, ମିଲି ବେହେରା, ହେମାବତୀ ବେହେରା ଏବଂ ଅନ୍ୟମାନେ ସେମାନଙ୍କର ମତାମତ ପ୍ରଦାନ କରିଥିଲେ । ଅଙ୍ଗନୱାଡି କର୍ମୀ ଗୌରୀମଣି ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# କୃଷି କ୍ଷେତ୍ର ପାଇଁ ୩୫,୪୪୦ କୋଟିର ଯୋଜନା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ ଏକ ସ୍ୱତନ୍ତ୍ର କୃଷି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସେ କୃଷକମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ।

ପ୍ରଧାନମନ୍ତ୍ରୀ ୩୫,୪୪୦ କୋଟି ଟଙ୍କା ବ୍ୟୟ ଅଟକଳରେ କୃଷି କ୍ଷେତ୍ରରେ ଦୁଇଟି ପ୍ରମୁଖ ଯୋଜନାର ଶୁଭାରମ୍ଭ କରିଥିଲେ । ସେ ୨୪,୦୦୦ କୋଟି ଟଙ୍କା ବ୍ୟୟରେ ପିଏମ ଧନ ଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିଥିଲେ । ସେ ମଧ୍ୟ ୧୧,୪୪୦ କୋଟି ଟଙ୍କା ବ୍ୟୟରେ ଡାଲି ଆତ୍ମନିର୍ଭରଶୀଳତା ମିସନର ଶୁଭାରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀ ମଧ୍ୟ କୃଷି, ପଶୁପାଳନ, ମାଛଚାଷ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ପାଇଁ ୫୪୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଏହା ସହିତ ସେ ଅତିରିକ୍ତ ୮୧୫ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଏହି ଅବସରରେ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ହେଉଛି ଭାରତ ମାତାର ଦୁଇ ମହାନ ସୁପୁତ୍ରଙ୍କ ଜୟନ୍ତୀ । ଏହି ଦୁଇଜଣ ଭାରତର ଗଣତାନ୍ତ୍ରିକ ଢାଞ୍ଚା ଏବଂ ଗ୍ରାମୀଣ ବିକାଶକୁ ପୁନଃପରିଭାଷିତ କରିଥିଲେ। ଜୟପ୍ରକାଶ ନାରାୟଣଜୀ ଏବଂ ନାନାଜୀ ଦେଶମୁଖଜୀ ଗ୍ରାମୀଣ ଭାରତର ସ୍ୱର ଥିଲେ ଏବଂ କୃଷକ ଏବଂ ଅବହେଳିତଙ୍କ ସଶକ୍ତିକରଣ ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ"।

ଭାରତର ବିକାଶ ଯାତ୍ରାରେ କୃଷି ଏବଂ କୃଷିକ୍ଷେତ୍ର ନିର୍ବାହ କରୁଥିବା କେନ୍ଦ୍ରୀୟ ଭୂମିକା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଦେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ପୂର୍ବ ସରକାରମାନଙ୍କ ସମୟରେ କୃଷି କ୍ଷେତ୍ର ପ୍ରତି ବର୍ଷ ବର୍ଷ ଧରି ହେଉଥିବା ଅବହେଳା କଥା କହିଥିଲେ ଏବଂ ଭାରତର କୃଷକମାନଙ୍କୁ ସଶକ୍ତ କରିବା ପାଇଁ ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗତ ଏଗାର ବର୍ଷ ମଧ୍ୟରେ ଭାରତର କୃଷି ରପ୍ତାନି ପ୍ରାୟ ଦ୍ୱିଗୁଣିତ ହୋଇଛି। ଖାଦ୍ୟଶସ୍ୟ ଉତ୍ପାଦନ ପ୍ରାୟ ୯୦ ନିୟୁତ ମେଟ୍ରିକ୍ ଟନ୍ ବୃଦ୍ଧି ପାଇଛି। ଫଳ ଏବଂ ପନିପରିବା ଉତ୍ପାଦନ ୬୪ ନିୟୁତ ମେଟ୍ରିକ୍ ଟନରୁ ଅଧିକ ବୃଦ୍ଧି ପାଇଛି। ଭାରତ ଆଜି କ୍ଷୀର ଉତ୍ପାଦନରେ ବିଶ୍ୱରେ ପ୍ରଥମ ଏବଂ ମାଛ ଉତ୍ପାଦନରେ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ଅଛି। ୨୦୧୪ ତୁଳନାରେ ମହୁ ଉତ୍ପାଦନ ଦ୍ୱିଗୁଣିତ ହୋଇଛି ଏବଂ ସେହି ସମୟ ମଧ୍ୟରେ ଅଣ୍ଡା ଉତ୍ପାଦନ ମଧ୍ୟ ଦ୍ୱିଗୁଣିତ ହୋଇଛି।




ସେ ଆହୁରି କହିଛନ୍ତି ଯେ ଏହି ସମୟ ମଧ୍ୟରେ ଦେଶରେ ଛଅଟି ବୃହତ ସାର କାରଖାନା ସ୍ଥାପନ କରାଯାଇଛି। ଚାଷୀମାନଙ୍କୁ ୨୫ କୋଟିରୁ ଅଧିକ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ୧୦୦ ଲକ୍ଷ ହେକ୍ଟର ଚାଷ ଜମିରେ ଲଘୁ ଜଳସେଚନ ସୁବିଧା ପହଞ୍ଚିଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ, ଚାଷୀମାନଙ୍କୁ ୨ ଲକ୍ଷ କୋଟି ଟଙ୍କାର ବୀମା ଦାବି ବଣ୍ଟନ କରାଯାଇଛି। କୃଷକ ସହଯୋଗ ଓ ବଜାର ସଂଯୋଗ ବୃଦ୍ଧି ଲାଗି ଗତ ଏଗାର ବର୍ଷ ହେଲା ୧୦,୦୦୦ରୁ ଅଧିକ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଗଠନ କରାଯାଇଛି ।

"ଆମ 'ଷ୩୬ କା ଆଙ୍କଡ଼ା' କଥା ଶୁଣିଥିବା । ଦୁଇ ପକ୍ଷ ମଧ୍ୟରେ ଥିବା ଶତ୍ରୁତାକୁ ଦର୍ଶାଇବାକୁ ଏହି ପଙ୍କ୍ତିର ବ୍ୟବହାର କରାଯାଏ । ଆମେ ଏବେ ଏହାକୁ ଚ୍ୟାଲେଞ୍ଜ କରୁଛୁ ଓ ତାହାକୁ ବଦଳାଇବାକୁ ଚେଷ୍ଟା କରୁଛୁ" ମୋଦୀ କହିଥିଲେ । ପିଏମ ଧନ-ଧାନ୍ୟ କୃଷି ଯୋଜନାରେ ୩୬ଟି ସରକାରୀ ସ୍କିମକୁ ଏକ ସମନ୍ୱିତ ପ୍ରଣାଳୀରେ ଏକାଠି କରାଯାଉଛି । ତାହା ପ୍ରାକୃତିକ କୃଷି ଉପରେ ଜାତୀୟ ମିଶନ ହେଉ, ଦକ୍ଷ ଜଳସେଚନ ପାଇଁ 'ପ୍ରତି ବୁନ୍ଦା ଅଧିକ ଫସଲ' ଅଭିଯାନ ହେଉ, କିମ୍ବା ତୈଳବୀଜ ଉତ୍ପାଦନ ବୃଦ୍ଧି ପାଇଁ ତୈଳବୀଜ ମିଶନ ହେଉ, ଅନେକ ପଦକ୍ଷେପକୁ ଗୋଟିଏ ଛତା ତଳେ ସମନ୍ୱିତ କରାଯାଉଛି। "ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଅଧୀନରେ, ତୃଣମୂଳ ସ୍ତରରେ ନିରନ୍ତର ଯତ୍ନ ଏବଂ ରୋଗ ନିବାରଣ ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ପ୍ରାଣୀ ସ୍ୱାସ୍ଥ୍ୟ ଅଭିଯାନ ମଧ୍ୟ ଆରମ୍ଭ କରାଯିବ," ଶ୍ରୀ ମୋଦୀ କହିଛନ୍ତି।

ଶ୍ରୀ ମୋଦୀ କହିଥିଲେ "ଡାଲି ଆତ୍ମନିର୍ଭରଶୀଳତା ମିଶନ ଏହି ଚ୍ୟାଲେଞ୍ଜର ମୁକାବିଲା କରି ଦେଶକୁ ଡାଲି ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବ ଓ ପୁଷ୍ଟି-ସୁରକ୍ଷା ପ୍ରଦାନ କରିବ । ୧୧,୦୦୦ କୋଟି ଟଙ୍କାରୁ ଅଧିକ ନିବେଶ ସହିତ, ଡାଲି ଆତ୍ମନିର୍ଭରଶୀଳତା ମିଶନ ଚାଷୀମାନଙ୍କୁ ଯଥେଷ୍ଟ ସହାୟତା ପ୍ରଦାନ କରିବ।" ସେ କହିଥିଲେ ଯେ ଡାଲି ଚାଷ ହେଉଥିବା ଅଞ୍ଚଳକୁ ୩.୫ ନିୟୁତ ହେକ୍ଟରକୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ଏହି ମିଶନ ଅଧୀନରେ, ହରଡ଼, ବିରି ଓ ମସୁର ଡାଲିର ଉତ୍ପାଦନ ବୃଦ୍ଧି କରାଯିବ ଏବଂ ଉପଯୁକ୍ତ କ୍ରୟ ବ୍ୟବସ୍ଥା ସୁନିଶ୍ଚିତ କରାଯିବ। ଏହା ଦେଶ ସାରା ପ୍ରାୟ ୨୦ ନିୟୁତ ଡାଲି ଉତ୍ପାଦନକାରୀ ଚାଷୀଙ୍କୁ ସିଧାସଳଖ ଲାଭ ଦେବ।

ପ୍ରଧାନମନ୍ତ୍ରୀ ପ୍ରାକୃତିକ କୃଷିକୁ ପ୍ରୋତ୍ସାହିତ କରିବାରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମଧ୍ୟ ଆଲୋକପାତ କରିଥିଲେ। । ମୋଦୀ କହିଥିଲେ, "ଏହି ସ୍ଥାୟୀ ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ୧୭,୦୦୦ରୁ ଅଧିକ ସମର୍ପିତ କ୍ଲଷ୍ଟର ପ୍ରତିଷ୍ଠା କରାଯାଇଛି। ଏହା ସହିତ, ପ୍ରାୟ ୭୦,୦୦୦ ପ୍ରଶିକ୍ଷିତ 'କୃଷି ସଖୀ' ପ୍ରାକୃତିକ ଏବଂ ପରିବେଶ ଅନୁକୂଳ କୃଷି ପ୍ରଣାଳୀ ଗ୍ରହଣ କରିବାକୁ ଚାଷୀମାନଙ୍କୁ ସକ୍ରିୟ ଭାବରେ ମାର୍ଗଦର୍ଶନ କରୁଛନ୍ତି।"

## ପୋଲିସ ଟ୍ରେନିଂ ସେଣ୍ଟରରେ ଆତ୍ମଘାତୀ ଆକ୍ରମଣ

# ୭ ପୋଲିସ, ୬ ଆତଙ୍କୀ ନିହତ

ନୂଆଦିଲ୍ଲୀ: ଅଶାନ୍ତ ହୋଇପଡ଼ିଛି ପାକିସ୍ତାନ। ଲାହୋରରେ ବିକ୍ଷୋଭ ଚାଲିଥିବା ବେଳେ ଖାଇବର ପାଖତୁନଖ୍ୱାରେ ଆତଙ୍କବାଦୀ ହମଲା ହୋଇଛି। ଏଠାରେ ଥିବା ଗୋଟିଏ ପୁଲିସ୍ ଟ୍ରେନିଂ ସେଣ୍ଟର ସ୍କୁଲରେ ଆତ୍ମଘାତୀ ହମଲା ପରେ ୫ ଘଣ୍ଟା ଧରି ହୋଇଛି ଗୁଳି ବିନିମୟ। ଆତ୍ମଘାତୀ ହମଲା ଓ ଗୁଳି ବିନିମୟ ଯୋଗୁ ବର୍ତ୍ତମାନ ସୁଦ୍ଧା ୭ ଜଣ ପୁଲିସ୍ କର୍ମଚାରୀ ଓ ୬ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି।

ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଡେରା ଇସ୍ମାଇଲ ଖାନ ଜିଲ୍ଲାରେ ଥିବା ରାଟ୍ଟା କୁଲାଚି ପୁଲିସ୍ ଟ୍ରେନିଂ ସ୍କୁଲରେ ପ୍ରଥମେ ଆତ୍ମଘାତୀ ହମଲା ହୋଇଥିଲା। ଶୁକ୍ରବାର ରାତିରେ ଆତଙ୍କବାଦୀମାନେ ବିସ୍ଫୋରକ ଖଚିତ ଟ୍ରକ ଦ୍ୱାରା ପୁଲିସ୍ ଟ୍ରେନିଂ ସ୍କୁଲର ମୁଖ୍ୟ ଫାଟକରେ ବିସ୍ଫୋରକ କରିଥିଲେ। ଏହାପରେ ସେମାନେ ଟ୍ରେନିଂ ସ୍କୁଲ ଭିତରେ ପ୍ରବେଶ କରି ଯାଇଥିଲା। ଏହି ସମୟରେ ଆତଙ୍କବାଦୀ ଓ ପୁଲିସ୍ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ଆତଙ୍କବାଦୀମାନେ ଗ୍ରେନେଡ ମାଡ଼ ମଧ୍ୟ କରିଥିଲେ। ଶୁକ୍ରବାର ରାତି ସୁଦ୍ଧା ୩ ଜଣ ଆତଙ୍କୀ ନିପାତ ହୋଇଥିବା ବେଳେ ଆଜି ଆଉ ୩ ଜଣଙ୍କ ମୃତ୍ୟୁ ହୋଇଛି। ଏବେ ବି ଆଉ କିଛି ଆତଙ୍କବାଦୀ ଟ୍ରେନିଂ ସ୍କୁଲ ପରିସରରେ ରହିଛନ୍ତି। ସେମାନଙ୍କୁ ନିପାତ କରିବା ପାଇଁ ଉଦ୍ୟମ ଜାରି ରହିଛି। ସେହିପରି ଆତଙ୍କବାଦୀଙ୍କ ମୁକାବିଲା ବେଳେ ୭ ଜଣ ପୁଲିସ୍ କର୍ମଚାରୀଙ୍କ ଜୀବନ ଯାଇଛି।ପ୍ରଥମେ ଜଣେ ପୁଲିସ୍ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ଆଉ ୬ ଜଣ ପ୍ରାଣ ହରାଇଛନ୍ତି। ସେହିପରି ଅନ୍ୟ ୧୩ ଜଣ ପୁଲିସ୍ କର୍ମଚାରୀ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ଆକ୍ରମଣ ଯୋଗୁ ସେଣ୍ଟରରେ ଥିବା ସମସ୍ତ ଟ୍ରେନି ଓ କର୍ମଚାରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଅପରେସନରେ ଏସଏସଜି କମାଣ୍ଡୋ, ଅଲ ବୁର୍ଖା ଫୋର୍ସ, ଏଲିଟି ଫୋର୍ସ ଓ ପୁଲିସ୍ କର୍ମଚାରୀମାନେ ସାମିଲ ହୋଇଛନ୍ତି।ଡେରା ଇସ୍ମାଇଲ ଖାନର ଡିପିଓ ସାହିବଜାଦା ସାଜଦ ଅହମଦ ଓ ଆରପିଓ ସୟିଦ ଅସଫାକ ବ୍ୟକ୍ତିଗତ ଭାବେ ପୂରା ଅପରେସନକୁ ପରିଚାଳନା କରୁଛନ୍ତି। ୫ ଘଣ୍ଟା ଧରି ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ହୋଇଛି। ଏହି ସମୟରେ ୬ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ନିକଟରୁ ଆତ୍ମଘାତୀ ହମଲା ପାଇଁ ବ୍ୟବହୃତ ବେଲ୍ଟ, ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ମିଳିଛି।

ଆକ୍ରମଣ ସମୟରେ ଟ୍ରେନିଂ ସ୍କୁଲରେ ୨୦୦ ଜଣ ଟ୍ରେନି, ପରାମର୍ଶଦାତା ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

## ବିହାର ବିଧାନସଭା ନିର୍ବାଚନ

# ଏନ୍‌ଡିଏର ଆସନ ବୁଝାମଣା ଚୂଡାନ୍ତ

ନୂଆଦିଲ୍ଲୀ, : ବିହାରର ଆଗାମୀ ବିଧାନସଭା ନିର୍ବାଚନ ଲାଗି ଏନ୍‌ଡିଏର ସହଯୋଗୀ ଦଳ ମଧ୍ୟରେ ଆସନ ବୁଝାମଣା ଏକ ରକମ ଚୂଡ଼ାନ୍ତ ହୋଇଛି। ଆସନ୍ତାକାଲି ଏନେଇ ବିଧିବଦ୍ଧ ଘୋଷଣା ହୋଇପାରେ। ବିହାର ବିଧାନସଭା ନିର୍ବାଚନ ଲାଗି ଆସନ ବୁଝାମଣା ପାଇଁ ଏନ୍‌ଡିଏର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚିରାଗ ପାସୱାନଙ୍କ ଏଲ୍‌ଜେପି (ଆର୍‌ଭି)କୁ ୨୬ଟି ଆସନ ମିଳିବାର ସମ୍ଭାବନା ଥିବାବେଳେ ଜିତେନ୍‌ରାମ୍ ମାଝୀଙ୍କ ହାମ୍‌କୁ ୭ ରୁ ୮ ଆସନ ଓ ଉପେନ୍ଦ୍ର ଖୁସୁଆଙ୍କ ଆର୍‌ଏଲ୍‌ଏମ୍‌କୁ ୭ଟି ଆସନ ମିଳିପାରେ।

ଏନ୍‌ଡିଏ ଆସନ ବୁଝାମଣା ଚୂଡ଼ାନ୍ତ ଲାଗି ଦିଲ୍ଲୀରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏନ୍‌ଡିଏର ସହଯୋଗୀ ଜେଡିୟୁ ଓ ଅନ୍ୟ ଦଳଗୁଡ଼ିକ କେତେ ଆସନରେ ଲଢ଼ିବେ ସେ ନେଇ ନିଷ୍ପତ୍ତି ହୋଇଛି। ତେବେ କୁହାଯାଉଛି ଯେ ଯଦି ବୁଝାମଣାରେ ସହଯୋଗୀମାନେ ରାଜି ନ ହୁଅନ୍ତି ତେବେ ହାମ୍ ୧୫ ରୁ ୨୦ ଆସନରେ ଲଢ଼ିପାରେ। ଅସହମତି ଘଟଣାକୁ ଏନ୍‌ଡିଏ ନେତାମାନେ ଅସ୍ୱୀକାର କରିଛନ୍ତି। ବିହାର ବିଜେପି ମୁଖ୍ୟ ଦିଲ୍ଲୀପ ଜୟଶ୍ୱାଲ କହିଛନ୍ତି ଯେ ଆସନ୍ତାକାଲି କିଏ କେତେ ଆସନରେ ଲଢ଼ିବେ ଓ ଟିକେଟ ବଣ୍ଟନ ଘୋଷଣା କରାଯିବ। ଏନ୍‌ଡିଏରେ ସବୁକିଛି ଠିକ୍ ରହିଛି। ଆସନ ବଣ୍ଟନ ସୂତ୍ରକୁ ସମସ୍ତେ ଗ୍ରହଣ କରିଛନ୍ତି । ତେବେ ମିଳିଥିବା ସୂଚନା ଅନୁଯାୟୀ ଶ୍ରୀ ମାଝୀ ୧୫ ଆସନ ପାଇଁ ଦାବି କରୁଥିବାବେଳେ ଚିରାଗ ପାଶ୍ୱାନ ୨୫ରୁ ଅଧିକ ଆସନ ଦାବି କରିଛନ୍ତି। ମେଣ୍ଟର ମୁଖ୍ୟ ବଡ ସହଯୋଗୀ ଜେଡିୟୁ ଓ ବିଜେପି ଯଥାକ୍ରମେ ୧୦୨ ଓ ୧୦୧ ଆସନରେ ଲଢ଼ିପାରନ୍ତି। ବିହାର ବିଧାନସଭାରେ ଆସନ ସଂଖ୍ୟା ୨୪୩ ରହିଛି। ଆର୍‌ଏଲ୍‌ଏମ୍ ମୁଖ୍ୟ ଉପେନ୍ଦ୍ର ଖସୁଆ ମଧ୍ୟ ଆସନ ଚୂଡାନ୍ତ ନେଇ ଆଲୋଚନା ଚାଲିଥିବା କୁହାଯାଉଛି । ନଭେମ୍ବର ୬ ଓ ୧୧ରେ ଦୁଇ ପର୍ଯ୍ୟାୟରେ ବିହାର ବିଧାନସଭା ନିର୍ବାଚନ ହେବ।

# ଜେଲ ଆକାଉଣ୍ଟରୁ ୩୦ ଲକ୍ଷ ଲୁଟ୍

ଆଜମଗଡ଼: ଉତ୍ତରପ୍ରଦେଶର ଆଜମଗଡ଼ ଜେଲରେ ଏକ ବଡ ଅବହେଳାର ମାମଲା ସାମ୍ନାକୁ ଆସିଛି। ଜେଲ ପ୍ରଶାସନର ଅବହେଳାର ସୁଯୋଗ ନେଇ ଜଣେ କଏଦୀ ଜେଲର କାନାରା ବ୍ୟାଙ୍କ ଚେକବୁକ୍ ଗାଏବ କରିଦେଇଥିଲେ। ଜେଲରୁ ବାହାରିବା ପରେ, ସେ ଜେଲର ଆକାଉଣ୍ଟରୁ ପ୍ରାୟ ୩୦ ଲକ୍ଷ ଟଙ୍କା ଉଠାଇବା ପାଇଁ ସମାନ ଚେକବୁକ୍ ବହୁବାର ବ୍ୟବହାର କରିଥିଲେ। ରିପୋର୍ଟ ଅନୁଯାୟୀ, ବିଲାରିଆଗଞ୍ଜର ରାମଜିତ ଯାଦବ ଓରଫ ସଞ୍ଜୟ ତାଙ୍କ ପତ୍ନୀଙ୍କ ହତ୍ୟା ପାଇଁ ଜେଲ ଦଣ୍ଡ ଭୋଗୁଥିଲେ। ରାମଜିତଙ୍କୁ ଫେବୃଆରୀ ୨୪, ୨୦୨୩ ରେ ଜେଲ ଯାଇଥିବାବେଳେ ମେ ୨୦, ୨୦୨୪ରେ ଜାମିନରେ ମୁକୁଳିଥିଲେ। ଜେଲରୁ ମୁକୁଳିବା ସମୟରେ, ସେ ଜେଲର ସରକାରୀ ଆକାଉଣ୍ଟର କାନାରା ବ୍ୟାଙ୍କ ଶାଖାର ଚେକବୁକ୍ ଚୋରି କରିଥିଲେ, ଯାହା ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନାମରେ ଥିଲା।



ମୁକ୍ତ ହେବାର ପରଦିନ, ସେ ପ୍ରଥମ ଥର ପାଇଁ ୧୦୦୦୦ ଟଙ୍କା ଉଠାଇ ନେଇଥିଲେ। ତା'ପରେ ସେ ପର୍ଯ୍ୟାୟ ପରେ ପର୍ଯ୍ୟାୟରେ ଜାଲ ଦସ୍ତଖତ ବ୍ୟବହାର କରି ବ୍ୟାଙ୍କରୁ ଟଙ୍କା ଉଠାଇ ଚାଲିଥିଲେ, କିନ୍ତୁ ଜେଲ ପ୍ରଶାସନ ଅଜ୍ଞ ଥିଲା। ଜେଲ ସୁପରିଣ୍ଟେଣ୍ଡେଣ୍ଟ ଆଦିତ୍ୟ କୁମାର ସିଂହ ସେପ୍ଟେମ୍ବର ୨୨, ୨୦୨୫ରେ ଆଉ ୨,୬୦,୦୦୦ ଟଙ୍କା ଉଠାଇବା ସମୟରେ ଏହି ଘଟଣା ବିଷୟରେ ଅବଗତ ହୋଇଥିଲେ।ତା'ପରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ବରିଷ୍ଠ ଆକାଉଣ୍ଟାଣ୍ଟ ମୁଶିର ଅହମ୍ମଦଙ୍କୁ ପଚରାଉଚରା କରିଥିଲେ, ଯିଏ ଟଙ୍କା ଉଠାଣ ନେଇ ମନା କରିଥିଲେ। ଏହାପରେ ଏକ ବ୍ୟାଙ୍କ ଷ୍ଟେଟମେଣ୍ଟରୁ ଜଣାପଡିଥିଲା ଯେ ରାମଜିତ ଯାଦବ, ଯିଏ ନିଜକୁ ଠିକାଦାର ବୋଲି ଦାବି କରିଥିଲେ, ସେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଜାଲ ଦସ୍ତଖତ ବ୍ୟବହାର କରି ଆକାଉଣ୍ଟରୁ ଟଙ୍କା ଉଠାଉଥିଲେ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଜେଲ ସୁପରିଣ୍ଟେଣ୍ଡେଣ୍ଟ ପୋଲିସ ଷ୍ଟେସନରେ ଚାରି ଅଭିଯୁକ୍ତ ରାମଜିତ ଯାଦବ ଓରଫ ସଞ୍ଜୟ, ଶିବ ଶଙ୍କର ଓରଫ ଗୋରଖ, ବରିଷ୍ଠ ସହାୟକ ମୁଶିର ଅହମ୍ମଦ ଏବଂ ଚୌକିଦାର ଅବଧେଶ କୁମାର ପାଣ୍ଡେଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି। ପୋଲିସ ମାମଲା ରୁଜୁ କରିଛି ଏବଂ ବର୍ତ୍ତମାନ ଚାରି ଜଣଙ୍କୁ ହେପାଜତରେ ପଚରାଉଚରା କରୁଛି।

# ଯୁଦ୍ଧ ବିରତି ପରେ ଘରକୁ ଫେରୁଛନ୍ତି ଗାଜାବାସୀ

ଗାଜା : ଗାଜା ଶାନ୍ତି ଯୋଜନାର ପ୍ରଥମ ପର୍ଯ୍ୟାୟର ଅଂଶ ଭାବରେ ଇସ୍ରାଏଲ ଏବଂ ପାଲେଷ୍ଟାଇନୀ ଆତଙ୍କବାଦୀ ଗୋଷ୍ଠୀ ହମାସ ମଧ୍ୟରେ ଯୁଦ୍ଧବିରତି ଘୋଷଣା କରାଯାଇଛି। ଯୁଦ୍ଧବିରତି ପରେ ଇସ୍ରାଏଲୀ ସେନା ପଛକୁ ହଟି ଯାଉଥିବା ବେଳେ, ଦୁଇ ବର୍ଷର ଯୁଦ୍ଧ ପରେ ହଜାର ହଜାର ବିସ୍ଥାପିତ ପାଲେଷ୍ଟାଇନୀ ନାଗରିକ ଧ୍ୱଂସସ୍ତୁପରେ ପରିଣତ ହୋଇଥିବା ନିଜ ନିଜ ଘରକୁ ଫେରୁଛନ୍ତି ।

ଶୁକ୍ରବାର ବିସ୍ଥାପିତ ପାଲେଷ୍ଟାଇନୀ ପରିବାରମାନଙ୍କର ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା । ସେମାନେ ନିଜର ଜିନିଷପତ୍ର ବୋଝେଇ ସାଇକେଲଗୁଡ଼ିକୁ ଠେଲି ଠେଲି ଗାଜାର ଉପକୂଳ ରାଜପଥ ଦେଇ ଗାଜା ସହର ଆଡ଼କୁ ଆସୁଥିଲେ । ସେହିପରି ଅନେକ ଲୋକ ଗାଜାର ୨ୟ ବୃହତ୍ତମ ସହର ଖାନ ୟୁନିସଆଡ଼କୁ ମଧ୍ୟ ଫେରୁଥିବା ଦେଖାଯାଇଥିଲା। । ଉଭୟ ସହର ଇସ୍ରାଏଲର ଘନ ଘନ ଆକ୍ରମଣରେ ଧ୍ୱଂସସ୍ତୁପରେ ପରିଣତ ହୋଇଛି । ସହରର ସମସ୍ତ ଭିତ୍ତିଭୂମି, ଘର, କାର୍ଯ୍ୟାଳୟ ଆଦି ନଷ୍ଟ ହୋଇଯାଇଛି । ଫେରିଥିବା ଜଣେ ମଧ୍ୟବୟସ୍କ ବ୍ୟକ୍ତି ଅହମ୍ମଦ ଅଲ୍-ବ୍ରିମ୍ ତାଙ୍କ ଫେରିବା ବିଷୟରେ ମତାମତ ଦେଇ କହିଛନ୍ତି, "ଆମେ ଆମ ଅଞ୍ଚଳରେ ଫେରି ଆସିଛୁ, କିନ୍ତୁ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।" ଅହମ୍ମଦ କିଛି କାଠ ଖଣ୍ଡ ଧରି ତାଙ୍କ ସାଇକେଲ ଚଳାଇଥିଲେ,



ଯାହାକୁ ସେ ଥଣ୍ଡାରୁ ରକ୍ଷା କରିବା ପାଇଁ ଇନ୍ଧନ ଭାବରେ ବ୍ୟବହାର କରିବାକୁ ଚାହୁଁଥିଲେ। "ଆମର ପିନ୍ଧିବା ପାଇଁ କୌଣସି ପୋଷାକ ନାହିଁ। ଆମ ପାଖରେ ଥଣ୍ଡାରୁ ରକ୍ଷା କରିବା ପାଇଁ ଶୀତକାଳୀନ ପୋଷାକ ମଧ୍ୟ ନାହିଁ । ସବୁକିଛି ନଷ୍ଟ ହୋଇଗଲା," ଅହମ୍ମଦ କହିଥିଲେ।

# ନିଜ ଲୋକଙ୍କ ଉପରେ ଗୁଳି ଚଳାଇଲା ପାକିସ୍ତାନ

କରାଚୀ: ଜିହାଦ ମାନସିକତା ରଖିଥିବା ପାକିସ୍ତାନ ପୁଲିସ୍ ଓ ସେନା ନିଜ ଦେଶର ସାଧାରଣ ଲୋକଙ୍କୁ ମଧ୍ୟ ଛାଡ଼ୁ ନାହାନ୍ତି। ବିକ୍ଷୋଭ ଶୋଭାଯାତ୍ରା କରି ରାଜଧାନୀ ଇସଲାମାବାଦ ଅଭିମୁଖେ ଯାଉଥିବା ଲୋକଙ୍କ ଉପରେ ଆଖିବୁଜା ଗୁଳି ଚଳାଇଛି ପାକିସ୍ତାନ ପୁଲିସ।

ପୁଲିସ୍ ଓ ଇସଲାମିକ ସଂଗଠନ ତେହରୀକ-ଇ-ଲାବାଇକ ବା ଟିଏଲପି ମଧ୍ୟରେ ଆଜି ବି ଲାହୋରରେ ହିଂସାତ୍ମକ ସଂଘର୍ଷ ଦାଖିବିବାକୁ ମିଳିଛି। ବିକ୍ଷୋଭକାରୀମାନେ ଶୋଭାଯାତ୍ରା କରି ରାଜଧାନୀ ଅଭିମୁଖେ ଯାଉଛନ୍ତି। ସେମାନେ ସେଠାରେ ପାଲେଷ୍ଟାଇନ ସପକ୍ଷରେ ସମାବେଶ କରିବାକୁ ଯୋଜନା କରିଛନ୍ତି। ହେଲେ ସେମାନଙ୍କୁ ଅଧାରେ ଅଟକାଇବାକୁ ପୁରାଦମରେ ଲାଗି ପଡ଼ିଛି ପାକିସ୍ତାନ ପୁଲିସ୍ ଓ ସେନା।

ବିକ୍ଷୋଭକାରୀମାନେ ପଞ୍ଜାବ ପ୍ରଦେଶ ପୁଲିସ୍କୁ ଇସ୍ରାଏଲର ଗୁଣ୍ଡା ବୋଲି କହିଛନ୍ତି। ବିକ୍ଷୋଭକାରୀଙ୍କ ଉପରକୁ ପୁଲିସ୍ ଆଖିବୁଜା ଗୁଳି ଚଳାଇବାରୁ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ସଂଗଠନର ୫୦ରୁ ଅଧିକ ଲୋକ ଆହତ ହୋଇଥିବା ଟିଏଲପି କହିଛି।

ସଂଗଠନର ଜଣେ ପୁଲିସ୍ ବର୍ବରତା ସମ୍ପର୍କରେ ସୂଚନା ଦେଉଥିବା ବେଳେ ତାଙ୍କ ପଛ ପଟୁ ଗୁଳି ମାଡ଼ ହେଉଥିବାର ଭିଡିଓ ବି ସାମ୍ନାକୁ ଆସିଛି। ସେ କହିଛନ୍ତି, "୧୧ ଜଣ ଟିଏଲପି ଲୋକଙ୍କୁ ଆଜି ସକାଳୁ ଇତି ମଧ୍ୟରେ ହତ୍ୟା କରାଯାଇ ସାରିଲାଣି। ନିୟମିତ ଭାବେ ଗୁଳିମାଡ଼ ଚାଲିଛି।"

ଗାଜାରେ ଇସ୍ରାଏଲ ଚଳାଇଥିବା ନରସଂହାର ବିରୋଧରେ ଗୁରୁବାର ଠାରୁ ବିକ୍ଷୋଭ ଶୋଭାଯାତ୍ରା ଆରମ୍ଭ ହୋଇଛି। ଶନିବାର ଏହା ଭୟଙ୍କର ରୂପ ନେବା ସହ ବିକ୍ଷୋଭକାରୀଙ୍କ ଉପରେ ପୁଲିସ୍ ଏକାଧିକ ସ୍ଥାନରେ ଲୁହବୁହା ଗ୍ୟାସ, ପାଣି, ଲାଠି ଓ ଶେଷରେ ଗୁଳିମାଡ଼ କରିଛି। ଏହାର ଜବାବରେ ବିକ୍ଷୋଭକାରୀମାନେ ପୁଲିସ୍ ଉପରକୁ ପଥର ମାଡ଼ ବି କରିଛନ୍ତି। ଏଥିରେ ଏକାଧିକ ପୁଲିସ୍ କର୍ମଚାରୀ ଆହତ ହୋଇଥିବା ପାକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।ଲାହୋରର ଆଜାଦୀ ଚୌକ ଠାରେ ବିକ୍ଷୋଭ ହିଂସାତ୍ମକ ରୂପ ନେଇଛି। ଏଠାରେ ବିକ୍ଷୋଭକାରୀ ଏକାଧିକ ପୁଲିସ୍ ଗାଡ଼ିରେ ନିଆଁ ଲଗାଇ ଦେଇଛନ୍ତି। ଏଥିଯୋଗୁ ପୁଲିସ୍ କର୍ମଚାରୀ ଆହତ ହୋଇଛନ୍ତି। ଅନେକ ଅଞ୍ଚଳରେ ପୁଲିସ ବିକ୍ଷୋଭକାରୀଙ୍କୁ ଅଟକାଇବା ପାଇଁ ବ୍ୟାରିକେଡ, ଲୁହା ବାଡ଼ ଓ କଣ୍ଟେନର୍ସ ଖଞ୍ଜିଛି। କିଛି ସ୍ଥାନରେ ସଡ଼କ ପଥକୁ ଖୋଳୀ ମଧ୍ୟ ଦିଆଯାଇଛି।

ଟିଏଲପିର ମୁଖ୍ୟ ସାଦ ରିଜବୀଙ୍କ ନେତୃତ୍ୱରେ ହଜାର ହଜାର ଲୋକ ଇସଲାମାବାଦ ଅଭିମୁଖେ ଯାଉଛନ୍ତି। ସେମାନେ ସେଠାରେ ଆମେରିକା ଦୂତାବାସକୁ ଘେରାଉ କରିବାକୁ ଯୋଜନା କରିଛନ୍ତି।କିନ୍ତୁ ଇସଲାମାବାଦ ଠାରୁ ୩୭୦ କିମି ଦୂର ଲାହୋର ଠାରେ ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରାଯାଉଛି। ସ୍ଥିତିକୁ ଦେଖି ଆମେରିକା ଦୂତାବାସ ପକ୍ଷରୁ ନିଜ ଦେଶର ନାଗରିକଙ୍କୁ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି।

# ସାମରିକ ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ: ଚାଲିଗଲା ୧୮ ଜୀବନ

ନୂଆଦିଲ୍ଲୀ: ସାମରିକ ସାମଗ୍ରୀ ସହ ଜଡ଼ିତ ଗୋଟିଏ ପ୍ଲାଣ୍ଟରେ ଭୟଙ୍କର ବିସ୍ଫୋରଣ ହୋଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଏହାକୁ ଅନେକ କିମି ଦୂରରେ ଥିବା ଘରଗୁଡ଼ିକ ଦୋହଲି ଯାଇଛି। ସେହିପରି ୧୮ ଜଣଙ୍କ ମୃତ୍ୟୁ ହୋଇଛି।

ମୃତକଙ୍କ ମଧ୍ୟରେ ପ୍ଲାଣ୍ଟରେ କାମ କରୁଥିବା କର୍ମଚାରୀ ଓ କିଛି ସାଧାରଣ ଲୋକ ରହିଥିବା ଜଣାପଡ଼ିଛି। ଆମେରିକାର ଗ୍ରାମୀଣ ଟେନ୍ନେସେରେ ଥିବା ପ୍ଲାଣ୍ଟରେ ହଠାତ୍ ବିସ୍ଫୋରଣ ସମସ୍ତଙ୍କୁ ଆଚମ୍ବିତ କରିଦେଇଛି।

ରିପୋର୍ଟ ଅନୁସାରେ ସକାଳ ପ୍ରାୟ ୭.୪୫ରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଠାରେ ଆମେରିକା ସେନା ବାହିନୀ ପାଇଁ ବିସ୍ଫୋରକ ଓ ଗୁଳିଗୋଳାର ଉତ୍ପାଦନ ଏବଂ ପରୀକ୍ଷଣ କରାଯାଏ। ପ୍ଲାଣ୍ଟକୁ ଏଥିପାଇଁ ବୁସ୍କସନୋର୍ଟ ଅଞ୍ଚଳରେ ଥିବା ଗୋଟିଏ ଉପାନ୍ତ ସ୍ଥାନର ପାହାଡ଼ ଉପରେ ପ୍ରତିଷ୍ଠା କରାଯାଇଥିଲା।

ହେଲେ ଆଜି ସକାଳେ ସେଠାରେ ହୋଇଥିବା ବିସ୍ଫୋରଣ ଯୋଗୁ ଏହାର ପ୍ରଭାବ ୧୫ ମାଇଲ ଦୂର ଯାଏ ଅନୁଭୂତ ହୋଇଛି। ଏଥିରେ କିଛି ଲୋକଙ୍କ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଲୋକମାନେ ବିସ୍ଫୋରଣ ଯୋଗୁ ପୂରା ଥରି ଯାଇଛନ୍ତି। ବିସ୍ଫୋରଣ ପରେ ଧ୍ୱଂସାବଶେଷ ଅନେକ କିଛି କିମି ଯାଏ ଛିଟିକି ହୋଇ ପଡ଼ିଥିବା ଦେଖିବାକୁ ମିଳିଛି।



ପ୍ରାଥମିକ ଭାବେ ୧୯ ଜଣ ନିଖୋଜ ହୋଇଥିବା ଖବର ପ୍ରକାଶ ପାଇଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ ଏହି ସଂଖ୍ୟା ୧୮ କୁ ହ୍ରାସ କରାଯାଇଥିଲା। ୧୯ତମ ବ୍ୟକ୍ତି ଜଣଙ୍କ ଘଟଣା ସ୍ଥଳରେ ନୁହେଁ, ବରଂ ନିଜ ଘରେ ସୁରକ୍ଷିତ ଅବସ୍ଥାରେ ରହିଥିବା ଜଣାପଡ଼ିଛି।

ବିସ୍ଫୋରଣ ବେଳେ ସେଠାରେ ଉପସ୍ଥିତ ଥିବା ସମସ୍ତ ୧୮ ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନ ନିଶ୍ଚିତ କରିଛି। କିନ୍ତୁ ଏହା ମଧ୍ୟରେ କେତେ ଜଣ କର୍ମଚାରୀ ଓ କେତେ ଜଣ ସରଧାରଣ ଲୋକ, ସେକଥା ପ୍ରଶାସନ ସ୍ପଷ୍ଟ କରିନାହିଁ। ଏବେ କେଉଁ କାରଣ ପାଇଁ ବିସ୍ଫୋରଣ ହେଲା, ତା'ର ଯାଞ୍ଚ କରାଯାଉଛି। ଏହାବାଦ କ୍ଷୟକ୍ଷତିର ଆକଳ ମଧ୍ୟ ପ୍ରଶାସନ ପକ୍ଷରୁ କରାଯାଉଛି।

# ଫ୍ରାନ୍ସ ରାଜନୀତିରେ ହଲଚଲ୍

ନୂଆଦିଲ୍ଲୀ: ଫ୍ରାନ୍ସରେ ରାଜନୈତିକ ଉତ୍ତେଜନା ଶୀର୍ଷରେ ରହିଛି। ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ ତାଙ୍କର ନିଜ ସହଯୋଗୀ, ୩୯ ବର୍ଷୀୟ ମଧ୍ୟମୁଖୀ ନେତା ସେବାଷ୍ଟିଏନ୍ ଲେକୋର୍ନୁଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ପୁନଃନିଯୁକ୍ତ କରିଛନ୍ତି, ଯଦିଓ ଲେକୋର୍ନୁ କିଛି ଦିନ ପୂର୍ବରୁ ଇସ୍ତଫା ଦେଇଥିଲେ।

ଲେକୋର୍ନୁ କହିଛନ୍ତି ଯେ ସେ କର୍ତ୍ତବ୍ୟବୋଧରୁ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି ଏବଂ ତାଙ୍କର ଧ୍ୟାନ ଏବେ ଜାତୀୟ ବଜେଟ୍ ସମୟସୀମାରେ ପାସ୍ ହେବା ଏବଂ ସାଧାରଣ ଲୋକଙ୍କ ଦୈନନ୍ଦିନ ସମସ୍ୟାର ସମାଧାନ କରିବା ଉପରେ ରହିବ। ସେ ଜୋର ଦେଇ କହିଛନ୍ତି ଯେ ଆମକୁ ଏହି ରାଜନୈତିକ ସଙ୍କଟକୁ ଶେଷ କରିବାକୁ ପଡିବ ଯାହା ଫରାସୀ ଲୋକଙ୍କୁ ବିଚଳିତ କରୁଛି ଏବଂ ଦେଶର ପ୍ରତିଛବି ଏବଂ ସ୍ୱାର୍ଥକୁ କ୍ଷତି ପହଞ୍ଚାଉଛି।

ଅନ୍ୟପଟେ ମାକ୍ରନଙ୍କ ପଦକ୍ଷେପକୁ ଅତ୍ୟନ୍ତ ଅସାଧାରଣ ବୋଲି ବିବେଚନା କରାଯାଉଛି। ତାଙ୍କ ମଧ୍ୟବାଦୀ ଦଳର ସାଂସଦ ଶାନନ ସେବାନ ଦେଶରେ ସ୍ଥିରତା ବଜାୟ ରଖିବା ପାଇଁ ଏହାକୁ ଆବଶ୍ୟକ ବୋଲି କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ଶିକ୍ଷା ମନ୍ତ୍ରୀ ଏଲିଜାବେଥ ବୋର୍ନ କହିଛନ୍ତି ଯେ ଏହି ପଦକ୍ଷେପ ଫ୍ରାନ୍ସ ପାଇଁ ଏକ ଆପୋଷ ପାଇଁ ମୂଳଦୁଆ ପକାଇପାରେ। ତଥାପି, ବିରୋଧୀ ଦଳ ଏହି ନିଷ୍ପତ୍ତିରେ ଅସନ୍ତୁଷ୍ଟ। ମାରିନ୍ ଲେ ପେନଙ୍କ ଡାହାଣପନ୍ଥୀ ଜାତୀୟ ରାଲିର ସଭାପତି ଜୋର୍ଡାନ ବାର୍ଡେଲା ଏହାକୁ ଏକ ଉପହାସ ଏବଂ ଗଣତନ୍ତ୍ର ପ୍ରତି ଅପମାନ ବୋଲି କହିଛନ୍ତି। ସମାଜବାଦୀ ଏବଂ ସବୁଜ ଦଳର ନେତାମାନେ ମଧ୍ୟ ଆଶ୍ଚର୍ଯ୍ୟ ଏବଂ କ୍ରୋଧ ପ୍ରକାଶ କରିଛନ୍ତି।

ପ୍ରକୃତରେ, ଲେକୋର୍ନୁ ପୂର୍ବରୁ ଗାଦି ସମ୍ଭାଳିବାର ମାତ୍ର ୧୪ ଘଣ୍ଟା ମଧ୍ୟରେ ଇସ୍ତଫା ଦେଇଥିଲେ, ତାଙ୍କର ପ୍ରଥମ କ୍ୟାବିନେଟ ବୈଠକ କିମ୍ବା




ସଂସଦରେ ତାଙ୍କର ପ୍ରଥମ ଭାଷଣ ହରାଇଥିଲେ। ସରକାରରେ ଭିନ୍ନମତ ରାଜନୈତିକ ମତକୁ ଗ୍ରହଣ କରିବାକୁ ମନା କରିବା ନିଷ୍ପତ୍ତି ବିରୁଦ୍ଧରେ ପ୍ରତିବାଦ ମଧ୍ୟରେ ଏହି ଇସ୍ତଫା ଦିଆଯାଇଥିଲା। ତାଙ୍କ ପୂର୍ବବର୍ତ୍ତୀ ଫ୍ରାଙ୍କୋଇସ୍ ବେରୋ ମଧ୍ୟ ବଜେଟ୍ ହ୍ରାସ ଉପରେ ବିବାଦ ପରେ ଇସ୍ତଫା ଦେଇଥିଲେ।

ଲେକୋର୍ନୁ ପୂର୍ବରୁ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ଏବଂ ସାମରିକ ଖର୍ଚ୍ଚ ବୃଦ୍ଧି କରିବା ପାଇଁ ଜଣାଶୁଣା। ଗତ ବର୍ଷ ମଧ୍ୟରେ ଏହା ତୃତୀୟ ଥର ପାଇଁ ଫ୍ରାନ୍ସରେ ପ୍ରଧାନମନ୍ତ୍ରୀ ପରିବର୍ତ୍ତନ ହୋଇଛି। କାରଣ ହେଉଛି ଫ୍ରାନ୍ସ ସଂସଦ ତିନୋଟି ଗୋଷ୍ଠୀରେ ବିଭକ୍ତ – ବାମ, ଦକ୍ଷିଣ ଏବଂ ମଧ୍ୟପନ୍ଥୀ ଏବଂ କାହାରି ସ୍ପଷ୍ଟ ବହୁମତ ନାହିଁ।

ଲେକୋର୍ନୁ ଏବେ ନୂତନ ମୁହଁ ଏବଂ ଚିନ୍ତାଧାରା ସହିତ ଏକ ସ୍ଥିର ସରକାର ଗଠନ କରିବାକୁ ଚାପଗ୍ରସ୍ତ। ତାଙ୍କର ସବୁଠାରୁ ବଡ଼ କାର୍ଯ୍ୟ ହେଉଛି ଆଗାମୀ ବର୍ଷର ବଜେଟ୍ ପାସ୍ କରିବା, କିନ୍ତୁ ରାଜନୈତିକ ଦଳ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଏବଂ ସରକାରୀ ଅସ୍ଥିରତା ଏହାକୁ କଷ୍ଟକର କରିଦିଏ। ଏହି ସମୟରେ, ମାକ୍ରୋନଙ୍କ ଲୋକପ୍ରିୟତା ଐତିହାସିକ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

# ଡିସେମ୍ବରରେ ଆଇପିଏଲ୍ ମିନି ଅକ୍ସନ୍

ନୂଆଦିଲ୍ଲୀ, ୧୧।୧୦(ଏଜେନ୍ସି) : ଆଇପିଏଲ୍ ୨୦୨୬ ମିନି ଅକ୍ସନ୍ ହେବ । ଚଳିତ ବର୍ଷ ଡିସେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଏହି ଅକ୍ସନ୍ ହୋଇପାରେ । ମିନି ଅକ୍ସନ ନେଇ କିଛି ଫ୍ରାଞ୍ଚାଇଜ୍ ବିସିସିଆଇ ଅଧିକାରୀଙ୍କ ସହ କଥା ହୋଇଛନ୍ତି । ଏହି କଥାବାର୍ତ୍ତା ପରେ ମିନି ଅକ୍ସନର ସମ୍ଭାବ୍ୟ ତାରିଖ ସମ୍ନାକୁ ଆସିଛି । ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍ ପକ୍ଷରୁ ଅଫିସିଆଲ୍ ଘୋଷଣା ହୋଇନାହିଁ। ଗତ ଦୁଇଟି ଅକ୍ସନ୍ ଦୁବାଇ ଓ ସାଉଦିଆରବରେ ହୋଇଥିଲା । ଏବେ ଭାରତରେ ମିନି ଅକ୍ସନ ଆୟୋଜନ କରିବାକୁ ବିସିସିଆଇ ଯୋଜନା କରିଛି । ଖେଳାଳି ରିଟେନ୍ ପାଇଁ ନଭେମ୍ବର ୧୫ ତାରିଖ ଯାଏ ଫ୍ରାଞ୍ଚାଇଜ୍‌ଗୁଡିକ ସମୟ ମିଳିବ । ଏହି ସମୟସୀମା ପରେ ସେମାନେ କେଉଁ ଖେଳାଳିଙ୍କୁ ରଖିବେ ଓ କେଉଁ ଖେଳାଳିଙ୍କୁ ଅକ୍ସନ ପୂର୍ବରୁ ରିଲିଜ୍ କରିବେ ତାହାର ନିଷ୍ପତ୍ତି ନେବେ । ଅଧିକାଂଶ ଫ୍ରାଞ୍ଚାଇଜ୍ ସେମାନଙ୍କର କୋରର କୌଣସି ସଦସ୍ୟଙ୍କୁ ଛାଡିବା ସପକ୍ଷରେ ନାହାଁନ୍ତି । ରାଜସ୍ଥାନ ରୟାଲ୍ସ ସଞ୍ଜୁ ସାମସନଙ୍କୁ ଟ୍ରେଡ୍ କରିପାରେ । ସେହିପରି ୱାନିନ୍ଦୁ ହସରଙ୍ଗା ଓ ମହେଶ ଥେକସାନାଙ୍କୁ ରିଲିଜ୍ କରିବାକୁ ଯୋଜନା କରୁଛି ରାଜସ୍ଥାନ । କିନ୍ତୁ ରାଜସ୍ଥାନକୁ କୁମାର ସାଙ୍ଗାକାରା ଫେରିବାକୁ ଥିବାରୁ ଏହି ରିଲିଜ୍ ଯୋଜନାରେ ପରିବର୍ତ୍ତନ ହୋଇପାରେ । ଆଇପିଏଲ୍ ଇତିହାସର ତୃତୀୟ ଦାମି ଖେଳାଳି ଭେଙ୍କଟେସ୍ ଆୟରଙ୍କୁ ମଧ୍ୟ କୋଲକାତା ରିଲିଜ୍ କରିପାରେ । ତାଙ୍କୁ ଦଳ ୨୩.୭୫ କୋଟି ଟଙ୍କାରେ କିଣି ଘାଟାରେ ପଡିଥିଲା । ମିନି ଅକ୍ସନରେ କାମେରନ୍ ଗ୍ରିନ୍ ସାମିଲ ହେବେ । ଆହତ ସମସ୍ୟା ଯୋଗୁଁ ଆଇପିଏଲ୍ ୨୦୨୫ ଖେଳିପାରିନଥିଲେ ।

# ଏସୀୟ ଟେବୁଲ୍ ଟେନିସ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୧୦ (ସବ୍ୟୁ) : ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଥଲେଟିକ୍ ସେଣ୍ଟର ଠାରେ ୨୮ ତମ ଆଇଆଇଟିଏଫ୍ ଏଟିଟିୟୁ ଏସିଆ ଟେବୁଲ୍ ଟେନିସ୍ ଚାମ୍ପିଅନସିପ୍ ଆରମ୍ଭ ହୋଇଛି । ପ୍ରଥମ ଦିନ ଆୟୋଜକ ଭାରତ ସମେତ ଶୀର୍ଷ ଦଳ ଗୁଡିକର ପ୍ରଦର୍ଶନ ଦେଖିବାକୁ ମିଳିନଥିଲା । କିନ୍ତୁ ଏସିଆର ପ୍ରମୁଖ ମହାଦେଶୀୟ ଇଭେଣ୍ଟକୁ ପ୍ରଭାବିତ କରୁଥିବା ଶକ୍ତି ଓ ଭାବନାର ସ୍ୱାଦ ମିଳିଥିଲା । ପ୍ରଥମ ଦିନ ଦଳଗତ ପର୍ଯ୍ୟାୟର ଏକାଧିକ ମୁକାବିଲା ଅନୁଷ୍ଠିତ ହୋଇଛି । ପୁରୁଷ ବିଭାଗରେ କାଜାକସ୍ଥାନ ଗ୍ରୁପ୍ ଏ ରେ ଶକ୍ତିଶାଳୀ ପ୍ରଦର୍ଶନ ଦେଖାଇଥିଲା । ଦଳର ତାରକା ଖେଳାଳି ଆଲାନ୍ କୁମାଙ୍ଗ ଲିଏଭ ଓ ସାନଝାରଝୁବାନୋଭ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରିଦଳକୁ ୨-୦ରେ ବିଜୟୀ କରିଥିଲେ । ଶ୍ରୀଲଙ୍କା ବିଜୟର ଅଭିଯାନ ଆରମ୍ଭ କରିଛି । ମାଳଦୀପ ୧-୩ ବ୍ୟବଧାନରେ ମଙ୍ଗୋଲିଆ ନିକଟରୁ ହାରି ଯାଇଛି । ମହିଳା ବର୍ଗର ଏକ ମୁକାବିଲାରେ ମାକାଉ ୩-୨ ବ୍ୟବଧାନରେ ଉଜବେକିସ୍ଥାନକୁ ପରାଜିତ କରିଥିଲା । ଅନ୍ୟ ମାଚ୍ ଗୁଡିକାରେ (ପୁରୁଷ) ଉଜବେକିସ୍ଥାନ ୩-୦ରେ ଓମାନକୁ, ସିଙ୍ଗାପୁର ୩-୦ରେ ଓମାନକୁ, ଡିପିଆର କୋରିଆ ୩-୦ରେ ମାକାଉ ଏବଂ ମାଲେସିଆ ୩-୦ରେ ମାକାଉକୁ ପରାଜିତ କରିଛି । ଗ୍ରୁପ୍ ପର୍ଯ୍ୟାୟରେ ଥାଇଲାଣ୍ଡ ବିପକ୍ଷରେ ବାଂଲାଦେଶ ୩-୦, କାତାର ବିପକ୍ଷରେ ନେପାଳ ୩-୧, ଥାଇଲାଣ୍ଡ ବିପକ୍ଷରେ ନେପାଳ ୩-୦ ଏବଂ କାତାର ବିପକ୍ଷରେ ବାଂଲାଦେଶ ୩-୦ ବିଜୟ ଲାଭ କରିଛନ୍ତି । ମହିଳା ବର୍ଗରେ ଶ୍ରୀଲଙ୍କା , ଥାଇଲାଣ୍ଡ, କାଜାକସ୍ଥାନ, ସିଙ୍ଗାପୁର, ଚାଇନିଜ୍ ତାଇପେୟୀ, ନେପାଳ, କିରଗିଜସ୍ଥାନ ଓ ମାଲେସିଆ ବିଜୟ ଲାଭ କରିଛନ୍ତି ।



## ଦ୍ୱିତୀୟ ଟେଷ୍ଟ

### ଶତକବୀର ଗିଲ, ଜୟସ୍ୱାଲ

# ଦୃଢ଼ ସ୍ଥିତିରେ ଭାରତ, ଇଣ୍ଡିଜ୍‌ର ସଂଘର୍ଷ ଜାରି

ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି) : ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଜାରି ରହିଥିବା ଭାରତ -ଇଣ୍ଡିଜ୍ ଦ୍ୱିତୀୟ ଟେଷ୍ଟର ରୋମାଞ୍ଚ ବଢିଛି । ପ୍ରଥମ ଓ ଦ୍ୱିତୀୟ ଦିନ ଭାରତ ପାଇଁ ଶତକବୀର ସାଜିଛନ୍ତି ଯଶସ୍ୱୀ ଜୟସ୍ୱାଲ, ଅଧିନାୟକ ଶୁଭମନ୍ ଗିଲ । ଉଭୟଙ୍କ ଶତକୀୟ ଇନିଂସ ଯୋଗୁଁ ଭାରତ ୧୩୪.୨ ଓଭରରେ ୫୧୮/୫ ରନ୍ କରି ପାଳି ଘୋଷଣା କରିଥିଲା । ଦ୍ୱିତୀୟ ଦିନର ଦ୍ୱିତୀୟ ଓ ତୃତୀୟ ଅଧିବେଶନରେ ଇଣ୍ଡିଜକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି ଭାରତୀୟ ବୋଲର । ଷ୍ଟମ୍ପ୍ ଅପସାରଣ ବେଳକୁ ଇଣ୍ଡିଜ୍ ୪୩ ଓଭରରେ ୪ ୱିକେଟ୍ ହରାଇ ୧୪୦ ରନ୍ କରିଛି । ପ୍ରଥମ ଟେଷ୍ଟ ଭଳି ଦିଲ୍ଲୀରେ ମଧ୍ୟ ଇଣ୍ଡିଜ୍ ପୁଣି ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମ୍ୟାଚ ବଞ୍ଚାଇବାକୁ ସଂଘର୍ଷ ଜାରି ରଖିଛି । ସାଇହୋପ୍ ୩୧ ଓ ତେଭିନ୍ ଇମଲାଜ ୧୪ ରନ୍ କରି ଅପରାଜିତ ଅଛନ୍ତି । ଭାରତର ରବିନ୍ଦ୍ର ଜାଡେଜାଙ୍କୁ ସର୍ବାଧିକ ୩ ୱିକେଟ୍ ସଫଳତା ମିଳିଛି । କୁଲଦୀପ ଯାଦବଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଛି ।

ପ୍ରଥମ ଇନିଂସରେ ଭାରତ ୩୧୮/୨ ରନ୍ କରିଥିଲା । ଯଶସ୍ୱୀ ଜୟସ୍ୱାଲ ୧୭୩ ଓ ଶୁଭମନ୍ ଗିଲ୍ ୨୦ ରନ୍ କରି ଅପରାଜିତ ଥିଲେ । ଦ୍ୱିତୀୟ ଦିନ ପ୍ରଥମ ଅଧିବେସନ ଆରମ୍ଭରୁ ଭାରତକୁ ଝଟକା ଲାଗିଥିଲା ।ଓପନର ଜୟସ୍ୱାଲ୍ ବ୍ୟକ୍ତିଗତ ସ୍କୋରରେ ମାତ୍ର ୨ ରନ୍ ଯୋଡି ରନ୍ ଆଉଟ୍ ହୋଇଥିଲେ । କିନ୍ତୁ ଅଧିନାୟକ ଶୁଭମନ୍ ଗିଲ୍‌ଙ୍କ ଶତକୀୟ ଯାତ୍ରା ଜାରି ରହିଥିଲା । ଗିଲ୍ ପାଳି ଶେଷ ଘୋଷଣା ହେବା ପର୍ଯ୍ୟନ୍ତ ଅପରାଜିତ ରହି ୧୯୬ ବଲରୁ ୧୬ ଚୌକା ଓ ଦୁଇଟି ଛକା ସହାୟତାରେ ୧୨୯ ରନ୍ କରିଥିଲେ । ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀ ୫୪ ବଲରୁ ୪୩ ରନ୍ କରିଥିଲେ । ଧ୍ରୁବ ଜୁରେଲ୍ ୪୪ ରନ୍ କରି ଆଉଟ୍ ହେବା ପରେ ଭାରତୀୟ ପାଳି ଶେଷ ଘୋଷଣା ହୋଇଥିଲା । ପୂର୍ବରୁ ଲୋକେଶ ରାହୁଲ ୩୮ ଓ ସାଇ ସୁଦର୍ଶନ ୮୭ ରନ୍ କରିଥିଲେ । ଇଣ୍ଡିଜ୍‌ର ଜୋମେଲ ୱାରିକାନ୍ ୩ ଟି ଓ ରଷ୍ଟନ୍ ଚେଜ୍ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ ।

ୱେଷ୍ଟଇଣ୍ଡିଜ୍ ପ୍ରଥମ ପାଳି ବ୍ୟାଟିଂ ଆରମ୍ଭ କରିଥିଲା । ୭.୨ ଓଭରରେ ଓପନ୍‌ର ଜନ କ୍ୟାମ୍ବେଲ ୧୦ ରନ୍ କରି ପାଭିଲିୟନ୍ ଫେରିଥିଲେ । ଦଳୀୟ ସ୍କୋର ୨୧ ରନ୍ ବେଳେ ଇଣ୍ଡିଜ୍‌କୁ ପ୍ରଥମ ଝଟକା ଲାଗିଥିଲା । ଦ୍ୱିତୀୟ ୱିକେଟ୍ ପାଇଁ ୬୬ ରନ୍‌ର ପାର୍ଟନରସିପ୍ ହୋଇଥିଲା । ତାଜେନାରିନ୍ ଚନ୍ଦ୍ରପଲ୍ ୩୪, ଆଲିକ ଆଥାଞ୍ଜେ ୪୧ ରନ୍ କରି ଆଉଟ୍ ହୋଇଥିଲେ । ଷ୍ଟମ୍ପ ଅପସାରଣ ବେଳକୁ ସାଇ ହୋପ୍ ୪୬ ବଲରୁ ୩୧ ଏବଂ ତେଭିନ୍ ଇମଲାଚ ୩୧ ବଲରୁ ୧୪ ରନ୍ କରି ଅପରାଜିତ ଥିଲେ । ଅରୁଣ ଜେଟଲି ଷ୍ଟାଡିୟମରୁ ଦ୍ୱିତୀୟ ଦିନରୁ ହିଁ ସ୍ପିନରଙ୍କୁ ଭଲ ଟର୍ଣ୍ଣ ମିଳିଛି । କାରଣ ଭାରତର ଦୁଇ ଦ୍ରୁତ ବୋଲର ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କୁ ୱିକେଟ୍ ସଫଳତା ମିଳିନଥିବା ବେଳେ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବଙ୍କୁ ୱିକେଟ୍ ସଫଳତା ମିଳିଛି । ଜାଡେଜା ୧୪ ଓଭର ବୋଲିଂ କରି ୩ ଟି ମେଡେନ୍ ସହ ୩୭ ରନ୍ ବ୍ୟୟରେ ୩ୱିକେଟ୍ ଅକ୍ତିଆର କରିଛନ୍ତି । କୁଲଦୀପ ଯାଦବ ୧୨ ଓଭର ବୋଲିଂ କରି ଗୋଟିଏ ୱିକେଟ୍ ସଫଳତା ପାଇଛନ୍ତି । ଏହି ଶୃଙ୍ଖଳାରେ ଭାରତ ୧-୦ରେ ଅଗ୍ରଣୀ ରହିଛି ।



# ସିକେ ନାୟୁଡୁ ଟ୍ରଫି : ଓଡିଶା ଦଳରେ ଅନୁଗୁଳର ୩

ଅନୁଗୁଳ, ୧୧।୧୦(ସବ୍ୟୁ) : ୨୩ ବର୍ଷରୁ କମ୍ ସିକେ ନାୟୁଡ ଟ୍ରଫି ନିମନ୍ତେ ଘୋଷଣା ହୋଇଥିବା ୧୫ ଜଣିଆ ଓଡିଶା ଦଳରେ ଅନୁଗୁଳର ୩ ଜଣ ପ୍ରତିଭା ସ୍ଥାନ ପାଇଛନ୍ତି । ଏମାନେ ହେଲେ ସଶାଙ୍କ ପାନାକଲ, ଶ୍ରେୟସ ଭରଦ୍ୱାଜ୍ ଏବଂ ଆୟୁଶ ବାରିକ ଏହି ୩ ଜଣ ଖେଳାଳି ଗତ ରାଜ୍ୟସ୍ତରୀୟ ବିଭିନ୍ନ ଟୁର୍ଣ୍ଣାମେଣ୍ଟରେ ଭଲ ଖେଳ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟିକୁ ଆସିଥିଲେ । ଅନୁଗୁଳ କ୍ରିକେଟ୍ ଆସୋସିଏସନ୍ ସଭାପତି ପ୍ରତାପ ପ୍ରଧାନ, ଉପସଭାପତି ପ୍ରଭାତ କୁମାର ସିହ୍ନାଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଏହି ୩ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଶ୍ୱେତପର୍ଣ୍ଣା ପାଇବେ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୧୧।୧୦(ସବ୍ୟୁ) : ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବ୍ୟାଡମିଣ୍ଟନ ଖେଳାଳି ଶ୍ୱେତପର୍ଣ୍ଣା ପଣ୍ଡା ୨୦୨୫ ବର୍ଷ ପାଇଁ ସମ୍ମାନଜନକ ଏକଲବ୍ୟ ପୁରସ୍କାର ପାଇବେ । ଏକଲବ୍ୟ ପୁରସ୍କାର ଜୁରି କମିଟି ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି । ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ଶ୍ୱେତପର୍ଣ୍ଣା ପଣ୍ଡା ୩୩ତମ ଏକଲବ୍ୟ ପୁରସ୍କାର ଗ୍ରହଣ କରିବେ । ପୁରସ୍କାର ଅଂଶ ସ୍ୱରୂପ ତାଙ୍କୁ ନଗଦ ୭ ଲକ୍ଷ ଟଙ୍କା ଏବଂ ଏକ ଟ୍ରଫି ପ୍ରଦାନ କରାଯିବ । ଶ୍ୱେତପର୍ଣ୍ଣାଙ୍କ ସହ ଭାରୋତ୍ତୋଳନକାରୀ ପ୍ରୀତିସ୍ମିତା ଭୋଇ ଓ ଟେନିସ୍ ଖେଳାଳି ଆହାନଙ୍କୁ ସମ୍ମାନିତ କରାଯିବ । ନିଜ ନିଜ ଖେଳରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚକୋଟିର ପ୍ରଦର୍ଶନ ପାଇଁ ଏମାନଙ୍କୁ ସମ୍ମାନିତ କରାଯିବ । ଉଭୟଙ୍କୁ ଦେଢଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯିବ ।

ଭାରତର ପ୍ରମୁଖ ଫେରୋଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ପା ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ଗତ ୧୯୯୩ ମହିହାରୁ ଏକଲବ୍ୟ ପୁରସ୍କାର ଦିଆଯାଇ ଆସୁଅଛି । ଦୁଇ ବର୍ଷର ପ୍ରଦର୍ଶନକୁ ସମୀକ୍ଷା କରି ପ୍ରତି ବର୍ଷ ଓଡିଶାରୁ ଜଣେ ଲେଖାଏଁ ଯୁବ କ୍ରୀଡାବିତଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଅଛି । ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ୩ ଜଣ ଖେଳାଳିଙ୍କ ନାମ ଘୋଷଣା କରିବା ଅବସରରେ ଇମ୍ପ୍ୟାକ୍ଟର ଏକଲବ୍ୟ ପୁରସ୍କାର କମିଟି ଓ ଟ୍ରଷ୍ଟର ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା କହିଥିଲେ ଯେ, କ୍ରୀଡା କ୍ଷେତ୍ରରେ ଥିବା ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଇମ୍ପାକୁ ନିରନ୍ତର କାର୍ଯ୍ୟ କରି ଆସୁଅଛି ।



# ଜାତୀୟ ଜୁଜିଟସୁ : ଓଡିଶାକୁ ୧୪ ପଦକ

ଭୁବନେଶ୍ୱର, ୧୧।୧୦ (ସବ୍ୟୁ ) : ଉତ୍ତରପ୍ରଦେଶରେ ସାହାନପୁର ଠାରେ ଅନୁଷ୍ଠିତ ଜାତୀୟ ଜୁଜିଟସୁ ପ୍ରତିଯୋଗିତରେ ଦ୍ୱିତୀୟ ଦିନ ଓଡିଶାକୁ୧୪ଟି ପଦକ ମିଳିଛି ।ଏଥିରେ୪ଟି ସ୍ୱର୍ଣ୍ଣ, ୪ରୌପ୍ୟଓବ୍ରୋଞ୍ଜ ପଦକ ରହିଛି । ଅନ୍ତର୍ଜାତୀୟ ଖେଳାଳି ଅନୁପମା ସ୍ୱାଇଁ ସ୍ୱର୍ଣ୍ଣ ଜିତିଛନ୍ତି । ଏହି ପ୍ରତିଯୋଗିତରେ ଏହା ଅନୁପମାଙ୍କ ଦ୍ୱିତୀୟସ୍ୱର୍ଣ୍ଣ ।ସେହିଭଳି ରଞ୍ଜନ ମଙ୍ଗରାଜ, ସ୍ୱରାଜ ଜାନି ଏବଂ ଓମ୍ ପ୍ରକାଶ ପ୍ରଧାନ ସ୍ୱର୍ଣ୍ଣ ଜିତିଛନ୍ତି । ନିରୁପମା ସ୍ୱାଇଁ, ସିର୍ଦ୍ଧାଥ ଶଙ୍କର ମହନ୍ତ,କାହ୍ନା ସାହୁ ଏବଂ ସିର୍ଦ୍ଧାଥ ଭୂୟାଁ ରୌପ୍ୟ ଜିତିଛନ୍ତି । ଅଜିଜା ବେଗମ୍ ,ଅମରେଶ୍ୱର ସ୍ୱାଇଁ, ସିର୍ଦ୍ଧାଥ ବେହେରା, କାହ୍ନା ସାହୁ ପ୍ରମୁଖ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସମସ୍ତ କୃତି ପ୍ରତିଯୋଗୀଙ୍କୁ ଓଡିଶା ଜୁଜିଟସୁ ତରଫରୁ ଅଭିନନ୍ଦନ ଜଣାଯାଇଛି ।




# ବରିଷ୍ଠ ଜାତୀୟ ଗେଟ୍‌ବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୧୦(ସବ୍ୟୁ) : ତିନିଦିନିଆ ୧୮ ତମ ବରିଷ୍ଠ ଜାତୀୟ ଗେଟ୍‌ବଲ ଚାମ୍ପିଅନସିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟସାଣୀ, ପୂର୍ବତନ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, କାର୍ଯ୍ୟାଳୟ ସଂଗଠନର ନିର୍ଦ୍ଦେଶକ ସିଦାନନ୍ଦ ସ୍ୱାଇଁ, ଟିଟନ ସାହୁ, ଶକ୍ତି ରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।ସଞ୍ଜିତ କୁମାର ନାୟକ, ଫେଡେରେସନ୍‌ର ସାଧାରଣ ସମ୍ପାଦକ ପରିୱନ ମାନଓଟକର, ଉତ୍‌କଲ୍ ଆସୋସିଏସନ୍‌ର ସମ୍ପାଦକ ଅଜୟ ସୋଲଙ୍କର , ତପନ ମହାନ୍ତି, ଗୌତମ ବେହେରା, ଓଡିଶା ଗେଟ୍‌ବଲ୍ ଆସୋସିଏସନ୍ ସଭାପତି ରଞ୍ଜନ କୁମାର ନନ୍ଦ, ଉପସଭାପତି ବିଶ୍ୱଜିତ୍ ସ୍ୱାଇଁ, ବାସୁଦେବ ଓଝା, ବସନ୍ତ କୁମାର ବାଡୁ, ରାଜେନ୍ଦ୍ର କୁମାର ମହାରଣା ଏବଂ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ମହମ୍ମଦ ଆଜାମ୍ ଉପସ୍ଥିତ ରହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ପ୍ରତିଯୋଗିତାରେ ୧୪ ଟି ରାଜ୍ୟ ଅଂଶଗ୍ରହଣ କରିଛନ୍ତି ।


## ଆବଶ୍ୟକ

ବୟସ୍କ ଲୋକ କେୟାର, ବେବି କେୟାର ଓ ରୋଷେଇ ଘରକାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ।

ମୋ- 83394 88654

## ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


# ନେହରୁ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ପାଲଲହଡା, (ସବ୍ୟୁ) : ପାଲଲହଡା ଉପଖଣ୍ଡ ପେଟାମୁଣ୍ଡି ଗ୍ରାମ ପଞ୍ଚାୟତ ପେଟାମୁଣ୍ଡି ଗ୍ରାମର ନେହେରୁ ଯୁବକ ସଂଘ ଆନୁକୂଲ୍ୟରେ ଅନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ସର୍ବମୋଟ ଷୋହଳ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଖେଳ ତିନିଧରି ଚାଲୁ ରହିବ। ଉଦଘାଟନ ଦିବସରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ ଏବଂ ସ୍ୱତନ୍ତ୍ର ଅତିଥି ଭାବରେ ବରିଷ୍ଠ ନାଗରିକ ଭାସ୍କର ଚନ୍ଦ୍ର ନାୟକ, ଚୌଧୁରୀ ଖିଲାର, ସୁଦର୍ଶନ ନାୟକ, ତପନ ପଲେଇ, ନିରାକାର ଆପଟ , ବୁଲୁ ଆପଟ, ଟିଲୁ ଆପଟ,ବୁବୁ ନାୟକ ଯୋଗଦେଇଥିଲେ। କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ରେଫରୀ ଭୀମସେନ , ସନା , ମଖମଲ , ଖେଳ ପରିଚାଳନା କରିଥିଲେ।






Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି